ବର୍ଷ-୨୪, ସଂଖ୍ୟା-୨୫୭
ଭୁବନେଶ୍ୱର
୨୦ ଅକ୍ଟୋବର, ୨୦୨୪ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 257
Bhubaneswar
20 October, 2024 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଓଡ଼ିଶା ହେବ ଇଣ୍ଡଷ୍ଟ୍ରିଆଲ ହବ୍



**ମୁମ୍ବାଇ,୧୯।୧୦(ଏଜେନ୍ସି):** ଦାୟିତ୍ୱ ନେବାର ମାତ୍ର ୪ ମାସ ଭିତରେ ଓଡ଼ିଶାରେ ଶିଳ୍ପାୟନ, ପୁଞ୍ଜିନିବେଶ ଏବଂ ନିଯୁକ୍ତି ସୃଷ୍ଟି ଦିଗରେ ଇଏ ବିଜେପି ସରକାରଙ୍କ ବଡ଼ ପଦକ୍ଷେପ। ମୁମ୍ବାଇ ଇନଭେଷ୍ଟର୍ସ ମିଟର ଦ୍ୱିତୀୟ ଦିନରେ ବହୁ ହାଇ ପ୍ରୋଫାଇଲ୍ ଲୋକଙ୍କୁ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ। ବିଭିନ୍ନ ଶିଳ୍ପାନୁଷ୍ଠାନର ଚେୟାରମ୍ୟାନ୍, ଡିରେକ୍ଟର ଏବଂ ସିଇଓଙ୍କୁ ଭେଟିଛନ୍ତି ମୋହନ ମାଝୀ ଓ ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ। ୨୦୦ରୁ ଅଧିକ ନିବେଶକଙ୍କ ସହ ଆଲୋଚନା କରିଛନ୍ତି । ସେମାନଙ୍କ ସହ ମିଶି କରିଛନ୍ତି ରୋଡ଼ ସୋ । ଲକ୍ଷ୍ୟ ଚଳିତବର୍ଷ ଶିଳ୍ପାୟନ କ୍ଷେତ୍ରରେ ରାଜ୍ୟକୁ ୫ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ଆଣିବା।

ଓଡ଼ିଶାରେ ନିବେଶକଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାର ପ୍ରତିଶ୍ରୁତି ସହ ଆସନ୍ତା ଜାନୁଆରୀରେ ଭୁବନେଶ୍ୱରରେ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ଯୋଗଦେବାକୁ ନିବେଶକଙ୍କୁ ନିମନ୍ତ୍ରଣ କରିଛନ୍ତି ମୁଖ୍ୟମନ୍ତ୍ରୀ। କହିଛନ୍ତି ଆଗାମୀ ଦିନରେ ଓଡ଼ିଶା ହେବ ଇଣ୍ଡଷ୍ଟ୍ରିଆଲ୍ ହବ୍। କେବଳ ଖଣି ଆଧାରିତ ନୁହେଁ ଶିଳ୍ପର ଡାଇଭର୍ସିଫିକେସନ୍ ବା ବିବିଧତା ପାଇଁ ଖୋଲିବ ରାସ୍ତା। ପର୍ଯ୍ୟଟନ ଓ ଟେକ୍ସଟାଇଲ୍ କ୍ଷେତ୍ରରେ ଓଡ଼ିଶାକୁ ସମୃଦ୍ଧ କରିବାକୁ ନିବେଶକଙ୍କ ସହ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ। ମୁମ୍ବାଇରେ ଦୁଇ ଦିନ ଭିତରେ ମୁଖ୍ୟମନ୍ତ୍ରୀଙ୍କୁ ବ୍ୟକ୍ତିଗତ ବି ସାକ୍ଷାତ କରିଛନ୍ତି ଦେଶର ବହୁ ବଡ଼ ବଡ଼ ଉଦ୍ୟୋଗପତି। ଆଜି ଆଦିତ୍ୟ ବିର୍ଲା ଗ୍ରୁପର ଚେୟାରମ୍ୟାନ୍ କୁମାର ମଙ୍ଗଳମ୍ ବିର୍ଲା ମୋହନ ମାଝୀଙ୍କୁ ଭେଟି ଓଡ଼ିଶାରେ ନିବେଶ ସମ୍ପର୍କରେ ଆଲୋଚନା କରିଛନ୍ତି। ଅଭାଡା ଗ୍ରୁପ୍, ଜେଏମ୍ ବକ୍ସି ଗ୍ରୁପ୍ ମିତ୍ତଲ ନିପ୍ପନ ଗ୍ରୁପ୍, ପାର୍ଲେ ଏବଂ ଓ୍ୱାରି ଏନର୍ଜିଜ୍ ଗ୍ରୁପର ଚେୟାରମ୍ୟାନ୍, ସିଇଓ ଓ ନିର୍ଦ୍ଦେଶକମାନେ ବି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ସେହିପରି ଶୁକ୍ରବାର ବେଦାନ୍ତର ଅଧକ୍ଷ ଅନୀଲ୍ ଅଗ୍ରୱାଲ୍, ଜେଏସ୍‌ଡବ୍ଲ୍ୟୁ ଚେୟାରମ୍ୟାନ୍ ସଜ୍ଜନ ଜିନ୍ଦଲ, ଲକ୍ଷ୍ମୀ ଅର୍ଗାନିକ୍ ଇଣ୍ଡଷ୍ଟ୍ରିଜର ପରିଚାଳନା ନିର୍ଦ୍ଦେଶକ ରବି ଗୋଏଙ୍କା, ଓ୍ୱେଲସ୍ପନ୍ କମ୍ପାନୀର ବିଜୟ ଗୋଏଙ୍କା, ବାଲକ୍ରିଷ୍ଣ ଗୋଏଙ୍କା ସେହିପରି ଜିଓ ପ୍ଲାଟଫର୍ମ ଲିମିଟେଡ୍ ଏବଂ ରିଲାଏନ୍ସ ନ୍ୟୁ ସୋଲାର ଏନର୍ଜି ଲିମିଟେଡର ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟି ଓଡ଼ିଶାରେ ନିବେଶ ସମ୍ପର୍କରେ ଆଲୋଚନା କରିଥିଲେ।

# ୨୩ରୁ ପ୍ରବଳ ବର୍ଷା

**ଭୁବନେଶ୍ୱର,୧୯।୧୦ (ମହାଭାରତ):** କେନ୍ଦ୍ରୀୟ ଆଣ୍ଡାମାନ ସାଗରରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ। ଏହା ପ୍ରଭାବରେ ଆସନ୍ତା ୨୨ ତାରିଖ ବେଳକୁ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। କ୍ରମେ ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରି ଆହୁରି ତୀବ୍ର ବା ଘନୀଭୂତ ହେବ। ଏହାର ପ୍ରଭାବରେ ଆସନ୍ତା ୨୩ ତାରିଖରୁ ୩ ଦିନ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୨୩, ୨୪ ଓ ୨୫ ତାରିଖରେ ଉପକୂଳ ଓଡ଼ିଶା ସହ ପାର୍ଶ୍ୱବର୍ତ୍ତୀ ଜିଲ୍ଲା ଓ ଆଭ୍ୟନ୍ତରୀଣ ଓଡିଶାରେ ବି ପ୍ରବଳ ବର୍ଷାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ତେବେ ଏଯାଏଁ ବାତ୍ୟା ଉପରେ କୌଣସି ଆକଳନ କରାଯାଇନଥିବାବେଳେ ଲଘୁଚାପ ସୃଷ୍ଟି ହେବା ପରେ ହିଁ ଚିତ୍ର ସ୍ପଷ୍ଟ ହେବ ବୋଲି ସୂଚନା ଦିଆଯାଇଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂନା ଅନୁଯାୟୀ, ଆଜି ଉତ୍ତର ଆଣ୍ଡାମାନ ସାଗର ନିକଟରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ବାୟୁମଣ୍ଡଳର ଉପରି ଭାଗରେ ଏହା ୫.୮ କିମି ପର୍ଯ୍ୟନ୍ତ ବ୍ୟାପ୍ତ ରହିଛି। ଏହା ଧୀରେ ଧୀରେ ଉତ୍ତର ପଶ୍ଚିମ ଦିଗକୁ ଗତି କରି ଆସନ୍ତା ୨୧ ତାରିଖରେ ଏକ ଲଘୁଚାପ କ୍ଷେତ୍ରରେ ପରିଣତ ହେବ । ଏହା ଅବପାତର ରୂପ ନେଇ ସ୍ଥଳଭାଗ ମୁହାଁ ହୋଇପାରେ ବୋଲି ଆଇଏମ୍‌ଡି ପୂର୍ବାନୁମାନ କରିଛି। ତେବେ ଏହା କେଉଁଠି ସ୍ଥଳଭାଗ ଅତିକ୍ରମ କରିବ ଓ ଏହାର ରୂପରେଖ କେତେ ତୀବ୍ରତର ହେବ ସେ ନେଇ ଏବେ ସ୍ପଷ୍ଟ ହୋଇପାରିନି। ସେତେବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ। ଏହା ପ୍ରଭାବରେ ଉପକୂଳ ଓଡ଼ିଶା ସମେତ ଉତ୍ତର ଓଡ଼ିଶାରେ ବି ବର୍ଷାର ପରିମାଣ ଅଧିକ ରହିପାରେ ବୋଲି ପୁର୍ବାନୁମାନ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଲଘୁଚାପଜନିତ ବର୍ଷା ନେଇ କୌଣସି ଆକଳନ ହୋଇ ନ ଥିବା ବେଳେ ଟ୍ରାପ ଲାଇନ୍ ପ୍ରଭାବରେ ଦିନେ ଦୁଇ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ । ବିଶେଷ କରି ଉତ୍ତର, ଉତ୍ତର ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲାରେ ବର୍ଷା ଦେଖିବାକୁ ମିଳିପାରେ।

# ଜାନୁଆରୀ ୮ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ସମାବେଶ



**ଭୁବନେଶ୍ୱର,୧୯।୧୦ (ମହାଭାରତ):** ଆଗାମୀ ୨୦୨୫ ମସିହା ଜାନୁଆରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଓଡ଼ିଶାରେ ଅନୁଷ୍ଠିତ ହେବ ୧୮ ତମ ପ୍ରବାସୀ ଭାରତୀୟ ଦିବସ । ଏହି ସମାରୋହ ଆୟୋଜନ ପାଇଁ ଭାରତ ସରକାରଙ୍କ ବିଦେଶ ମନ୍ତ୍ରାଳୟ ତରଫରୁ ଦିଆଯାଇଥିବା ପ୍ରସ୍ତାବକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଏହି ସମାରୋହର ପ୍ରସ୍ତୁତି ସଂପର୍କରେ ଗତ ଗୁରୁବାର ଅପରାହ୍ଣରେ ଓଡ଼ିଶା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାସମୀକ୍ଷା କରିଛନ୍ତି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗଶ୍ରୀ ସତ୍ୟବ୍ରତ ସାହୁଙ୍କ ସମେତ ରାଜ୍ୟ ପ୍ରଶାସନର ସଂପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ସଚିବ ଏବଂ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ପ୍ରବାସୀ ଭାରତୀୟ ଦିବସ ପାଳନ ଆୟୋଜନ, ଭାରତ ସରକାରଙ୍କର ଏକ ପ୍ରମୁଖ କାର୍ଯ୍ୟକ୍ରମ। ଭାରତର ବିକାଶରେ ପ୍ରବାସୀ ଭାରତୀୟ ମାନଙ୍କର ଅବଦାନକୁ ସ୍ୱୀକୃତି ଦେବା ଏହାର ଉଦ୍ଦେଶ୍ୟ। ୧୯୧୫ମସିହା ଜାନୁଆରୀ ୯ ତାରିଖରେ ଜାତିର ଜନକ ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଭାରତକୁ ଫେରିଥିବା ସ୍ମୃତିରେ ପ୍ରବାସୀ ଭାରତୀୟ ଦିବସ ପ୍ରତି ବର୍ଷ ପାଳନ କରାଯାଇଥାଏ। ୨୦୦୩ରୁ ଏହା ପ୍ରତିବର୍ଷ ଅନୁଷ୍ଠିତ ହୋଇଆସିଥିବା ବେଳେ ୨୦୧୫ ପରଠାରୁ ଏହା ପ୍ରତି ୨ ବର୍ଷରେ ଥରେ ଅନୁଷ୍ଠିତ ହେଉଛି ଏବଂ ଅଦ୍ୟାବଧି ୧୭ ଥର ଏହା ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇସାରିଛି। ୨୦୨୩ରେ ଏହା ମଧ୍ୟପ୍ରଦେଶର ଇନ୍ଦୋର ସହରରେ ଅନୁଷ୍ଠିତ ହୋଇଥିବା ବେଳେ ୧୮ତମ ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱରର ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଛି।

# ଓଏଏସ୍ ରେଜଲ୍ଟ ପ୍ରକାଶିତ : ୬୮୩ ଜଣ କୃତକାର୍ଯ୍ୟ

**ଭୁବନେଶ୍ୱର,୧୯।୧୦ (ମହାଭାରତ):** ଆଜି ପ୍ରକାଶ ପାଇଛି ୨୦୨୨ ମସିହାର ଓଏଏସ୍ ରେଜଲ୍ଟ। ମୋଟ୍ ୬୮୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଟପ୍ ଟେନରେ ୫ ମହିଳା ଓ ୫ ପୁରୁଷ ରହିଛନ୍ତି। ଶ୍ୱେତାଶ୍ରୀ ମହାପାତ୍ର ଓଏଏସ୍ ଟପ୍ପର ହୋଇଛନ୍ତି।

ଦ୍ୱିତୀୟ ସ୍ଥାନରେ ପ୍ରିଙ୍କିଲ ପରବୀନ ପରିଡ଼ା, ତୃତୀୟ ସ୍ଥାନରେ ଦୀପ୍ତିରଞ୍ଜନ ପତି, ଚତୁର୍ଥ ସ୍ଥାନରେ ପ୍ରଜ୍ଞା ପାରଙ୍ଗମ, ପଞ୍ଚମ ସ୍ଥାନରେ ଆଜାଦ ସାହୁ, ଷଷ୍ଠ ସ୍ଥାନରେ ଦୀପମ ରାଉତ, ସପ୍ତମ ସ୍ଥାନରେ ଦେବବ୍ରତ ଗୌଡ଼, ଅଷ୍ଟମ ସ୍ଥାନରେ ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ, ନବମ ସ୍ଥାନରେ କପିଳ କୁମାର ମହାନ୍ତି ଓ ଦଶମ ସ୍ଥାନରେ ଅମ୍ରିତା ସାହୁ ରହିଛନ୍ତି।

ଟପ୍ପର ହୋଇଥିବା ଶ୍ୱେତାଶ୍ରୀ ମହାପାତ୍ରଙ୍କ ଘର ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଲୁଙ୍ଗା ପଞ୍ଚାୟତ ଉରୁଣିଅ। ଗାଁରେ। କିନ୍ତୁ ତାଙ୍କ ପରିବାର ଏବେ ଭଦ୍ରକ ସହର ସ୍ଥିତ ଅପର୍ତି ବିନ୍ଧା ନ୍ୟୁକଲୋନୀରେ ରହୁଛନ୍ତି। ଶ୍ୱେତାଶ୍ରୀଙ୍କ ବାପା ମୁକ୍ତିକାନ୍ତ ମହାପାତ୍ର ହେଉଛନ୍ତି ଜଣେ ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ। ମାଆ ଫେଜର ଗାର୍ଲସ ସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ରହିଛନ୍ତି। ଶ୍ୱେତାଶ୍ରୀ ଦୁର୍ଗାପୁର ନିଟ୍‌ରେ ବି-ଟେକ ଏବଂ ଏମ-ଟେକ କରିଥିଲେ। ପରେ ସେଠାରେ ସେ ଚାକିରୀ କରୁଥିଲେ। ପରବର୍ତ୍ତୀ ସମୟରେ ସେ ଚାକିରି ଛାଡି ଓଏଏସ୍ ପାଇଁ ପ୍ରସ୍ତୁତ ହୋଇ ପରୀକ୍ଷା ଦେଇଥିଲେ।

ଓଏଏସ୍ ଟପ୍ପର ଶ୍ୱେତାଶ୍ରୀ ମହାପାତ୍ର କହିଛନ୍ତି, ପ୍ରଥମ ଚେଷ୍ଟାରେ ସଫଳତା ପାଇ ବହୁତ ଖୁସି ଲାଗୁଛି। କଠିନ ପରିଶ୍ରମ କଲେ ନିଶ୍ଚିତ ସଫଳତା ମିଳିବ। ଦୈନିକ ୭ରୁ ୮ ଘଣ୍ଟା ପରିଶ୍ରମ କରୁଥିଲି। ଚାକିରି ଛାଡ଼ି ଓଏଏସ୍ ପାଇଁ ପ୍ରସ୍ତୁତି କରୁଥିଲି। ନିଟ୍ ଦୁର୍ଗାପୁରରେ ବିଟେକ୍ ପରେ ଚେଷ୍ଟା କରିଥିଲି। ଇଲେକ୍ଟ୍ରୋନିକ ଆଣ୍ଡ କମ୍ୟୁନିକେସନରେ ଇଞ୍ଜିନିୟରିଂ କରିଛି ବୋଲି ଶ୍ୱେତାଶ୍ରୀ ମହାପାତ୍ର କହିଛନ୍ତି।

ସେହିପରି ଓଡ଼ିଶା ଲୋକସେବା ଆୟୋଗଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ, ଏହି ପରୀକ୍ଷା ପାଇଁ ମୋଟ ୯୨୯୧୪(୩୪୭୧୨ଜଣ ମହିଳା) ପ୍ରାର୍ଥୀ ଆବେଦନ କରିଥିଲେ। ତେବେ ଏମାନଙ୍କ ମଧ୍ୟରୁ ଅଧାରୁ କମ୍ ଅର୍ଥା୎ ୪୦୫୮୬ ଜଣ (୧୪୮୫୨ ଜଣ ମହିଳା ପ୍ରାର୍ଥୀ) ୨୦୨୩ ଅକ୍ଟୋବର ୧୫ତାରିଖରେ ଅନୁଷ୍ଠିତ ପ୍ରାରମ୍ଭିକ ପରୀକ୍ଷାରେ ସାମିଲ ହୋଇଥିଲେ। ଏହି ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମୋଟ ୮୨୨୦ (୨୭୩୦ ଜଣ ମହିଳା) ଜଣ ପ୍ରାରମ୍ଭିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ୨୦୨୪ ଫେବୃୟାରୀ ୨୫ରୁ ମାର୍ଚ୍ଚ ୩ତାରିଖ ପର୍ଯ୍ୟନ୍ତ ମେନ୍ ଲିଖିତ ପରୀକ୍ଷାରେ ଏମାନଙ୍କ ମଧ୍ୟରୁ ୬୬୩୯ଜଣ (୨୩୩୭ଜଣ) ସାମିଲ ହୋଇଥିଲେ। ଆଉ ଏହି ମେନ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୧୩୬୭(୪୯୩ଜଣ ମହିଳା) ପରୀକ୍ଷାର୍ଥୀଙ୍କୁ ସାକ୍ଷାତକାର ପାଇଁ ଡକାଯାଇଥିଲା। ଓଡ଼ିଶା ଲୋକସେବା ଆୟୋଗ ଏହି ଯୋଗ୍ୟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୮୩ଜଣଙ୍କୁ ନିଯୁକ୍ତି ଦେବା ପାଇଁ ସରକାରଙ୍କୁ ସୁପାରିଶ କରିଛନ୍ତି। ତାଲିକାର ପ୍ରଥମ ୧୦ଜଣଙ୍କ ମଧ୍ୟରେ ୫ଜଣ ମହିଳା ପ୍ରାର୍ଥୀ ଅଛନ୍ତି ୟ ଚୟନ ତାଲିକାରେ ମୋଟ ୬୮୩ଜଣଙ୍କ ମଧ୍ୟରୁ ୨୫୮ଜଣ ମହିଳାଙ୍କୁ ନିଯୁକ୍ତି ଦେବା ପାଇଁ ସୁପାରିଶ କରାଯାଇଛି। ସେହିପରି ଏହି ୬୮୩ଜଣ ଯୋଗ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ୩୮୭ଜଣ (୧୪୨ ମହିଳା) ଅଣସଂରକ୍ଷିତ ବର୍ଗ, ଏସଇବିସି ୭୧ଜଣ(୨୩ ମହିଳା), ଅନୁସୂଚିତ ଜାତି ବର୍ଗର ୮୯ଜଣ (୩୬ଜଣ ମହିଳା) ଓ ଅନୁସୂଚିତ ଜନଜାତି ବର୍ଗର ୧୩୬ଜଣ (୫୭ମହିଳା) ପ୍ରାର୍ଥୀ ସାମିଲ ଅଛନ୍ତି।

## ବାଣ ଭିଡୁଥିଲେ ଦଶମ ଶ୍ରେଣୀ ଛାତ୍ର
# ବିସ୍ଫୋରଣରେ ୬ ଗୁରୁତର

**ଖଲ୍ଲିକୋଟ,୧୯।୧୦ (ମହାଭାରତ):** ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରମାନେ ବାଣ ଭିଡୁଥିଲେ। ହଠାତ୍ ବିସ୍ଫୋରଣ ହୋଇଥିଲା। ଯେଉଁଥିରେ ୬ ଜଣ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ଦୀପାବଳି ପୂର୍ବରୁ ଏପରି ଭୟଙ୍କର ବିସ୍ଫୋରଣ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅଞ୍ଚଳରେ ଘଟିଛି। ଖଲ୍ଲିକୋଟ ଥାନା ମାଣିକପୁର ଗାଁ ନୂଆ ସାହିଠାରୁ କିଛି ଦୂରରେ ଏକ ନିଛାଟିଆ ସ୍ଥାନରେ ରହିଛି ଗୋଟିଏ ଘର। ଆଜି ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ୬ ଜଣ ଦଶମ ଶ୍ରେଣୀ ଛାତ୍ର ସେହି ଘର ଭିତରେ ବାଣ ଭିଡୁଥିଲେ। ଅସାବଧାନତା ଯୋଗୁ ବାଣ ଗୁଡିକ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଘରର ଆଜବେଷ୍ଟସ୍ ଉଡି ଯାଇଥିଲା। ୩ ପାର୍ଶ୍ୱର କାନ୍ଥ ଭାଙ୍ଗି ଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ଟିମ୍ ଓ ପୁଲିସ୍ ଗୁରୁତର ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡ଼ିକାଲ୍ରେ ଭର୍ତ୍ତି କରିଥିଲେ।

## ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ସମୀକ୍ଷା
# ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୯।୧୦ (ମହାଭାରତ):** ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମତ୍ସ୍ୟ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା କ୍ଷେତ୍ରରେ ପ୍ରଶିକ୍ଷଣ, ଭିତ୍ତିଭୂମି ବିକାଶ ଓ ସଚେତନତା ପ୍ରସାର ଉପରେ ଗୁରୁତ୍ୱ ଦେଇଛନ୍ତି । ଆଜି ପୂର୍ବାହ୍ଣରେ ମତ୍ସ୍ୟ ନିର୍ଦ୍ଦେଶାଳୟ ଓ ଅପରାହ୍ଣରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟରେ ଅନୁଷ୍ଠିତ ପୃଥକ୍



ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ବିଭାଗ ପକ୍ଷରୁ କାଯର୍‌ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରି ଉପରୋକ୍ତ ମର୍ମରେ ମତ ଦେଇଛନ୍ତି।


ମନ୍ତ୍ରୀ ଶ୍ରୀ ମଲ୍ଲିକ ମତ୍ସ୍ୟଚାଷ କ୍ଷେତ୍ରରେ ଚାଲିଥିବା ବିଭିନ୍ନ କାର୍ଯକ୍ରମ ଯଥା: ବାୟୋ ଫ୍ଲକ୍, କେଜ କଲଚର୍, ମଧୁର ଜଳ ମାଛଚାଷ, ଖାରି ଜଳ ଓ ଲୁଣି ଜଳ ମାଛଚାଷ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀମାନଙ୍କୁ ଉଚିତ ସମୟରେ ସହାୟତା ପ୍ରଦାନ ସାଙ୍ଗକୁ ସେମାନଙ୍କ ଉନ୍ନତି ସହିତ ରାଜ୍ୟର ବିକାଶକୁ ଗୁରୁତ୍ୱ ଦେବା ଉପରେ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଓ କେନ୍ଦ୍ରୀୟ ସହଭାଗିତାରେ ଚାଲିଥିବା ପ୍ରଧାନମନ୍ତ୍ରୀ ମତ୍ସ୍ୟସଂପଦ ଯୋଜନା ଅନ୍ତର୍ଭୁକ୍ତ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟଗୁଡ଼ିକ ଉପରେ ମନ୍ତ୍ରୀ ଅବଗତ ହୋଇଥିଲେ । ମତ୍ସ୍ୟ କ୍ଷେତ୍ର ସହ ଜଡ଼ିତ ରାଜ୍ୟର ସମସ୍ତ ହିତାଧିକାରୀମାନଙ୍କ ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ସୁଚାରୁ ରୂପେ କାଯର୍‌ୟ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ ସମୀକ୍ଷା ବୈଠକରେ ବିଭିନ୍ନ ସୂଚନା ଦେଇ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ।

ଅନୁରୂପ ଭାବରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର କାର୍ଯ୍ୟାବଳୀ ନେଇ ସମୀକ୍ଷା କରିଥିଲେ। ପ୍ରାଣୀ ପ୍ରଜନନ, ଟୀକାକରଣ, ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ୟୁନିଟ, ପ୍ରାଣୀଚିକିତ୍ସାସେବାକୁ ସୁଦୃଢ଼ କରିବା ନିମନ୍ତେ ଉଲ୍ଲେଖ କରିବା ସହିତ ସେ ପ୍ରାଣୀକଲ୍ୟାଣ ପାଇଁ ଆନିମାଲ୍ସ ହେଲ୍‌ପ ଲାଇନର ନିରନ୍ତର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ କହିଥିଲେ । ପ୍ରାଣୀପାଳନ ସମ୍ବନ୍ଧୀୟ ଯୋଜନା ଗୁଡ଼ିକର ସଫଳ ରୂପାୟନପୂର୍ବକ ଗ୍ରାମାଞ୍ଚଳ ଲୋକଙ୍କ ଜୀବିକାର୍ଜନ ଓ ଆର୍ଥିକ ଉନ୍ନତିକୁ ଦୃଷ୍ଟିରେ ରଖି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ଶ୍ରୀ ରାମାଶିଷ ହାଜରା ଓ ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍‌ଙ୍କ ସମେତ ଉଭୟ ନିର୍ଦ୍ଦେଶାଳୟର ଅଧିକାରୀ ମାନେ ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ ।

# ବିଜୟା ରାହତକର ଜାତୀୟ ମହିଳା ଆୟୋଗର ଅଧକ୍ଷା ନିଯୁକ୍ତ



**ନୂଆଦିଲ୍ଲୀ,୧୯।୧୦:** କେନ୍ଦ୍ର ସରକାର ବିଜୟା କିଶୋର ରାହତକରଙ୍କୁ ଜାତୀୟ ମହିଳା ଆୟୋଗର ନୂତନ ଚେୟାରମ୍ୟାନ ଭାବରେ ନିଯୁକ୍ତ କରିଛନ୍ତି। ରେଖା ଶର୍ମାଙ୍କ ସ୍ଥାନରେ ବିଜୟା କିଶୋର ରାହତକରଙ୍କୁ ଜାତୀୟ ମହିଳା ଆୟୋଗ (ଏନସିଡବ୍ଲ୍ୟୁ)ର ନବମ ଅଧକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ନ୍ୟାସନାଲ କମିଶନ ଫର ମହିଳା ଆକ୍ଟ, ୧୯୯୦ ଅଧୀନରେ କରାଯାଇଥିବା ନିଯୁକ୍ତି ତିନି ବର୍ଷ ପାଇଁ। ରାହତକରଙ୍କ କାର୍ଯ୍ୟକାଳ ଶୀଘ୍ର ଆରମ୍ଭ ହେବ ଏବଂ ଏହି ଘୋଷଣା ଗେଜେଟ ଅଫ ଇଣ୍ଡିଆରେ ପ୍ରକାଶ ପାଇବ। ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ରାହତକରଙ୍କ ନିଯୁକ୍ତି ବ୍ୟତୀତ ଅର୍ଚ୍ଚନା ମଜୁମଦାରଙ୍କୁ ତିନି ବର୍ଷ କାର୍ଯ୍ୟକାଳ ପାଇଁ ଆନୁଷ୍ଠାନିକ ଭାବେ ଏନସିଡବ୍ଲ୍ୟୁ ସଦସ୍ୟ ଭାବରେ ମନୋନୀତ କରାଯାଇଛି। ମହିଳା ଅଧିକାରର ଅଗ୍ରଗତି ଦିଗରେ କାର୍ଯ୍ୟ କରିବାକୁ ଏନସିଡବ୍ଲ୍ୟୁ, ଏକ ବିଧିଗତ ସଂସ୍ଥା। ଏଥିରେ ମହିଳାମାନଙ୍କ ପାଇଁ ଦିଆଯାଇଥିବା ସାମ୍ବିଧାନିକ ଏବଂ ଆଇନଗତ ସୁରକ୍ଷା ସମୀକ୍ଷା କରିବା ଅନ୍ତର୍ଭୁକ୍ତ।








# ଜୀବନଚର୍ଯ୍ୟା





## ବସାଦହି ଗୋଲମରିଚ ମାଂସ


**ଆବଶ୍ୟକ ସାମଗ୍ରୀ:** ୧ କେଜି ଖାସି ମାଂସ,୧୦ରୁ ୧୫ଟି ଗୋଲ ମରିଚ, ୪ଟି କଟା ପିଆଜ,୨ ଚାମଚ ଅଦା ରସୁଣ ବଟା, ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ୩ରୁ ୪ଟି ଶୁଖିଲା ଲଙ୍କା, ତେଲ ଓ ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଖାସି ମାଂସରେ ଲୁଣ, ବସାଦହି, ଅଦା ରସୁଣ ବଟା, ତେଲ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲଭାବେ ମ୍ୟାରିନେଟ କରି ରଖନ୍ତୁ। ଅଧଘଣ୍ଟା ପରେ କଡ଼େଇରେ ମ୍ୟାରିନେଟ୍ ମାଂସ, କଟା ପିଆଜ, ଅଦାରସୁଣ ବଟା, ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଗୋଲମରିଚ, ଶୁଖିଲା ଲଙ୍କା, ବସାଦହି ଓ ତେଲ ପକାଇ ଘୋଡଣି ଘୋଡାଇ ଚୁଲି ଲଗାନ୍ତୁ। କିଛି ସମୟ ପରେ ଘୋଡଣି ବାହାର କରି ମାଂସରେ ଅଳ୍ପ ପାଣି ଦେଇ ୪୦ରୁ ୪୫ ମିନିଟ୍ ଯାଏଁ ସିଝିବାକୁ ଦିଅନ୍ତୁ। ମଝିରେ ମଝିରେ ମାଂସକୁ ଗୋଳାଉଥା'ନ୍ତୁ। ଏହାପରେ ପ୍ରସ୍ତୁତ ହୋଇଥିବା ବସାଦହି ଗୋଲମରିଚ ମାଂସକୁ ପ୍ଲେଟକୁ କାଢ଼ି ପରସନ୍ତୁ।



**ଖବର**

## ୧୧ ବର୍ଷ ପରେ ଦିପାବଳୀରେ ରେକର୍ଡ ଭାଙ୍ଗିବ 'ଟାଇଗର-୩




ବଲିଉଡ ଷ୍ଟାର ସନ୍ନି ଦେଓଲଙ୍କ ଆଜି ଜନ୍ମଦିନ। ପ୍ରଶଂସକ ଓ ନିଜର ଲୋକମାନେ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଜନ୍ମଦିନ ଅବସରରେ ପ୍ରଶଂସକଙ୍କୁ ସନ୍ନି ବଡ ଉପହାର ଦେଇଛନ୍ତି। ନିଜର ଅପକମିଂ ଫିଲ୍ମ 'ଜାଟ୍'ର ପୋଷ୍ଟର ଇନଷ୍ଟାଗ୍ରାମ ଆକାଉଣ୍ଟରେ ରିଲିଜ କରିଛନ୍ତି ସନ୍ନି। ପୋଷ୍ଟରରେ ସନ୍ନି ଦେଓଲ ଦମଦାର ଲୁକରେ ନଜର ଆସିଛନ୍ତି। ପୂର୍ବରୁ 'ଗଦର' ଫିଲ୍ମରେ ଟିଓ୍ୱେଲ୍ ଉପାଡି ମାରପିଟ କରୁଥିବା ଦେଖିବାକୁ ମିଳିଥିବା ବେଳେ ବର୍ତ୍ତମାନ 'ଜାଟ୍' ଫିଲ୍ମରେ ସେ ପଙ୍ଖା ଉପାଡିବାର ଦୃଶ୍ୟ ଦେଖିବାକୁ ମିଳିବ। ପୋଷ୍ଟରରେ ଦେଖିବାକୁ ମିଳିଛି ଯେ ସନ୍ନି ପ୍ରବଳ ରାଗି ଥିବା ବେଳେ ତାଙ୍କ ହାତରେ ଏକ ବଡ ସିଲିଂ ଫ୍ୟାନ୍ ରହିଛି। ଲାଗୁଛି ଯେମିତି ସେ କାହାକୁ ମାରିବା ପାଇଁ ଏହି ଫ୍ୟାନ୍ କୁ ଉପାଡି ଆଣିଛନ୍ତି। ଏହା ଫିଲ୍ମର ଏକ ଦମଦାର ଦୃଶ୍ୟ ହୋଇପାରେ। ଫିଲ୍ମର ପୋଷ୍ଟର ରିଲିଜ ହେବା ପରେ ପ୍ରଶଂସକମାନେ ଏହାକୁ ଦେଖି କହିଛନ୍ତି ଯେ ସନ୍ନିଙ୍କୁ ପୁଣି ଥରେ ଆକ୍ସନ ଭୂମିକାରେ ଦେଖିବାକୁ ମିଳିବୟ ୨୦୨୫ ସାଧାରଣତନ୍ତ୍ର ଦିବସ ଅବସରରେ ଫିଲ୍ମଟି ରିଲିଜ ହେବାର ଅଛି। ଖୁବଶୀଘ୍ର ଏ ସଂକ୍ରାନ୍ତରେ ଆନୁଷ୍ଠାନିକ ଘୋଷଣା ହେବ ବୋଲି ଆଶା କରାଯାଉଛି।

## ରତ୍ନାବଳୀ କାଳୀ ଶକ୍ତିପୀଠ, ହୁଗଲୀ



। ରତ୍ନାବଳୀ କାଳୀଙ୍କ ଶକ୍ତିପୀଠ ରହିଛି । କାଳୀ ମାତାଙ୍କ ଏହି ପ୍ରସିଦ୍ଧ ମନ୍ଦିର ରତ୍ନାକର ନଦୀ ତଟରେ ଅବସ୍ଥିତ । ଏହି ମନ୍ଦିରରେ ପ୍ରତ୍ୟେକ ବର୍ଷ ଲକ୍ଷାଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ଦର୍ଶନ-ପୂଜନ ପାଇଁ ଆସିଥାନ୍ତି । ଏଠାରେ ଶକ୍ତିଙ୍କ ଅଭୂତ ଭକ୍ତି ଦେଖିବାକୁ ମିଳିଥାଏ। ଏପରି ମାନ୍ୟତା ରହିଛି ଯେ ଏଠାରେ ମାତା ସତୀଙ୍କ ଡାହାଣ କାନ୍ଧ ଖସିପଡ଼ିଥିଲା। ମନ୍ଦିରର ପୁରୋହିତ ଶିଶିର କୁମାର ବଟୋବୟାଲ୍ ଏବଂ ଚିନ୍ତାମଣି ମନୀ ବଟୋବୟାଲ୍ କୁହନ୍ତି ଯେ ବହୁବର୍ଷ ପୂର୍ବରୁ ରତ୍ନାକର ନଦୀ ନିକଟରେ ବ୍ରହ୍ମଚାରୀ ସ୍ୱରୂପାନନ୍ଦ ଏକ ପଥର ପାଇଥିଲେ । ଏହି ପଥର ମାତାଙ୍କ କାନ୍ଧ ଭଳି ପ୍ରତୀୟମାନ ହୋଇଥିଲା। ଏହି ପଥରକୁ ସେ ଏକ କଳସରେ ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରିବାକୁ ଲାଗିଲେ । ଏହାପରେ ସ୍ଥାନୀୟ ଲୋକମାନେ ଏଠାରେ ମନ୍ଦିରର ନିର୍ମାଣ କରାଇଲେ ଏବଂ ମାତା ରତ୍ନାବଳୀ କାଳୀଙ୍କ ମୂର୍ତ୍ତି ପ୍ରତିସ୍ଥାପିତ କରାଇଥିଲେ । ନବରାତ୍ରୀର ନଅ ଦିନ ମାତାଙ୍କ ନଅଟି ରୂପର ପୂଜା କରାଯାଇଥାଏ। ମା'କାଳୀଙ୍କ ଏହି ମନ୍ଦିର ଆନନ୍ଦମୟୀ ଧାମ ନାମରେ ମଧ୍ୟ ପ୍ରସିଦ୍ଧ ଅଟେ । ଏହି ମନ୍ଦିରର ବିଶେଷତ୍ୱ ହେଉଛି ଏଠାରେ ପୂଜାରୀ ମାତାଙ୍କୁ 'କୁମାରୀ' ରୂପରେ ପୂଜା କରିଥାନ୍ତି ।

## ଘନ କେଶ ପାଇଁ ଉପକାରୀ ଅଦା

କେଶକୁ ଘନ ଓ ଲମ୍ବା କରିବା ପାଇଁ ଆପଣ ଅନେକ ଉପଚାର କରିଥା'ନ୍ତି। ଅଦା କେଶ ପାଇଁ ଏକ ଆୟୁର୍ବେଦିକ ଉପଚାର ଭାବରେ କାର୍ଯ୍ୟ କରିଥାଏ। ଅଦାରେ ଥିବା ମ୍ୟାଗ୍ନେସିୟମ୍, ପୋଟାଟିୟମ୍, ଫସଫରସ୍ ଓ ଭିଟାମିନ୍ କେଶ ଝଡ଼ିବା ବନ୍ଦ କରିଥାଏ।

ଅଦା ଏକ ନାଚୁରାଲ୍ କଣ୍ଡିସନର୍ ହୋଇଥିବାରୁ ଏହା କେଶର ରୁକ୍ଷପଣ ଦୂର କରି କେଶ ମୂଳରେ ରକ୍ତ ସଞ୍ଚାଳନ ଠିକ୍ ରଖିଥାଏ। ତେବେ ଆସନ୍ତୁ ଜାଣିବା କେଶକୁ ଲମ୍ବା ଓ ମଜବୁତ କରିବା ପାଇଁ ଅଦାକୁ କିପରି ବ୍ୟବହାର କରିବେ।




୧. ବଜାରରେ ମିଳୁଥିବା ଜିଞ୍ଜର୍ ଅଏଲ୍ କେଶରେ ଲଗାନ୍ତୁ। ନଚେତ ନିଜେ ଘରେ ପ୍ରସ୍ତୁତ କରନ୍ତୁ। ଏଥିପାଇଁ ପ୍ରଥେମ ଗୋଟିଏ ଚାମଚ ଘିଅରେ ଜୋଜୋବା ଅଏଲ୍, ଅଲିଭ୍ ଅଏଲ୍ ଓ ଅଦା ରସ ମିଶାନ୍ତୁ। ଏହି ମିଶ୍ରଣକୁ ଭଲ ଭାବରେ ମୁଣ୍ଡରେ ମାଲିସ କରନ୍ତୁ। ୩୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ସପ୍ତାହକୁ ଏପରି ଦୁଇ ଥର କରନ୍ତୁ। ଦେଖିବେ କେଶ ମୋଟା ହେବା ସହ ଝଡ଼ିବା ବନ୍ଦ ହେବ।

୨. ଅଦା ଓ ଲେମ୍ବୁରସ ମଧ୍ୟ କେଶ ପାଇଁ ବ୍ୟବହାର କରିପାରିବେ। ୨ ଚାମଚ ଅଦା ରସରେ ୩ ଚାମଚ ରାଶି ତେଲ ଓ ଅଧା ଚାମଚ ଲେମ୍ବୁ ରସ ମିଶାନ୍ତୁ। ଏହି ମିଶ୍ରଣକୁ କେଶ ମୂଳରେ ୧୫ ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ଏହାପରେ ଶାମ୍ପୁ କରିନିଅନ୍ତୁ। ଏହା ଦ୍ୱାରା ରୁପି ଦୂର ହେବ। ସପ୍ତାହକୁ ତିନିଥର ଏହି ମିଶ୍ରଣକୁ ଲଗାଇପାରିବେ।

୩. କେଶ ପତଳା ଥିଲେ ଅଦା ଓ ପିଆଜ ରସ ଲଗାନ୍ତୁ। ପ୍ରଥମେ ୨ ଚାମଚ ଅଦା ରସରେ ୧ ଚାମଚ ପିଆଜ ରସ ମିଶାନ୍ତୁ। ଏହି ରସକୁ କେଶ ମୂଳରେ ୨୦ ମିନିଟ୍ ଲଗାଇ ରଖିବା ପରେ ଧୋଇ ନିଅନ୍ତୁ। ସପ୍ତାହକୁ ଏପରି ଦୁଇରୁ ତିନିଥର କଲେ କେଶ ମୋଟା ହେବ।


## ଦୁର୍ଯ୍ୟୋଧନ ହରାଇଲା, ଶ୍ରୀକୃଷ୍ଣଙ୍କୁ ପାଇଲେ ଅର୍ଜୁନ



ମହାଭାରତ ଯୁଦ୍ଧ ହେବା ନିଶ୍ଚିତ ହୋଇସାରିଥିଲା । ଶ୍ରୀକୃଷ୍ଣଙ୍କୁ ନିଜ ପକ୍ଷକୁ ଆଣିବା ଲାଗି ଦୁର୍ଯ୍ୟୋଧନ ଦ୍ୱାରୀକାରେ ପହଞ୍ଚିଲା । ସେବକମାନେ ମନା କରିବା ସତ୍ତ୍ୱେ ସେ ଉଦଣ୍ଡତାପୂର୍ବକ ଶ୍ରୀକୃଷ୍ଣଙ୍କ ଶୟନ କକ୍ଷରେ ପହଞ୍ଚିଗଲା । ଶ୍ରୀକୃଷ୍ଣ ଶୋଇଥିଲେ । ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କୁ ପାଦ ପାଖରେ ଥିବା ଖାଲି ସ୍ଥାନ ଦେଖି ସେଠାରେ ବସି ଅପେକ୍ଷା କଲା । କିଛିକ୍ଷଣ ପରେ ସେ ଭାବିଲା, ମୁଁ ତ ରାଜା । କାହାର ପାଦ ପାଖରେ ବସିବା ମୋ ପକ୍ଷେ ଉଚିତ୍ ନୁହେଁ । ଏହା ଭାବି ସେ ଉଠିଲା ଏବଂ ମୁଣ୍ଡ ପାଖରେ ବସି ଶ୍ରୀକୃଷ୍ଣଙ୍କ ନିଦ ଭାଙ୍ଗିବାକୁ ଅପେକ୍ଷା କଲା । ଅର୍ଜୁନ ମଧ୍ୟ ଶ୍ରୀକୃଷ୍ଣଙ୍କ ସହାୟତା ଚାହୁଁଥିଲେ । ସେ କିଛି ସମୟ ପରେ ଶ୍ରୀକୃଷ୍ଣଙ୍କ ଶୟନକକ୍ଷକୁ ଆସିଲେ । କିନ୍ତୁ ଶ୍ରୀକୃଷ୍ଣଙ୍କ ନିକଟରେ ଦୁର୍ଯ୍ୟୋଧନଙ୍କୁ ପୂର୍ବରୁ ବସିଥିବା ଦେଖି ନିରାଶ ହେଲେ। ଅର୍ଜୁନ ସରଳତା ପୂର୍ବକ ଶ୍ରୀକୃଷ୍ଣଙ୍କ ପାଦ ପାଖରେ ବସିଗଲେ । କିଛି ସମୟ ପରେ ଯେତେବେଳେ ଭଗବାନ କୃଷ୍ଣ ଆଖି ଖୋଲିଲେ, ସେ ପ୍ରଥମେ ଅର୍ଜୁନଙ୍କୁ ଦେଖିଲେ । ମାଧବ ପଚାରିଲେ, ତୁମେ କେତେବେଳେ ଆସିଲ ପାର୍ଥ? ହାତଯୋଡ଼ି ଅର୍ଜୁନ କହିଲେ, ଏଇ ତ' ଏବେ ଆସିଲି । ଦୁର୍ଯ୍ୟୋଧନ ହଠାତ୍ କହିଲା, ମୁଁ ଅର୍ଜୁନଙ୍କ ପୂର୍ବରୁ ଆସି ବସିଛି । ଏଣୁ ପ୍ରଥମେ ଆପଣଙ୍କ ଉପରେ ମୋର ଅଧିକାର ରହିଛି । ଶ୍ରୀକୃଷ୍ଣ କହିଲେ, ହେଲେ ମୁଁ ତ' ପ୍ରଥମେ ଅର୍ଜୁନଙ୍କୁ ଦେଖିଲି । ତୁମେ ରାଜା ହୋଇଥିବା କାରଣରୁ ଅହଂକାରବଶତଃ ମୋ ମୁଣ୍ଡ ପାଖରେ ବସିଲ । ତୁମେ ସନ୍ଧିର ପ୍ରସ୍ତାବ ନେଇ ଆସିଥିଲ । ଅନୁରୋଧ କିମ୍ବା ସହାୟତା ଆଶା ନେଇ ଆସିଥିଲେ ତୁମେ ନିଶ୍ଚୟ ମୋର ପାଦ ପାଖରେ ବସିଥାନ୍ତ । କିନ୍ତୁ ଅର୍ଜୁନ ପ୍ରକୃତରେ ମୋର ସହାୟତା ଚାହେଁ, ସେଥିପାଇଁ ସେ ମୋ ପାଦ ପାଖରେ ବସିଲା । ସେ ସହାୟତାର ଅନୁରୋଧ ନେଇ ଆସିଥିଲା । ଏଣୁ ସେ ମୋର ପାଦ ପାଖରେ ବସିଲା । ଈଶ୍ୱର ସମସ୍ତଙ୍କୁ ମୁଣ୍ଡର ସମ୍ମୁଖ ଭାଗରେ ଆଖି ଦେଇଛନ୍ତି । ସେଥିପାଇଁ ଆଖି ଖୋଲିବା ମାତ୍ରେ ପାଦ ପାଖରେ ବସିଥିବା ଲୋକପ୍ରତି ପ୍ରଥମେ ନଜର ପଡ଼ିଥାଏ । ଶ୍ରୀକୃଷ୍ଣ ପୁଣି କହିଲେ, ସହାୟତା ପାଇଁ ଅନୁରୋଧ କରିବାକୁ ହେଲେ ପ୍ରଥମେ ଶିଷ୍ଟାଚାର ପାଳନ କରିବାକୁ ପଡ଼ିଥାଏ । କିନ୍ତୁ ତାହା ତୁମେ ପାଳନ କରିଲ ନାହିଁ ଦୁର୍ଯ୍ୟୋଧନ । ରାଜାଙ୍କ ଭଳି ବସି କେବଳ ଆଦେଶ ଦିଆଯାଇଥାଏ, ଅନୁରୋଧ କରାଯାଇନଥାଏ । ଦୁର୍ଯ୍ୟୋଧନ ଏଥର ନିଜ ଭୁଲ୍ ବୁଝିପାରିଲେ । ଶିଷ୍ଟାଚାର ପାଳନ କରିନଥିବାରୁ କୃଷ୍ଣ କିନ୍ତୁ ତାଙ୍କୁ ଖାଲି ହାତରେ ଫେରାଇ ଦେଲେ ନାହିଁ । ତାଙ୍କ ଅନୁରୋଧ ଶୁଣିଲେ । ଯୁଦ୍ଧରେ ଶ୍ରୀକୃଷ୍ଣ ଭାଗ ନେବା ଲାଗି ମନା କରିଦେଲେ । ସେ କେବଳ ପରାମର୍ଶ ଦେବା ଲାଗି ରାଜି ହେଲେ । ଦୁର୍ଯ୍ୟୋଧନ ଅହଂକାର ବଳରେ ନାରାୟଣୀ ସେନାର ସହାୟତା ମାଗିଲା । ଶ୍ରୀକୃଷ୍ଣ ଏଥିରେ ରାଜି ହୋଇଗଲେ । ଦୁର୍ଯ୍ୟୋଧନ ପ୍ରସନ୍ନ ହେଲା । ଅର୍ଜୁନଙ୍କ ମୁଖରେ ସ୍ମିତହାସ୍ୟ ଥିଲା । କାରଣ ସେ ଜାଣିଥିଲେ ଶ୍ରୀକୃଷ୍ଣଙ୍କ ତୁଳନାରେ ଲକ୍ଷ ଲକ୍ଷ ସୈନିକ ମଧ୍ୟ ସମାନ ହେବେ ନାହିଁ । ଶ୍ରୀକୃଷ୍ଣଙ୍କୁ ପାଇ ଅର୍ଜୁନ ଭାବୁଥିଲେ, ମୋତେ ସତ୍ୟ, ଧର୍ମ ଏବଂ ନ୍ୟାୟର ସହାୟତା ମିଳିଯାଇଛି । ଏଣୁ ମହାଭାରତ ଯୁଦ୍ଧରେ ଧର୍ମ, ଅର୍ଥାତ୍ ପାଣ୍ଡବମାନଙ୍କର ହିଁ ଜୟ ହେବ । ସେପରେ ତାହା ହିଁ ହେଲା ।"

## ସିନ୍ଦୁର ସହ ଜଡିତ କିଛି ବିଶେଷ ଉପାୟ

ବାସ୍ତୁରେ ସିନ୍ଦୂରର ବିଶେଷ ମହତ୍ତ୍ୱ ରହିଛି। ପ୍ରତ୍ୟେକ ସଧବା ସ୍ତ୍ରୀର ମୁଖ୍ୟ ଶୃଙ୍ଗାର ହେଉଛି ସିନ୍ଦୂର। ଶାସ୍ତ୍ରରେ ମଧ୍ୟ ବର୍ଣ୍ଣନା କରାଯାଇଛି ସିନ୍ଦୂର ପିନ୍ଧିବା ଦ୍ୱାରା ସ୍ୱାମୀ ଦୀର୍ଘାୟୁ ହୋଇଥାଆନ୍ତି। ବିଭିନ୍ନ ପ୍ରକାର



ରୋଗରୁ ଦୂରେଇ ରହିଥାଆନ୍ତି। ଜାଣନ୍ତୁ ସିନ୍ଦୂର ସହ ଜଡିତ କିଛି ସହଜ ଉପାୟ ବିଷୟରେ

ପ୍ରତ୍ୟେକ ଦିନ ସୂର୍ଯ୍ୟଦେବତାଙ୍କୁ ଜଳ ଅର୍ପଣ କରିବା ସମୟରେ ସେଥିରେ ସିନ୍ଦୂର ପକାଇ ଅର୍ପଣ କରନ୍ତୁ।

ଗୃହର ମୁଖ୍ୟଦ୍ୱାରରେ ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରନ୍ତୁ। ଏହାଦ୍ୱାରା ଘରେ ସୁଖଶାନ୍ତିର ବାତାବରଣ ସର୍ବଦା ରହିଥାଏ। ଦମ୍ପତିଙ୍କ ମଧ୍ୟରେ କଳହ ହେଉଥିଲେ ଏହି ଉପାୟ ନିଶ୍ଚୟ ଆପଣାନ୍ତୁ।

ଏହାସହ ତେଲରେ ସିନ୍ଦୂର ମିଶାଇ ଘରର ମୁଖ୍ୟ ଦ୍ୱାରରେ ଲଗାଇବା ଦ୍ୱାରା ଘରେ ନକରାତ୍ମକ ଶକ୍ତି ପ୍ରବେଶ କରିନଥାଏ। ଏପରି ଲଗାତାର ୪୦ ଦିନ କରିବା ଦ୍ୱାରା ଘରେ ଥିବା ବାସ୍ତୁ ଦୋଷ ମଧ୍ୟ ଦୂର ହୋଇଥାଏ।

ହିନ୍ଦୁଧର୍ମ ଅନୁଯାୟୀ ସିନ୍ଦୂର ବିନା ଦେବାଦେବୀଙ୍କ ପୂଜା ସମ୍ପୂର୍ଣ୍ଣ ହୋଇନଥାଏ।

ଧନସମ୍ପତ୍ତି ଜନିତ ସମସ୍ୟାର ସମାଧାନ ପାଇଁ ମଲ୍ଲୀଫୁଲର ତେଲରେ ସିନ୍ଦୂର ମିଶାଇ ୫ଟି ମଙ୍ଗଳବାର ଓ ଶନିବାର ପ୍ରଭୁ ହନୁମାନଙ୍କୁ ଅର୍ପଣ କରନ୍ତୁ। ଏହାଦ୍ୱାରା କର୍ମକ୍ଷେତ୍ରରେ ମଧ୍ୟ ଉନ୍ନତି ହୋଇଥାଏ। ମନସ୍କାମନା ପୂରଣ ହୋଇଥାଏ।

ଘରର ମୁଖ୍ୟଦ୍ୱାରରେ ସିନ୍ଦୂର ଅର୍ପଣ ହୋଇଥିବା ପ୍ରଭୁ ଗଣେଶଙ୍କ ମୂର୍ତ୍ତି ରଖିବା ଦ୍ୱାରା ଘରେ ସର୍ବଦା ସୁଖଶାନ୍ତି, ସମୃଦ୍ଧି ବୃଦ୍ଧି ପାଇଥାଏ।

ସଧବା ମହିଳାମାନେ ସ୍ନାନ ପରେ ମା'ଗୌରୀଙ୍କୁ ସିନ୍ଦୂର ଅର୍ପଣ କରିବା ସହ କିଛି ସିନ୍ଦୂର ମଥାରେ ଲଗାଇବା ଦ୍ୱାରା ବୈବାହିକ ଜୀବନ ସୁଖଶାନ୍ତିରେ ବିତିଥାଏ।




ନଗରନକ୍ସା ମହାନଗରର ନିଜ ଭାଷା





କେନାଲରେ ଯାଉନାହିଁ ପାଣି

# ଧାନ ଜମି ଫାଟି କଲାଣି ଆଁ, ଚିନ୍ତାରେ ଚାଷୀ

**ନିଶ୍ଚିନ୍ତକୋଇଲି,(ନି.ପ୍ର):** କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ନା ନା ପ୍ରକାର କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କେନାଲ ସାହାଯ୍ୟରେ ଚାଷ ଜମିକୁ ଜଳ ସେଚନା କରାଇବା ଏବଂ ଚାଷୀକୁ ସୁଲଭ ମୂଲ୍ୟରେ ବିହନ ,ରାସାୟନିକ ସାର, କୀଟନାଶକ ଯୋଗାଇ ଦେବା ନିମନ୍ତେ ସରକାର ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ଏପରିସ୍ଥଳେ କେନ୍ଦ୍ରାପଡା ଜିଲ୍ଲା ଛତା ଜଳସମ୍ପଦ ବିଭାଗ ତଥା ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଅଂଚଳରେ କେନାଲରେ ପାଣି ଯାଉନଥିବାର ଚାଷୀ ମହଲରେ ଅଭିଯୋଗ ହୋଇଛି। ଧାନ ଜମି ଫାଟି ଆଁ କଲାଣି। ଚିନ୍ତାରେ ଚାଷୀ ମୁଣ୍ଡରେ ହାତ ଦେଲେଣି। ଏପରିସ୍ଥଳେ ପ୍ରଶାସନିକ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁଚାଷୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନର ସ୍ଥାଣୁତା ଓ ଦାୟୀତ୍ୱ ହୀନତା କାରଣରୁ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ନିମନ୍ତେ ସଜବାଜ ହେଉଥିବାର ପ୍ରକାଶ କରିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ଦେଇ ପ୍ରବାହିତ ୯ନମ୍ବର କେନାଲର ସୁକରପଡା ଠାରୁ ୯ ନମ୍ବର ଡି କେନାଲ ବାହାରିଛି। ଏହି କେନାଲ ଉପରେ ଜଳ ସେଚନ ନିମନ୍ତେ ସ୍ଥାନୀୟ ଅସୁରେଶ୍ୱର ଗ୍ରାମପଂଚାୟତର କେନ୍ଦିଲୋ,ସୁକରପଡା ଗ୍ରାମପଂଚାୟତର ରାଣୀପଡା ,ବନମାଳିପୁର ପ୍ରଭୃତି ଗ୍ରାମର ଶହ ଶହ ଚାଷୀ ନିର୍ଭର କରିଥାନ୍ତି। ଦୀର୍ଘ ୮ବର୍ଷ ହେଲା କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱଦେଇ ଯାଇଥିବା ଏହି କେନାଲକୁ ବହୁ



ସ୍ଥାନରେ କେତେକ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଜବରଦଖଲ କରିବା ସହ ସ୍ଥାୟୀ ଗୃହ ନିର୍ମାଣ କରିଛନ୍ତି। ଯାହାକି ଜଳ ସେଚନ ନିମନ୍ତେ ଅନ୍ତରାୟ ସୃଷ୍ଟି କରିଛି। ଫଳରେ ଏହି କେନାଲ ଦେଇ କୌଣସି ଜଳ ପ୍ରବାହିତ ହୋଇପାରୁନାହିଁ। କେନାଲ ଏକରକମ ଶୁଖିଲା ପଡିଛି। ପ୍ରତିବର୍ଷ ଏହି କେନାଲ ସରକାରୀ କାଗଜକଲମରେ ସଫେଇ ଓ ମରାମତି କରାଯାଇ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନିଆଯାଉଛି। ମନ୍ତ୍ରୀ ଯନ୍ତ୍ରୀ ବିଧାୟକ ଓ ଠିକାଦାରଙ୍କ ଭାଗ୍ୟର ପରିବର୍ତନ ହେଉଥିଲା ବେଳେ ଏହି କେନାଲର ଭାଗ୍ୟ ପରିବର୍ତନ ହେଉନଥିବାର ଅଭିଯୋଗ ହୋଇଛି। ଏହି କେନାଲଟି ଅଳିଆ ଆବର୍ଜନା,ଅନାବନା ଘାସ ଓ କଳମ ନାଟିଆରେ ଭରପୁର ହୋଇ ରହିଛି। ଫଳରେ କେନାଲରେ ପାଣି ଯାଇପାରୁନାହିଁ। ସ୍ଥାନୀୟ ଅଂଚଳର ଚାଷୀମାନେ ଚଳିତ ବର୍ଷ ବିଭିନ୍ନ ଜାତୀୟ କରଣ ବ୍ୟାଙ୍କ.ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ ଆଣି ଧାନଚାଷ କରିଥିଲେ। ଚାଷୀମାନେ ମୌସୁମୀ ବର୍ଷା ଉପରେ ନିର୍ଭର କରି ଏହି ଧାନଚାଷ କରିଥିଲେ। ଏବେ ମୌସୁମୀ ଫେରିଯାଇଛି। ସ୍ଥାନୀୟ ଅଂଚଳରେ ବର୍ଷା ହେଉନାହିଁ। କାର୍ତିକ ମାସରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଧାନ ଜମି ଫାଟି ଆଁ କଲାଣି। ସମ୍ପ୍ରତି ଧାନ ଗଛ ଗର୍ଭଧାରଣ କରିବାକୁ ଆରମ୍ଭ କଲାଣି। ଏପରିସ୍ଥଳେ କେନାଲରେ ପାଣି ଯାଉନଥିବା କାରଣରୁ ଚାଷୀ ମୁଣ୍ଡରେ ଚଡକ ପଡିଛି। ଚାଷୀ ତାର ବର୍ଷକର ଆହାର କିପରି ପାଇବ ସେଥିନେଇ ଚିନ୍ତାରେ ଭାଙ୍ଗିପଡିଛି। ଅପରପକ୍ଷରେ ଚଳିତ ବର୍ଷ ଏହି ଅଂଚଳର ଶହ ଶହ ଏକର ଜମିରେ ଧାନଚାଷ ବାଧାପ୍ରାପ୍ତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଚାଷୀ ତାର ବର୍ଷକର ଆହାର କିପରି ପାଇବ ଓ ଋଣ କିପରି ପରିଶୋଧ କରିବ ଏଥିନେଇ ଚିନ୍ତାରେ ଭାଙ୍ଗିପଡିଛି। ଅପରପକ୍ଷରେ ଏସମ୍ପର୍କରେ ସ୍ଥାନୀୟ ଅଂଚଳର ଚାଷୀମାନେ ମାହାଙ୍ଗାର ନବ ନିର୍ବାଚିତ ବିଧାୟକ, ନିଶ୍ଚିନ୍ତକୋଇଲି ତହସିଲଦାର ଓ ପୁବଂଶ ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ଚାଷୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତରଫରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ଚାଷୀମାନେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି।


## ଫିଲାଟେଲି ଦିବସ

**ସମ୍ବଲପୁର,(ନିପ୍ର):** ସମ୍ବଲପୁର ଫିଲାଟେଲି ବ୍ୟୁରୋ ତରଫରୁ 'ଫିଲାଟେଲି ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ କ୍ରମରେ ଫିଲାଟେଲି ଡିପୋଜିଟ ଆକାଉଣ୍ଟ, ଆକାଉଣ୍ଟ ଗୁଡିକୁ ପୁନଃ ସଜ କରିବା, ସ୍ଥାନୀୟ ଫିଲାଟେଲିଷ୍ଟ ମାନଙ୍କ ସହିତ ଆଲୋଚନା, ଚିଠି ଲିଖନ ପ୍ରତିଯୋଗିତା ଆଦି ଆୟୋଜିତ ହୋଇଥିଲା। ଡାକ ବିଭାଗ ପକ୍ଷରୁ ଆୟୋଜିତ ହେଉଥିବା ଏହି ଫିଲେଟାଲି ଦିବସ ଉତ୍ସବ ସହିତ ଚଳିତ ଜାତୀୟ ଡାକ ସପ୍ତାହ ପାଳନ ମଧ୍ୟ କରାଯାଇଥିଲା। ଡାକ ବିଭାଗ ଦ୍ୱାରା ଏହି ପ୍ରତିଯୋଗିତା ମାଧ୍ୟମରେ ଡାକ ବ୍ୟବସ୍ଥାପନାର ମୂଲ୍ୟ ଓ ମହତ୍ୱ ବୃଦ୍ଧି ଲକ୍ଷ୍ୟ ରଖାଯାଇଥିଲା। ଅନ୍ୟ ଅନୁଷ୍ଠାନ ଗୁଡିକରେ ଦେଶର ତରୁଣ ଓ ଛାତ୍ରଛାତ୍ରୀ ମାନଙ୍କୁ ଫିଲାଟେଲିର ମହତ୍ୱ ବିଷୟରେ ସଚେତନ କରିବା ପାଇଁ ଡାକ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଛି। ସମ୍ବଲପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ମୁଖ୍ୟ ଡାକଘରର ପୋଷ୍ଟ ମାଷ୍ଟର ତରଣୀ ସେନ ଭୁସାଗର, ଏପିଏମ ପ୍ରଦୀପ କୁମାର ଶତପଥୀ, ଯୁବ ଫିଲାଟେଲିଷ୍ଟ ସ୍ୱୟଂ ସ୍ୱପ୍ନିକ ନାୟକ, ଫିଲାଟେଲି ବ୍ୟୁରୋ ସମ୍ବଲପୁର ଅଭିଷେକ ପୂଜାରୀ ପ୍ରମୁଖ ମଞ୍ଚ ଏବଂ ଶ୍ରୀ ଅରବିନ୍ଦ ବିଦ୍ୟାଳୟ ଠାରେ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ସେହିଭଳି ବୁର୍ଲା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଏଭି ପବ୍ଲିକ ସ୍କୁଲରେ ଆୟୋଜିତ 'ଢ଼ାଏ ଅକ୍ଷର' ଚିଠି ଲିଖନ କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ସହିତ ରଶ୍ମୀ ମିଶ୍ର, ଶ୍ରୀହର୍ଷ ପତି, ଅରୁଣ କୁମାର, ସତ୍ୟ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଫାଟି ଆଁ କରିଛି ଜମି, ମୁଣ୍ଡରେ ହାତ ଦେଇ ବସିଛି ଚାଷୀ

**କଲମପୁର,(ନିପ୍ର):** ଇନ୍ଦ୍ରାବତୀ ପାଦତଳେ ଥାଇ ମଧ୍ୟ ନିରାଶ ଚାଷୀ। ଏହି ସମୟରେ ଯେଉଁ କ୍ଷେତରେ ସୁନାର ଫସଲ ହସିବା କଥା, ସେହି କ୍ଷେତରେ ବର୍ଷା ଅଭାବରୁ ମରୁଡି ପରିସ୍ଥିତି ଉପୁଜିଛି। ଧାନ ଗଛ ସବୁ ଝାଉଁଳି ଯାଇଛି, ଯେଉଁଥିପାଇଁ ମୁଣ୍ଡରେ ହାତ ଦେଇ ବସିଛି ଚାଷୀ। ଚାଷ ପାଇଁ କରିଥିବା ଧାର କରଜ କିଭଳି ସୁଝିବେ ସେହି ଚିନ୍ତାରେ ଅଛନ୍ତି କଳାହାଣ୍ଡି ଜିଲା ଜୟପାଟଣା ବାନେର ଏବଂ ଭଇଁରୀପାଲି ଅଞ୍ଚଳର ଚାଷୀ। ଶେଷରେ ଏହାର ସ୍ଥାୟୀ ସମାଧାନ ଓ ମରୁଡ଼ି ଘୋଷଣା ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଇନ୍ଦ୍ରାବତୀ ପାଦତଳେ ଥାଇ ମଧ୍ୟ ଏଠାରେ ଲାଗେନାହିଁ କେନାଲ ପାଣି। ବର୍ଷା ଭରସାରେ କରିଥିଲେ ଧାନ ଚାଷ। ହେଲେ ପାଣି ଅଭାବରୁ ଚାଷ ଜମି ଫାଟି ଆଁ କରିଛି। କଳାହାଣ୍ଡି ଜିଲାର ଜୟପାଟଣା ବ୍ଲକ ଅଧିନ ବାନେର ଓ ଭଇଁରିପାଲି ପଞ୍ଚାୟତର ହେକ୍ଟର ହେକ୍ଟର ଚାଷ ଜମିରେ ଏବେ ମରୁଡ଼ି ପରିସ୍ଥିତି ଦେଖାଦେଇଛି। ନିଅଣ୍ଟିଆ ବର୍ଷା ଯୋଗୁଁ ଆରମ୍ଭରୁ ହିଁ ବିଳମ୍ବରେ ଚାଷ କାର୍ଯ୍ୟ ହୋଇଥିବାବେଳେ ଧାନ ଗଛର ଗର୍ଭଣୀ ସମୟରେ





ଜମିରେ ପାଣି ଜମା ହୋଇ ରହିବା ନିହାତି ଜରୁରୀ। ହେଲେ ବିଲରେ ପାଣି ଅଭାବରୁ ଜମି ଫାଟି ଆଁ କରିଥିବାରୁ ଗଛ ବଞ୍ଚିଥିଲେ ସୁଦ୍ଧା ମଞ୍ଜି ନ ହେବା ନେଇ ଆଶଙ୍କା ରହିଛି। ଇନ୍ଦ୍ରାବତୀ ଜଳ ସେଚନ ପ୍ରକଳ୍ପ ବାମ, ଡାହାଣ ଓ ଲିଫ୍ଟ କେନାଲ ମାଧ୍ୟମରେ ଜିଲାବ୍ୟାପୀ ଜଳ ଯୋଗାଣ କରୁଥିବାବେଳେ ପାଦ ତଳେ ଥାଇ ମଧ୍ୟ ଏହି ଦୁଇ ପଞ୍ଚାୟତର ୫୦୦ ଏକରରୁ ଊର୍ଦ୍ଧ୍ୱ ଚାଷ ଜମିରେ ଏଯାଏଁ ପହଞ୍ଚିପାରିନି ଜଳ ସେଚନ। ଏନେଇ ଚାଷୀ ଅନେକ ଥର ଜଳ ସେଚନ ବିଭାଗର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବାରୁ ଶେଷରେ ମରୁଡ଼ି ଘୋଷଣା ସହ ଲିଫ୍ଟ କେନାଲ ମାଧ୍ୟମରେ ଜଳ ସେଚନ ପାଇଁ ଜୟପାଟଣାର ମା' ରକ୍ତ ବୋଡେନ କୃଷକ ସଂଘ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆଉ କିଛିଦିନ ପରେ କଳାହାଣ୍ଡି ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଯିବ। ଧାନ ବିକ୍ରି କରି ନିଜର ଆବଶ୍ୟକ ପୂରଣ କରିବା ସହ କିଛି ନୂଆ କାର୍ଯ୍ୟ କରିବାର ଯୋଜନା ରହିଛି। କିନ୍ତୁ ଚାଷଜମିଗୁଡ଼ିକ ଶୁଖି ପୋଡ଼ି ଯାଇଥିବାବେଳେ ଋଣ କରଜ କରି ଚାଷ କାର୍ଯ୍ୟ କରିଥିବା ଚାଷୀ ବର୍ତ୍ତମାନ କିଭଳି ଋଣ ପରିଶୋଧ କରିବା ସହ ପରିବାର ପ୍ରତିପୋଷଣ କରିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି। ଜୟପାଟଣା ବ୍ଲକରେ ଥିବା ଇନ୍ଦ୍ରାବତୀ ଜଳ ସେଚନ ପ୍ରକଳ୍ପ ଦ୍ୱାରା ବାମ, ଡାହାଣ ମୁଖ୍ୟ କେନାଲ ଓ ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ଜିଲାର ଧର୍ମଗଡ଼, ଜୁନାଗଡ଼, ଲାଞ୍ଜିଗଡ଼ ଓ ଭବାନୀପାଟଣା ଚାରୋଟି ନିର୍ବାଚନ ମଣ୍ଡଳୀର ୮ଗୋଟି ବ୍ଲକର ୪୨୯ଟି ଗାଁର ୧ ଲକ୍ଷ ୧୨ ହଜାର ୮୬୬.୦୪ ହେକ୍ଟର ଚାଷ ଜମିରେ ଜଳ ସେଚନ କରି ୯୯ ହଜାର ୧୭୨ଟି ଚାଷୀ ପରିବାର ମୁହଁରେ ହସ ଦେଇ ପାରିଛି। କିନ୍ତୁ ଏହି ଅଞ୍ଚଳ ଉଚ୍ଚତାରେ ଥିବାରୁ ଜଳ ସେଚନର ବ୍ୟବସ୍ଥା ନାହିଁ। ଉଠା ଜଳ ସେଚନର ବ୍ୟବସ୍ଥା କରି ଏହାର ସ୍ଥାୟୀ ସମାଧାନ ପାଇଁ ଚାଷୀ ଦାବି କରିଛନ୍ତି।

## ଖୁଦ୍ର ବିକାଶ ତାଲିମ ଶିବିର ଆୟୋଜିତ



**କଣ୍ଟାବାଞ୍ଜି,(ନିପ୍ର) :** ବେସରକାରୀ ସଂଗଠନ ସଂଯୋଗ କଣ୍ଟାବାଞ୍ଜି ଓ ନାବାର୍ଡର ମିଳିତ ସହଯୋଗରେ ଗମ୍ଭରୀଗୁଡା ଗ୍ରାମରେ ୩୦ଜଣ ମହିଳାଙ୍କୁ ନେଇ କ୍ଷୁଦ୍ର ଉଦ୍ୟୋଗ ବିକାଶ ତାଲିମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ନାବାର୍ଡର ଜିଲା ପ୍ରବନ୍ଧକ ଡାକ୍ତର ବିବେକ କୁମାର ନାୟକ ପ୍ରଦୀପ ଜାଳି ଉଦଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ସମ୍ମାନୀତ ଅଥିତି ଭାବେ ଯୋଗଦେଇ ମହିଳା ମାନେ ଘରେ ନ ବସି ଜଙ୍ଗଲ ଜାତ କଞ୍ଚା ମାଲ ଉପରେ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା କରି ରୋଜଗାର କରିବାର ନୂଆ ଉପାୟ ସୃଷ୍ଟି କରିପାରିଲେ, ପଛୁଆ ଅଂଚଳରେ ଉଦାହରଣ ହୋଇପାରିବେ ବୋଲି କହିଛନ୍ତି। ଜାମୁଟ ଗ୍ରାମ୍ୟ ବାଙ୍କର ଶାଖା ପରିଚାଳକ ଅତିଥି ବକ୍ତା ରୂପେ ଯୋଗଦେଇ ବ୍ୟାଙ୍କ ଋଣ, ଦଳ ପରିଚାଳନା, ରୋଜଗାର ଯୋଜନା ଆଦି ବିଷୟରେ ବୁଝାଇଥିଲେ। ଏହି ତାଲିମ ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ଚାଲିବ। ଜଗନାଥ ତାଲିମଦାତା ରୂପେ ଯୋଗଦେଇ ଥିବା ବେଳେ ନୀଳାମ୍ବର ଦାସ ପରିଚାଳନା କରିଥିଲେ।

## ଖିରେଇଟାଙ୍ଗିରି ଗ୍ରାମ ପଞ୍ଚାୟତକୁ ଆଦର୍ଶ ଗ୍ରାମପଞ୍ଚାୟତ ଘୋଷଣା


**ପାଟଣା,(ନିପ୍ର):** ପାଟଣା ବ୍ଲକ ଅନ୍ତର୍ଗତ ଖିରେଇଟାଙ୍ଗିରି ଗ୍ରାମ ପଞ୍ଚାୟତକୁ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଆଦର୍ଶ ଗ୍ରାମ ପଞ୍ଚାୟତ ଘୋଷଣା କରିଛନ୍ତି। ଖିରେଇଟାଙ୍ଗିରି ପଞ୍ଚାୟତ ୬ଟି ଗ୍ରାମ ଓ



୧୨ଟି ୱାର୍ଡ ଅଞ୍ଚଳକୁ ନେଇ ଗଠିତ। ଏହି ଗ୍ରାମ ମଧ୍ୟ ଦେଇ ମୁମ୍ବାଇ-କଲକାତା ୪୯ ନଂ ଜାତୀୟ ରାଜପଥ ଯାଇଛି। ଖିରେଇଟାଙ୍ଗିରିରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସଦ ଶ୍ରୀ ନାଏକ ପଞ୍ଚାୟତକୁ ଆଦର୍ଶ ଗ୍ରାମ ଘୋଷଣା କରିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ବିଜେପି ପୂର୍ବତନ ଜିଲ୍ଲା ସଭାପତି ତଥା ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ । ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ଘୋଷଣା କରିଥିବାରୁ ପୂର୍ବତନ ସରପଞ୍ଚ ତଥା ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବନଜ କୁମାର ନାଏକ ସାଂସଦଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଭିକାରି ବେଶରେ ଶିକାରୀ – ଚିନ୍ତା ବଢ଼ାଉଛି ପ୍ରବାସୀ ଭିକ୍ଷୁକ

**ରେଙ୍ଗାଲିକ୍ୟାମ୍ପ,(ନିପ୍ର):** ସାମ୍ପ୍ରତିକ ଅତାବିରା ଅଞ୍ଚଳରେ ପ୍ରବାସୀ ଭିକ୍ଷୁକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଯାହା ଜନସାଧାରଣଙ୍କ ଚିନ୍ତାର ବିଷୟ ହୋଇଛି। କାରଣ ଏମାନଙ୍କର ଭିକ ମାଗିବା ଶୈଳୀ ଅଲଗା। ସାଧାରଣତଃ ଭିକ୍ଷା ମାଗିବା ବା ଭିକ୍ଷା ବୃତ୍ତି କରିବା କୌଣସି ଲଜ୍ଜାଜନକ କାମ ନୁହେଁ। ହେଲେ ପରିତାପର ବିଷୟ ଯେ ଏହି ଭିକାରୀମାନେ ସବୁ ବାହ୍ୟ ରାଜ୍ୟରୁ ଆସିଛନ୍ତି। ନାବାଳକ, ନାବାଳିକାଙ୍କ ଠାରୁ ଆରମ୍ଭ କରି ବୟସ୍କ ପୁରୁଷ ଓ ମହିଳା ମାନେ ଭିନ୍ନ ଭିନ୍ନ ରୂପରେ ବିଭିନ୍ନ ଆଳ ଦେଖାଇ ଭିକ୍ଷା ବୃତ୍ତି କରୁଛନ୍ତି। କିଏ ଛୋଟ ଶିଶୁକୁ କାଖେଇ ବୁଲୁଛି ତ ଆଉ କିଏ ଫଟା ଦଦରା ଲୁଗା ପନ୍ଧି ଭିକ ମାଗୁଛି। ଜାତୀୟ ରାଜପଥ (୫୩)ର ଗୋଡଭଗା, ଅତାବିରା, ରେଙ୍ଗାଲିକେମ୍ପ



ବସଷ୍ଟାଣ୍ଡ ଛକ ସହିତ ବିଭିନ୍ନ ଦୋକାନ, ବଜାର, ହୋଟେଲ,ବ୍ୟାଙ୍କ ଓ ଶିକ୍ଷାନୁଷ୍ଠାନ ସମ୍ମୁଖରେ ଛିଡା ହୋଇ ଯାତ୍ରୀ, ଛାତ୍ରଛାତ୍ରୀ ତଥା ଖାଉଟି ମାନଙ୍କୁ ଟଙ୍କା ପଇସା ମାଗିବା ରେ ଅତିଷ୍ଠ କରି ପକାଉଛନ୍ତି। ଏପରିକି ଯାତ୍ରୀବାହୀ ବସ ଅଟକିବା ମାତ୍ରେ ବିପଦାପନ୍ନ ଜାତୀୟ ରାଜପଥ ଉପରେ ଛିଡା ହୋଇ ବସର ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ହାତ ପାତି ରହୁଛନ୍ତି। ଫଳରେ ଛାତ୍ରଛାତ୍ରୀ, ଖାଉଟି, ଯାତ୍ରୀ ଓ ହିତାଧିକାରୀ ମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇ ପଡୁଛନ୍ତି। ସ୍ଥାନେ ସ୍ଥାନେ ୨ରୁ ୩ ଜଣ ଭିକାରୀ ଜଣେ ଯାତ୍ରୀଙ୍କୁ ଘେରି ପକାଉଛନ୍ତି। ଟଙ୍କା ନଦେବା ପର୍ଯ୍ୟନ୍ତ ପିଛା ଛାଡୁ ନାହାଁନ୍ତି। କିଛି କଲେଜ ଛାତ୍ରଛାତ୍ରୀ ଓ ଯାତ୍ରୀମାନେ ଏହି ମାନଙ୍କୁ ଟଙ୍କା ପଇସା ଦେବାକୁ ବାଧ୍ୟ ହୋଇ ପଡୁଛନ୍ତି। ଏହି ନିର୍ଦ୍ଦିଷ୍ଟ ସ୍ଥାନ ଗୁଡ଼ିକରେ ଏହି ଭିକାରୀମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବୁଲାବୁଲି କରି ମାଗୁଥିବାର ଦେଖାଯାଏ। ସାମ୍ପ୍ରତିକ ମୋବାଇଲ ମାନଙ୍କରେ ତଥା ବିଭିନ୍ନ ସୋସିଆଲ ମିଡିଆରେ ଅନେକ ପ୍ରକାର ଖବର ମାନ ବାହାରୁଛି ଭିକ୍ଷୁକ ମାନଙ୍କ ବିଷୟରେ। କିଏ ଦିନରେ ଭିକ୍ଷା କରି ରାତିରେ ଚୋରି କରିବା କଥା, ଆଉ କିଏ ଭିକ୍ଷୁକ ବେଶରେ ରହି କେଉଁଠି ଛୁଆ ମାନଙ୍କୁ ଚୋରି କରି ଚାଲାଣ କରିବା ଆଦି ଘଟଣା ଗୁଡ଼ିକ ବିଷୟରେ ଲୋକେ ପଢୁଛନ୍ତି ଓ ଶୁଣୁଛନ୍ତି, ଯାହା ଏହି ଭିକ୍ଷୁକ ମାନଙ୍କୁ ଦେଖି ଅନେକ ଲୋକ ଭୟଭୀତ ମଧ୍ୟ ହେଉଛନ୍ତି । ଦିନକୁ ଦିନ ନୂଆଁ ନୂଆଁ ଭିକାରୀ ମାନଙ୍କୁ ଦେଖି ଲୋକେ ଦ୍ୱିଧାରେ ପଡୁଛନ୍ତି, ପ୍ରକୃତରେ ସେ ଭିକ୍ଷୁକ କି ନୁହେଁ । ଅନ୍ୟ ପକ୍ଷରେ କିଛି ଭଣ୍ଡ ଭିକ୍ଷୁକ ମାନଙ୍କ ଯୋଗୁଁ ଅନ୍ୟ ମାନେ/ ପ୍ରକୃତ ଭିକ୍ଷୁକ ସେଥିରେ ଚାପି ହୋଇ ଯାଉଛନ୍ତି। ତେଣୁ ବିଭାଗୀୟ ଅଧିକାରୀ ଏହାକୁ ଦୃଷ୍ଟି ଦେଇ ନାବାଳକ ନାବାଳିକା ମାନଙ୍କୁ ଭିକ୍ଷା ବୃତ୍ତିରୁ ନିବୃତ୍ତ କରି ଅଧ୍ୟୟନ କରାଇବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଓ ଅନୁପ୍ରବେଶକାରୀ ପ୍ରବାସୀ ଭିକ୍ଷୁକଙ୍କ ପ୍ରତି ବିହିତ ପଦକ୍ଷେପ ନେବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

# ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶକୁ ମାନୁ ନାହାନ୍ତି ଯନ୍ତ୍ରୀ

**ମାଲକାନଗିରି, (ନି.ପ୍ର):** ମାଲକାନଗିରି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଜନ-୧ ରେ ଅଧିକାରୀଙ୍କ କଥା ଓ ତାଗିଦକୁ ଅଣ ଦେଖା କରୁଛନ୍ତି ଯନ୍ତ୍ରୀ। ବାରମ୍ବାର ନିର୍ଦ୍ଦେଶ ପରେ ମଧ୍ୟ ଅଧିକାରୀଙ୍କ କଥା ଶୁଣୁ ନଥିବା ବେଳେ ଠିକା କାର୍ଯ୍ୟ କରୁଥିବା ଠିକାଦାରଙ୍କ ପ୍ରାପ୍ୟ ମଧ୍ୟ ଦେଉନଥିବା ନେଇ ଅଭିଯୋଗ ହୋଇଛି। ସୂଚନା ମୁତାବକ ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକରେ ଅପର୍ଣ୍ଣା ସରକାର ନାମକ ଠିକାଦାର ଗତ ଦୁଇବର୍ଷ ପୂର୍ବେ ଗ୍ରାମ୍ୟ ଉନ୍ନୟନ ବିଭାଜନ-୧ ବିଭାଗ ତରଫରୁ ପାଚେରୀ ଓ ନାଳ ନିର୍ମାଣ କାର୍ଯ୍ୟ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ପାଇଥିବା ବେଳେ ୮ ଲକ୍ଷ ୬୫ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟ ରହିଥିଲା। ୨୦୨୨ ମସିହାରେ କାର୍ଯ୍ୟ ଆରମ୍ଭ କରି କାର୍ଯ୍ୟ ଶେଷ ହେବା ମଧ୍ୟରେ ଠିକାଦାରଙ୍କୁ ରନିଙ୍ଗ ବିଲ ଦ୍ୱାରା ମୋଟ ତିନିଲକ୍ଷ ସାତ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ସମୟ ସୀମା ମଧ୍ୟରେ ଉକ୍ତ କାର୍ଯ୍ୟ ସମାପ୍ତ ହୋଇଥିବା ସତ୍ତ୍ୱେ ବର୍ତ୍ତମାନ ଯାଏଁ ଏହି କାର୍ଯ୍ୟର ବକେୟା ବିଲ ତାଙ୍କୁ ମିଳୁ ନଥିବା ସେ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ସମ୍ପୃକ୍ତ ଠିକାଦାର ବାରମ୍ବାର କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା ପ୍ରକାଶ କରିଛନ୍ତି। ବାରମ୍ବାର କନିଷ୍ଠ ଯନ୍ତ୍ରୀ ଓ ଉପ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ କାର୍ଯ୍ୟ ସମାପ୍ତିର ବିଲ୍ ପ୍ରଦାନ ନିମନ୍ତେ ଦାବି କରି ଆସୁଥିଲା ବେଳେ ଅଦ୍ୟାବଧି ତାହା ପାଇ ନଥିବାରୁ ସେ ନିରାସ ହୋଇଥିବା ସହ ମାନସିକ ଚାପରେ ରହୁଥିବା ପ୍ରକାଶ କରିଛନ୍ତି। ତେବେ ଏ ସମ୍ବନ୍ଧରେ ପ୍ରାୟ ଚାରି ମାସ ପୂର୍ବେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କ ନିକଟରେ ସେ ଏକ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ତଥାପି ବିଭାଜନ ତରଫରୁ ଏହାକୁ ଦୃଷ୍ଟି ଦିଆଯାଉ ନଥିବା ଓ କନିଷ୍ଠ ଯନ୍ତ୍ରୀଙ୍କ ଅବହେଳାରୁ ସେ ଅର୍ଥ ପାଉନଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଜନ-୧ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ପ୍ରକାଶ କରିଛନ୍ତି ଯେ, ଠିକାଦାର ବାରମ୍ବାର ନିଜର ପ୍ରାପ୍ୟ ପାଇଁ ଅନୁରୋଧ କରିବା ସହ ଲିଖିତ ଅଭିଯୋଗ କଲା ପରେ ଏନେଇ ସେ ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଉକ୍ତ କାର୍ଯ୍ୟର ଚେକ୍, ମେଜରମେଣ୍ଟ ଇତ୍ୟାଦି କରି ଠିକାଦାରଙ୍କ ପ୍ରାପ୍ୟ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲି। ପୁଣି କିଛି ଦିନ ପରେ ଠିକାଦାର୍ ମୋ ପାଖକୁ ଆସି ପ୍ରାପ୍ୟ ପାଇନଥିବା ନେଇ ଅଭିଯୋଗ କରିବା ପରେ ବାଧହୋଇ କନିଷ୍ଠ ଯନ୍ତ୍ରୀ ତାଙ୍କ କାର୍ଯ୍ୟ ସଠିକ ଭାବେ କରୁନଥିବାରୁ ବିଭାଗୀୟ ମୁଖ୍ୟଙ୍କୁ ଚିଠି ଲେଖି ଅବଗତ କରିଥିଲି। ତେବେ ଠିକାଦାର ବର୍ତ୍ତମାନ ମଧ୍ୟ ଅର୍ଥ ପାଉନଥିବା ନେଇ ଅଭିଯୋଗ କରିଥିବା ବେଳେ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ଯେଉଁଠି ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ଯନ୍ତ୍ରୀ ପାଳନ କରୁ ନାହାନ୍ତି ସେଠାରେ ଅନ୍ୟ କାର୍ଯ୍ୟ କିପରି ଚାଲୁଥିବ ତାହା ସହଜରେ ଅନୁମାନ କରି ହେଉଥିବା ବେଳେ ଠିକାଦାର ନିଜର ପ୍ରାପ୍ୟ ପାଇଁ ଏତେ ଦିନ ଅପେକ୍ଷା କରିବା ସହ ମାନସିକ ଚାପରେ ରହୁଥିବାରୁ ଏହି ଘଟଣାର ପ୍ରଶାସନ ପକ୍ଷରୁ ତଦନ୍ତ କରି ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି।

## ବିଧାୟକଙ୍କ ନିର୍ଦ୍ଦେଶରେ ହେଲା ରାସ୍ତା ନିର୍ମାଣ

**ନିଶ୍ଚିନ୍ତକୋଇଲି,(ନି.ପ୍ର):** ଦୀର୍ଘ ୩୦ ବର୍ଷ ପରେ ମାହାଙ୍ଗାର ସ୍ୱାଧିନ ବିଧାୟକ ସାରଦା ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ୯ନମ୍ବର ଡି କେନାଲ ରାସ୍ତା ନିର୍ମାଣକରାଯାଇଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି। ଦୀର୍ଘ ୩୦ ବର୍ଷ ହେଲା ବାଲିଆପଦା ଗ୍ରାମପଂଚାୟତ ଖଣ୍ଡସାହି-ଅସୁରେଶ୍ୱର ରାସ୍ତାର ୯ନମ୍ବର ଡି କେନାଲ ବନ୍ଧ ରାସ୍ତା ନିର୍ମାଣ ହୋଇନପାରି ଶୋଚନୀୟ ଅବସ୍ଥାରେ ପଡିରହିଥିଲା। ତେବେ ମାହାଙ୍ଗାର ନବ ନିର୍ବାଚିତ ବିଧାୟକ ସାରଦା ପ୍ରଧାନ ଲୋକଙ୍କ ସମସ୍ୟାକୁ ଆଖି ଆଗରେ ରଖି ଏହି ରାସ୍ତା ନିର୍ମାଣକୁ ଅଗ୍ରାଧିକାର ଦେବା ସହ ଅର୍ଥ ମଞ୍ଜୁର କରିଥିଲେ। ଏହି ରାସ୍ତା ନିର୍ମାଣ ହେବା ଦ୍ୱାରା ସ୍ଥାନୀୟ ଖଣ୍ଡସାହି, ତେନ୍ତଲପୁର, କଟରପଡା, ପିଠାପଡା, ସୁକରପଡା, କେଂଟାଲୋ ,ଅସୁରେଶ୍ୱର ମଧ୍ୟରେ ଗମନା ଗମନର ବେଶ ସୁବିଧା ହୋଇପାରିବ। ୧କିମି ବ୍ୟାପି ନିର୍ମାଣ କରାଯାଇଥିବା ଏହି ରାସ୍ତା ନିର୍ମାଣରେ ସ୍ଥାନୀୟ ଅସୁରେଶ୍ୱର,ପୁବଂଶ ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ନବୀନ ପାଣିଗ୍ରାହୀ ତଦାରଖ କରିଥିଲା ବେଳେ ଏଥିରେ ସ୍ଥାନୀୟ ଅଂଚଳର ସମାଜସେବୀ ସେକ ରହିମୁଦ୍ଦିନ, ମନୋରଞ୍ଜନ ସିଂ, ସୁବାଷ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ। ତେବେ ବିଧାୟକଙ୍କ ଏଭଳି ଜନହିତକର କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।



# ପନ୍ନୁକୁ ହତ୍ୟା ଉଦ୍ୟମ !

୨୦୨୦ରେ ପନ୍ନୁନକୁ ହତ୍ୟା ଉଦ୍ୟମ ହୋଇଥିଲା । ଏଥିରେ ଭାରତର ହାତ ରହିଛି ବୋଲି ଅଭିଯୋଗ ହୋଇଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ଏହାର କୌଣସି ପ୍ରମାଣ ମିଳିନି । ତେବେ ପନ୍ନୁନ ଆମେରିକାର ଏକ କୋର୍ଟରେ ଆଗତ କରିଥିବା ସିଭିଲ ସୁଟ ଆଧାରରେ ସମ୍ପୃକ୍ତ କୋର୍ଟ ଭାରତ ସରକାରଙ୍କୁ ନୋଟିସ ଜାରି କରିଛନ୍ତି । ଏହାକୁ ଭାରତ ସରକାର ଅପ୍ରତ୍ୟାଶିତ ଏବଂ ଏହାର କୌଣସି ଯଥାର୍ଥତା ନାହିଁ ବୋଲି କହିଛନ୍ତି । ପନ୍ନୁନ ଏକ ଆତଙ୍କବାଦୀ ସଙ୍ଗଠନ ସହ ଜଡ଼ିତ । ଭାରତରେ ହିଂସା ସୃଷ୍ଟି କରିବା ଏବଂ ନିରୀହ ଲୋକଙ୍କୁ ହତ୍ୟା କରିବା, ଭାରତରେ ଅସ୍ଥିରତା, ବିଶୃଙ୍ଖଳା ସୃଷ୍ଟି କରିବା ହେଉଛି ଏହାର ଲକ୍ଷ୍ୟ । ଏହା ଏକ ମୌଳବାଦୀ ସଙ୍ଗଠନ । ଏହି ସଙ୍ଗଠନ ବିଶ୍ୱର ବିଭିନ୍ନ ଦେଶରେ ବାସ କରୁଥିବା ଧନୀ ଶିଖ ଧର୍ମାବଲମ୍ବୀଙ୍କଠାରୁ ଚାନ୍ଦା ଆଦାୟ କରିଥାଏ । ପନ୍ନୁନ ଆମେରିକା ଏବଂ କାନାଡ଼ାରେ ବସବାସ କରୁଥିବା ଏବଂ ସେଠାକାର ନାଗରିକତ୍ୱ ଗ୍ରହଣ କରିଥିବା ଶିଖ ଧର୍ମାବଲମ୍ବୀଙ୍କଠାରୁ ମୋଟା ଅଙ୍କର ଚାନ୍ଦା ସଂଗ୍ରହ କରି ଏହାକୁ ଭାରତ ବିରୋଧୀ କାର୍ଯ୍ୟରେ ଲିପ୍ତ ମୌଳବାଦୀ ସଙ୍ଗଠନକୁ ସହାୟତା କରିଥାଏ । ନିଜେ ମଧ୍ୟ ବେଶ ମୋଟା ଅଙ୍କର ପିସି ରଖିଥାଏ । ଭାରତରେ ଅତୀତରେ ଅନେକ ହିସାକାଣ୍ଡ ପଛରେ ତା'ର ହାତ ରହିଛି । ଅନେକ ନିରୀହ ଲୋକଙ୍କ ହତ୍ୟା ଲାଗି ପନ୍ନୁନ ସୁପାରି ଦେଇଥିବା ପ୍ରମାଣ ରହିଛି । ଏଭଳି ଜଣେ କଳଙ୍କିତ ବ୍ୟକ୍ତିଙ୍କ ସିଭିଲ ସୁଟ ଆଧାରରେ କୋର୍ଟ ଭାରତ ସରକାରଙ୍କୁ ନୋଟିସ ଜାରି କରିବା ଅତ୍ୟନ୍ତ ନିନ୍ଦନୀୟ । ଏହା ଭାରତ-ଆମେରିକା ସ୍ୱାଭାବିକ ସମ୍ପର୍କକୁ ପ୍ରଭାବିତ କରିପାରେ । ସାରା ବିଶ୍ୱ ଭାରତର ଅହିଂସା ନୀତି ଏବଂ ଆତଙ୍କବାଦ ବିରୋଧୀ ଆଭିମୁଖ୍ୟ ସମ୍ପର୍କରେ ଭଲ ଭାବେ ଅବଗତ । ସମସ୍ତେ ଜାଣନ୍ତି ଭାରତ ବିଶ୍ୱର କୌଣସି ସ୍ଥାନରେ କୌଣସି ଆତଙ୍କୀ ସଙ୍ଗଠନକୁ ସହଯୋଗ ବା ସହାୟତା କରେ ନାହିଁ । ଏହା ପାକିସ୍ତାନ, ଚୀନ ଏବଂ ଆମେରିକାର ଚରିତ୍ର । ବିଶ୍ୱ କଲ୍ୟାଣ ଏବଂ ଶାନ୍ତି ଲାଗି ଭାରତ ଅହରହ ଉଦ୍ୟମ କରୁଛି ଏବଂ ଏହା ସମଗ୍ର ବିଶ୍ୱ ପାଇଁ ଏକ ଆଦର୍ଶ । ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ହେଉଛି ଅହିଂସାର ପୂଜାରୀ । ଏଥିରେ ପନ୍ନୁନ ଭଳି ଏକ ଅତି ସାଧାରଣ ଅପରାଧୀକୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରିବା ଅଭିଯୋଗ ସମ୍ପୂର୍ଣ୍ଣ ନିରାଧାର ଏବଂ ହାସ୍ୟାସ୍ପଦ । ପନ୍ନୁନର ଅଭିଯୋଗର ପ୍ରାଥମିକ ପ୍ରମାଣ ଅଛି କି ନାହିଁ, ସେ ସମ୍ପର୍କରେ ଆମେରିକା କୋର୍ଟ ପ୍ରଥମେ ଅନୁସନ୍ଧାନ କରିବା ଉଚିତ ଥିଲା । ବିନା ପ୍ରାଥମିକ ପ୍ରମାଣରେ ଜଣେ ଅପରାଧିର ଅଭିଯୋଗ ଆଧାରରେ ବିଶ୍ୱର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ରକୁ ଆମେରିକାର ଏକ ତଳ କୋର୍ଟ ନୋଟିସ ଜାରି କରିବା ଦୁର୍ଭାଗ୍ୟଜନକ, ବେଆଇନ । କାଲି ଯଦି ଭାରତ ସମାନ ଅଭିଯୋଗରେ ପନ୍ନୁନ ବିରୋଧରେ ଆରେଷ୍ଟ ୱାରେଣ୍ଟ ଜାରି କରେ ତେବେ ଏହାକୁ ଆମେରିକା ଗ୍ରହଣ କରିପାରିବ ତ ? ପନ୍ନୁନକୁ ହତ୍ୟା ଉଦ୍ୟମ ବାସ୍ତବରେ ହୋଇଥିଲା କି ନାହିଁ ତାହା ଏକ ବଡ଼ ପ୍ରଶ୍ନ । ଦ୍ୱିତୀୟରେ କୌଣସି ଭାରତୀୟ ଏଥିରେ ସମ୍ପୃକ୍ତ ଅଛନ୍ତି କି ନାହିଁ, ଯଦି ସମ୍ପୃକ୍ତ ଅଛନ୍ତି ତେବେ ସେ ବ୍ୟକ୍ତିଗତ ସ୍ତରରେ ଏଥିରେ ସମ୍ପୃକ୍ତ ନା ଭାରତ ସରକାର ଏଥିଲାଗି ପ୍ରୋତ୍ସାହନ ଏବଂ ସହାୟତା ପ୍ରଦାନ କରୁଛନ୍ତି ତାହା ମଧ୍ୟ ତଦନ୍ତ ସାପେକ୍ଷ ।

# ପୃଷ୍ଟିଶସ୍ୟ ଏବଂ ଆମ ସ୍ୱାସ୍ଥ୍ୟ

**॥ ମୌଲାନା ଫଜଲ ହକ ଖାଁ ॥**

ଅପପୃଷ୍ଟି, କୁପୋଷଣ, ରକ୍ତହିନତା ତଥା ମଧୁମେହ ରୋଗରେ ଆମ ଦେଶର ଅର୍ଦ୍ଧାଧିକ ଲୋକ କବଳିତ । ଛୋଟପିଲା, ମହିଳା, ଧନୀ, ଗରିବ କେହି ବାଦ୍ ପଡି ନାହାଁନ୍ତି । ଯେତେ ମାତ୍ରାରେ ରୋଗ ଏବଂ ରୋଗୀଙ୍କ ସଂଖ୍ୟା ବଢିଚାଲିଛି ସେଥିପାଇଁ ସରକାରୀ ଡାକ୍ତରଖାନା ପର୍ଯ୍ୟାପ୍ତ ନୁହେଁ, ଫଳରେ ବଢିଚାଲିଛି ବେସରକାରୀ ଡାକ୍ତରଖାନା । ଗୋଟିଏ ପରିବାରର

ଆୟର ୨୦-୨୫ ପ୍ରତିଶତ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହୋଇଯାଉଛି । ଯଦି କ୍ୟାନସର୍ ପରି ଦୂରା ରୋଗ ଆସିଯାଏ ତେବେ ଉକ୍ତ ପରିବାର ତଳିତଳାନ୍ତ ହେଇଯାଉଛନ୍ତି । ବଢ଼ି ଚାଲିଛି ବ୍ୟାପାର । ବଢିଚାଲିଛି ମଧୁମେହ ରୋଗୀଙ୍କ ସଂଖ୍ୟା । ରୋଗ ସହନଶୀଳତା ବା ପ୍ରତିରକ୍ଷା ଶକ୍ତି କମି କମି ଯାଉଛି ଯାହାର ଜ୍ୱଳନ୍ତ ଉଦାହରଣ ଆମେ କରୋନା ସମୟରେ ଦେଖିଲେ । ଅନେକ ଗବେଷକଙ୍କ ମତରେ ଆମର ଖାଦ୍ୟ ହେଉଛି ଅନେକ ରୋଗର କାରଣ । ଆମକୁ ଅନୁସଂନ୍ଧାନ କରିବାକୁ ପଡୁଛି ମାନବ ସମାଜରେ ବଢିଚାଲିଥିବା ରୋଗରୁ କେଉଁ ଖାଦ୍ୟ ବଞ୍ଚାଇ ପାରିବ ? ଏହିପରି ଅନେକ ପ୍ରଶ୍ନ ଉଙ୍କିମାରେ ସଚେତନ ବୁଦ୍ଧିଜୀବି ଏବଂ ନାଗରିକଙ୍କ ମନରେ । ବହୁତ ଆଶ୍ୱସ୍ତି ଲାଗେ ଖବରକାଗଜ ଏବଂ ଟିଭିରେ ଓଡିଶା ସରକାରଙ୍କର ମିଲେଟ୍ ମିଶନ୍ ସମ୍ବନ୍ଧୀୟ ସମ୍ବାଦ ଦେଖିଲେ । ଭାରତ ସରକାରଙ୍କ ପ୍ରଚେଷ୍ଟାରେ ଆଜି ସାରା ଦୁନିଆଁ ପୃଷ୍ଟି ଶସ୍ୟର ଉପକାରିତାକୁ ହୃଦ୍‌ବୋଧ କରି ୨୦୨୩ ମସିହାକୁ ଆନ୍ତର୍ଜାତୀୟ ପୃଷ୍ଟିଶସ୍ୟ ବର୍ଷରୂପେ ପାଳନ କରିବା ନିମନ୍ତେ ଆହ୍ୱାନ କରିଛନ୍ତି । ଏହା ସହିତ ଖୁସିର ବିଷୟ ହେଉଛି ଦୀର୍ଘ ୨୫ ବର୍ଷ ଧରି ପୃଷ୍ଟି ସ୍ୱାସ୍ଥ୍ୟଗତ ଉପକାରିତା ଉପରେ ଗବେଷଣା ତଥା ସଚେତନତା କରିଆସୁଥିବା ଡ. ଖାଦର ଭାଲିଙ୍କୁ ଭାରତ ସରକାର ଚଳିତ ବର୍ଷ ପଦ୍ମଶ୍ରୀ ସମ୍ମାନରେ ସମ୍ମାନୀତ କରିବା ପାଇଁ ଘୋଷଣା କରିଛନ୍ତି ।



ଖାଦ୍ୟ ନା କେବଳ ମଣିଷର ମୌଳିକ ଆବଶ୍ୟକତା ପୂରଣ କରେ ବରଂ ଅପପୃଷ୍ଟି ସହିତ ଲଢେଇ କରିବା ଦିଗରେ ସହାୟକ ହୋଇଥାଏ । ଜାତୀୟ ପରିବାର ସ୍ୱାସ୍ଥ୍ୟସର୍ଭେ (ଘଐରଝ-୫) ରିପୋର୍ଟକୁ ଅନୁଧାନ କଲେ ଜଣା ପଡେ ଆଜିବି ଭାରତରେ ୧୫ ରୁ ୪୯ବର୍ଷ ବର୍ଗରେ ଥିବା ମହିଳାମାନଙ୍କ ମଧ୍ୟରୁ ୫୭ ପ୍ରତିଶତ କୁପୋଷଣର ଶିକାର ଅଟନ୍ତି । ସେହିଭଳି ଅନେକ ଉଦ୍ୟମ ପରେ ମଧ ଆଜିବି ଆମ ଦେଶରେ ଶିଶୁମୃତ୍ୟୁ ହାର ଏବଂ ମାତୃମୃତ୍ୟୁ ହାର ଯଥାକ୍ରମେ ୨୭ ଏବଂ ୯୭ ଅଟେ । ଏହିପରି ଗମ୍ଭୀର ପରିସ୍ଥିତିକୁ ମୁକାବିଲା କରିବାକୁ ହେଲେ ଆମ ପ୍ଲେଟରେ ଥିବା ଖାଦ୍ୟଶସ୍ୟକୁ ପରିବର୍ତ୍ତନ କରିବା ଅପରିହାର୍ଯ୍ୟ । ଆମ ଦୈନନ୍ଦିନ ଖାଦ୍ୟରେ ଧାନ, ଗହମ, ମକା ଭଳି ପ୍ରଧାନ ଖାଦ୍ୟର ବିକଳ୍ପ ହିସାବରେ ପୃଷ୍ଟିଶସ୍ୟକୁ ପ୍ରମୁଖ ଖାଦ୍ୟ ଭାବରେ ଗ୍ରହଣ କରିବାର ଆବଶ୍ୟକତା ବଢିଯାଇଛି । ଅନୁସଂଧାନରୁ ଜଣାପଡିଛି ଯେ ଧାନ, ଗହମ, ମକା ପରିବର୍ତ୍ତେ ବାଜରା, ମାଣ୍ଡିଆ, କାଙ୍ଗୁ, କୋଦ, ସୁଆଁ ଏବଂ ଜଅର ଅପପୃଷ୍ଟି ରୋକିବାରେ ସହାୟକ ହେଉଥିବା ବେଳେ ମଧୁମେହ ଭଳି ରୋଗକୁ ମୁକାବିଲା କରିବା ନିମନ୍ତେ ସମର୍ଥ ଅଟେ । ସାଧାରଣ ଲୋକଙ୍କ ଅବଗତ ନିମନ୍ତେ ସୂଚିତ କରାଯାଇ ପାରେ ଯେ ଉପରୋକ୍ତ ପାଞ୍ଚ ପ୍ରକାର ପୃଷ୍ଟିଶସ୍ୟରେ ଭରପୂର ରହିଛି ପୃଷ୍ଟିସାର, ଜିବନିକା, ଖଣିଜ ଲବଣ, ଲୌହ ତଥା କ୍ୟାଲସିୟମ୍ । ବାଜରାରେ ଅଧିକ ପରିମାଣରେ ଲୌହ ଏବଂ କ୍ଷୀର ଠାରୁ ଦୁଇଗୁଣ ଅଧିକ ସ୍ନେହସାର ରହିଅଛି । ତେଣୁ ଏହା ଏକ ଅତ୍ୟନ୍ତ ପୁଷ୍ଟିକର ଖାଦ୍ୟ । ସେହିଭଳି ମାଣ୍ଡିଆରେ ମଧ ଭରପୂର ଭାବେ କ୍ୟାଲସିୟମ୍ ରହିଅଛି ।

କୋଦରେ ଗହମ ଏବଂ ମକା ଅପେକ୍ଷା ଅଧିକ ମାତ୍ରାରେ ତନ୍ତୁ ରହିଥାଏ ଫଳରେ ହଜମ କରିବାରେ ସହାୟକ ହୋଇଥାଏ । ଏଇ ସମସ୍ତ ଖାଦ୍ୟ ଶସ୍ୟରେ କମ୍ ମାତ୍ରାରେ ଗ୍ଲାଇସେମିକ୍ ଥିବାରୁ ମଧୁମେହକୁ ନିୟନ୍ତ୍ରଣ କରିବାରେ ସହାୟକ ଆନ୍ତର୍ଜାତିକ ପୃଷ୍ଟିଶସ୍ୟବର୍ଷ ଉପକ୍ଷେକ୍ଷ ହୋଇଥାଆନ୍ତି । ଗ୍ଲାଇସେମିକ୍ ଇନଡେକ୍ସ ଏକ ସୂଚନାଙ୍କ ଯାହାଦ୍ୱାରା ଆମେ ଖାଉଥିବା ଖାଦ୍ୟରେ ଥିବା ଶ୍ୱେତସାର ଆମ ଶରୀରରେ ବ୍ଲଡ଼ସୁଗାରକୁ କିପରି ପ୍ରଭାବିତ କରିଥାଏ ତାହା ଆମେ ଜାଣିପାରିବା । ଗ୍ଲାଇସେମିକ୍ ଇନଡେକ୍ସ ୧ ରୁ ୧୦୦ ମଧ୍ୟରେ ସୂଚିତ କରେ । ଚାଉଳ ଏବଂ ଗହମ ପ୍ରସ୍ତୁତ ଖାଦ୍ୟରେ ଗ୍ଲାଇସେମିକ୍ ଇନଡେକ୍ସ ଯଥାକ୍ରମେ ୬୮ ଏବଂ ୬୨ ଥାଏ । ଯଦି ଚାଉଳ ଏବଂ ଗହମ ପ୍ରସ୍ତୁତ ଖାଦ୍ୟ ମିଶାଯାଏ ତେବେ ଗ୍ଲାଇସେମିକ୍ ଇନଡେକ୍ସ ୭୫ ରୁ ୮୭ ପର୍ଯ୍ୟନ୍ତ ବଢିଯାଏ । ପୃଷ୍ଟିଶସ୍ୟ ଗୁଡିକର ଗ୍ଲାଇସେମିକ୍ ଇନଡେକ୍ସ ହେଉଛି ୫୨ ଯାହାକି ଚାଉଳ ଏବଂ ଅଟା ଠୁ କମ୍ ଅଟେ । ପୃଷ୍ଟିଶସ୍ୟରେ ଥିବା ତନ୍ତୁ ଆମକୁ ସୁସ୍ଥ ରଖିବା ସହିତ ରୋଗରୁ ରକ୍ଷା କରିବାରେ ସହାୟକ ହୋଇଥାଏ । ପୃଷ୍ଟିଶସ୍ୟ ଥିବା ତନ୍ତୁ ଦୁଇ ପ୍ରକାରର ଯଥା ରକ୍ତରେ ମିଶିପାରୁଥିବା ତନ୍ତୁ ଏବଂ ରକ୍ତରେ ମିଶିପାରୁ ନଥିବା ତନ୍ତୁ । ପାଚନ ହୋଇ ରକ୍ତରେ ମିଶି ପାରୁଥିବା ତନ୍ତୁ ପ୍ରୋବାଇଓଟିକ୍ ହିସାବରେ କାମ କରେ ଏବଂ ଏଥିରେ ଉପକାରୀ ଜୀବାଣୁ ଗୁଡିକ ବଢିଥାନ୍ତି । ହଜମ ହୋଇପାରୁନଥିବା ତନ୍ତୁର ମଧ ଉପାଦେୟତା ଅଛି । ଏହି ତନ୍ତୁ ମଳକୁ କଠିନ ହେବାକୁ ଦେଇ ନଥାଏ ଏବଂ ପୃଷ୍ଟିଶସ୍ୟ ଖାଇବା ଦ୍ୱାରା ମଳଗହ୍ୱର କର୍କଟ ରୋଗର ଆଶଙ୍କା କମ୍ ରହିଥାଏ ।

ପୃଷ୍ଟିଶସ୍ୟରେ ହଜମ ହୋଇପାରୁଥିବା ତନ୍ତୁ କ୍ଷତିକାରକ ଟ୍ରାଇଗ୍ଲିସେରାଇଟ୍‌ର ମାତ୍ରା କମାଇଥାଏ ଏବଂ ଆମ ହୃତପିଣ୍ଡକୁ ସୁସ୍ଥ ରଖିବାରେ ସାହାର୍ଯ୍ୟ କରେ । ପୃଷ୍ଟିଶସ୍ୟ କୁ ଆହାର ହିସାବରେ ଗ୍ରହଣ କରିବା ର ମୂଳଲକ୍ଷ୍ୟ ହେଉଛିଯେ ଆମେ ସୁସ୍ଥ ରହିବା ଏବଂ ବିଭିନ୍ନ ରୋଗକୁ ମୁକାବିଲା କରିପାରିବା । ସ୍ୱାଦିଷ୍ଟ କରିବା ପାଇଁ ପୃଷ୍ଟି ଶସ୍ୟ ପ୍ରସ୍ତୁତ ଖାଦ୍ୟରେ ଅଧିକ ଲୁଣ, ଚିନି ବା ତେଲ ତଥା ରାସାୟନିକ ଫ୍ଲେଭର ବ୍ୟବହାର କରିବା ଅନୁଚିତ, କାରଣ ଏହାଦ୍ୱାରା ପୃଷ୍ଟି ଶସ୍ୟର ପୃଷ୍ଟିଗତ ଗୁଣବତ୍ତା ନଷ୍ଟ ହୋଇଯାଏ । ସେହିପରି ରାସାୟନିକ ସାର ଔଷଧ ଆଦି ପ୍ରୟୋଗ କରି ପୃଷ୍ଟି ଶସ୍ୟ ଚାଷ କରିବା ଅନୁଚିତ । ପ୍ରାକୃତିକ କୃଷି ପଦ୍ଧତିରେ ଚାଷ କଲେ ପୃଷ୍ଟିଶସ୍ୟର ପୃଷ୍ଟିଗତ ଉପାଦେୟତା ମିଳିପାରିବ । ଏଣୁ ପୃଷ୍ଟିଶସ୍ୟକୁ ପ୍ରାକୃତିକ କୃଷି ପଦ୍ଧତିରେ ଚାଷ କରାଯାଉ । ଗ୍ରାହକ ମାନେ ଦିନେ ଅଧେ ନୁହେଁ ସବୁଦିନେ ପୃଷ୍ଟିଶସ୍ୟ ପ୍ରସ୍ତୁତ ଖାଦ୍ୟ ଖାଇବା ପାଇଁ ନିଷ୍ପତି ନିଅନ୍ତୁ । ଖୋଲା ହାଟ ବଜାରରେ ପୃଷ୍ଟିଶସ୍ୟର ବିକ୍ରିବଟା ବଢିଲେ ପୃଷ୍ଟିଶସ୍ୟ ଚାଷ କ୍ଷେତ୍ର ବଢିବ ଏବଂ ଚାଷୀମାନେ ଉପକୃତ ହେବେ ।

ମୋ-୯୪୩୮୭୪୭୩୨୦

*ଖାଦ୍ୟ ନା କେବଳ ମଣିଷର ମୌଳିକ ଆବଶ୍ୟକତା ପୂରଣ କରେ ବରଂ ଅପପୃଷ୍ଟି ସହିତ ଲଢେଇ କରିବା ଦିଗରେ ସହାୟକ ହୋଇଥାଏ । ଜାତୀୟ ପରିବାର ସ୍ୱାସ୍ଥ୍ୟସର୍ଭେ (ଘଐରଝ-୫) ରିପୋର୍ଟକୁ ଅନୁଧାନ କଲେ ଜଣା ପଡେ ଆଜିବି ଭାରତରେ ୧୫ ରୁ ୪୯ବର୍ଷ ବର୍ଗରେ ଥିବା ମହିଳାମାନଙ୍କ ମଧ୍ୟରୁ ୫୭ ପ୍ରତିଶତ କୁପୋଷଣର ଶିକାର ଅଟନ୍ତି । ସେହିଭଳି ଅନେକ ଉଦ୍ୟମ ପରେ ମଧ ଆଜିବି ଆମ ଦେଶରେ ଶିଶୁମୃତ୍ୟୁ ହାର ଏବଂ ମାତୃମୃତ୍ୟୁ ହାର ଯଥାକ୍ରମେ ୨୭ ଏବଂ ୯୭ ଅଟେ ।*

# ସ୍ୱାଧୀନତାର ସପ୍ତମ ଦଶକରେ ଭାରତର ଅଗ୍ରଗତି

**॥ ବିଚିତ୍ରାନନ୍ଦ ପ୍ରଧାନ ॥**

ଦୀର୍ଘ ଦ୍ୱିଶତାଧିକ ବର୍ଷ ବ୍ୟାପୀ ବ୍ରିଟିଶ ଶାସନରେ ନିପୀଡ଼ିତ ଭାରତବାସୀ ଯେଉଁଦିନ ସ୍ୱାଧୀନତାର ଆଦ୍ୟ ବାୟୁ ଆଘ୍ରାଣ କଲେ ସେହି ଦିନଟି ୧୯୪୭ ଖ୍ରୀଷ୍ଟାବ୍ଦ ଅଗଷ୍ଟ ମାସ ୧୫ ତାରିଖ । ସେହି ଦିବସଟି ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ । ଚାହୁଁ ଚାହୁଁ ବିତିଯାଇଛି ୭୫ ବର୍ଷ । ହାତମୁଠାରୁ ବାଲି ଝରିଲା ପରି ଗଡ଼ି ଯାଉଛି ସମୟ ତାର ନିର୍ଦ୍ଦିଷ୍ଟ ଗତିରେ । ପରାଧିନ ଭାରତ ଏବେ ଅତୀତର ବିଷୟବସ୍ତୁ । ଆଶା ଆକାଂକ୍ଷା ଓ ସ୍ୱପ୍ନର ପାଣ୍ଡୁଲିପି ଲେଖି ଚାଲିଛି ସ୍ୱାଧୀନ ଭାରତ ।

୧୯୪୩ ଖ୍ରୀଷ୍ଟାବ୍ଦ ଅଗଷ୍ଟ ମାସରେ ମହାତ୍ମା ଗାନ୍ଧି ଇଂରେଜ ସରକାର, 'ଭାରତ ଛାଡ଼' ବୋଲି ଡାକ ଦେଇ ଭାରତ ଛାଡ଼ ଆନ୍ଦୋଳନର ଗୌରବମୟ ବିପ୍ଳବ ଅୟମାରମ୍ଭ କରିଥିଲେ । ବ୍ରିଟିଶ ସରକାରଙ୍କ ଶାସନରୁ ମୁକ୍ତି ପାଇବା ପାଇଁ ସେ ଦିନ ମଧ୍ୟ ରାତ୍ରି ୧୨ ଘଟିକା ସମୟରେ ୪୦ କୋଟି ଭାରତୀୟ ଜନତା ସମାବେଶ ହୋଇ ବିନା ରକ୍ତପାତରେ ପରାଧିନତାର ନିଗଡ଼ ଛିନ୍ନ କରି ସ୍ୱାଧୀନତାର ପ୍ରଥମ ଆସ୍ୱାଦନ ପାଇବା ଉଦ୍ଦେଶ୍ୟରେ ଜାଗ୍ରତ ଥିଲେ । ତାହା ଥିଲା ଏକ ଅଭୁଲା ସ୍ମୃତି । ମହାନ ଜନନାୟକ ମହାତ୍ମା ଗାନ୍ଧି ଓ ପଣ୍ଡିତ ଜବାହାରଲାଲ ନେହେରୁ ସମବେତ ଜନତାଙ୍କୁ ଉଦବୋଧନ ଦେଇ ସତ୍ୟ ଓ ଅହିଂସାର ବିଜୟ ହେବ ବୋଲି ଆଶ୍ୱାସନା ବାଣୀ ଶୁଣାଇଥିଲେ । ରାତ୍ରିର ବହଳ ଅନ୍ଧକାରରେ ଯେତେବେଳେ ସାରା ବିଶ୍ୱ ସୁପ୍ତ, ସେତେବେଳେ ମୁକ୍ତି ଉନ୍ମୋଦିତ ଭାରତ ଜାଗ୍ରତ ଓ ଜୀବନୋନ୍ମୁଖୀ । ସତରେ ଏମିତି ଏକ ମୁହୂର୍ତ୍ତ ଆସେ, ଯାହା ଇତିହାସରେ ବିରଳ ।

ରାତ୍ରି ପାହିଆସୁଥିଲା । ଅନ୍ଧାର ପରଦା ଆଢ଼େଇ ଉଙ୍କି ମାରୁଥିଲା ଆଶାର ସୂର୍ଯ୍ୟ । ସ୍ୱାଧୀନତାର ପ୍ରଥମ ସକାଳ ଟୋଫା ଆଲୁଅ ଉଦଭାସିତ ହୋଇଥାଏ । ଆକାଶରରେ ବିଶ୍ୱାସର ଲୋହିତ ଛିଟା ଦୃଶ୍ୟମାନ ହୋଇଥାଏ । ୧୯୪୭ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୧୫ ତାରିଖ ତୁଙ୍ଗ ଆକାଶରେ ଭାରତର ଅଗଣିତ ଜନତା ଭକ୍ତି ଓ ସମ୍ମାନର ସହିତ ଭାରତର ଜୈତ୍ର କେତନ ତ୍ରିରଙ୍ଗା ଜାତୀୟ ପତାକା ବାୟୁ ହିଲ୍ଲୋଳରେ ସଦର୍ପରେ ଉଡାଇଥିଲେ । ଭାରତ ଛାଡ଼ ଆନ୍ଦୋଳନର ଗୌରବମୟ ବିପ୍ଳବ ଗୌରବମୟ ବିଜୟରେ ବିଭୂଷିତ ହୋଇଥିଲା । ଏହି ସ୍ମରଣୀୟ ଦିବସକୁ ଜାତୀୟ ଦିବସ ଭାବରେ ପରିପାଳନ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ଅଗଷ୍ଟ ୧୫ ତାରିଖରେ ଦେଶର ସବୁ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ଶିକ୍ଷାନିକେତନ, ପାଠାଗାର ଓ ପୁରପଲ୍ଲୀରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରାଯାଇଥାଏ । ଜାତୀୟ କେତନ ଫରଫର ହୋଇ ଆକାଶରେ ଉଡୁଥାଏ ଏବଂ ଜାତୀୟ ସଙ୍ଗୀତ 'ଜନଗଣମନ ଅଧିନାୟକ ଜୟ ହେ ଭାରତ ଭାଗ୍ୟ ବିଧାତା....' ଗାନ କରାଯାଏ । ଜାତୀୟ ଉନ୍ମାଦନାରେ ଜନତାର ପ୍ରାଣ ଭରି ଉଠେ । ଦେଶ ଓ ଜାତିକୁ ସ୍ୱାଧୀନ କରିବା ପାଇଁ ଯେଉଁ ସ୍ୱଦେଶବତ୍ସଳ ତ୍ୟାଗୀ ବୀରମାନେ ଶତ୍ରୁ ସହିତ ଯୁଦ୍ଧ କରି ଅକାଳରେ ମୃତ୍ୟୁବରଣ କରିଛନ୍ତି, ସେମାନଙ୍କର ପୁଣ୍ୟସ୍ମୃତି ପ୍ରତି ଆମ୍ଭେମାନେ ଏହି ଦିବସରେ ପୁଷ୍ପାଞ୍ଜଳୀ ଅର୍ପଣ କରିବା ସହିତ ସ୍ୱାଧୀନତାର ମୂଲ୍ୟବୋଧକୁ ହୃଦୟଙ୍ଗମ କରି ପ୍ରାଣେ ପ୍ରାଣେ ଉତଫୁଲ୍ଲିତ ହୋଇଥାଉ । ସ୍ୱାଧୀନତା ଯେ ମାନବ ପକ୍ଷରେ କେତେ ମହାନ ଓ ପବିତ୍ର ତାହା ଆମ୍ଭମାନଙ୍କୁ ସ୍ୱାଧୀନତା ଦିବସ ସ୍ମରଣ କରାଇଦିଏ ।

ପ୍ରଥମ ସ୍ୱାଧୀନତା ଦିବସ ଭାରତୀୟ ଜନତାକୁ ଉନ୍ମାଦନା ଓ ବିଜୟ ଆଣି ଦେଇଥିଲା ସତ, କିନ୍ତୁ ସ୍ୱାଧୀନତା ପାଇବା ସମୟରେ ଦେଶର ଅର୍ଥନୀତି ଏବେ ଦୁର୍ବଳ ଥିଲା ଯେ ଲୋକମାନେ ଦାରିଦ୍ର୍ୟ ଓ ନିସହାୟତାରେ ଭାଙ୍ଗି ପଡ଼ିଥିଲେ । ତଥାପି ପରାଧିନତାର ତାଡ଼ନାରେ ଜର୍ଜରିତ ମନୁଷ୍ୟମାନେ ଧର୍ଯ୍ୟହରା ଓ ଦୁର୍ବଳମନା ହୋଇନଥିଲେ । ନିଜର ଅଣ୍ଟାକୁ ସଳଖ କରି ଦୃଢ଼ ଭାବରେ ଠିଆ ହୋଇଥିଲେ, ମୁକ୍ତିର ପରମ ଆହ୍ଲାଦରେ । ସେହିଦିନ ଠାରୁ ପଛକୁ ଚାହିଁ ନାହାନ୍ତି, ଆଗକୁ ଆଗକୁ ବଢ଼ି ଚାଲିଛନ୍ତି ଆଜିଯାଏ । ଚଲାପଥରେ କେଉଁଠି ଝୁଣ୍ଟି ପଡ଼ିଛନ୍ତି, ତଥାପି ଚାଲିବା ବନ୍ଦ କରିନାହାନ୍ତି । ସେହି ଆତ୍ମବିଶ୍ୱାସ, ଧୈର୍ଯ୍ୟ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଭାରତକୁ ସୁଦୃଢ଼ କରି ଠିଆ କରାଇ ପାରିଛନ୍ତି ଓ ପୃଥିବୀର ଅନ୍ୟାନ୍ୟ ଶକ୍ତିଶାଳୀ ଦେଶ ମାନଙ୍କ ସମକକ୍ଷ କରାଇପାରିଛନ୍ତି । ଆଜି ଭାରତ ବିଶ୍ୱର ଅନ୍ୟତମ ଅର୍ଥନୈତିକ ଶକ୍ତି ଓ ଦ୍ରୁତ ଆର୍ଥିକ ଅଭିବୃଦ୍ଧି ସମ୍ପନ୍ନ ରାଷ୍ଟ୍ର ।

ଅତୀତରେ ପାଶ୍ଚାତ୍ୟ ଜଗତ, ଭାରତକୁ ଅନୁନ୍ନତ ଦେଶ ବୋଲି କହି ଉପହାସ କରୁଥିଲା । ଏବେ ଏ ଦେଶର ଶିକ୍ଷିତ ଯୁବକ ଯୁବତୀମାନେ ସେ ଦେଶକୁ ଯାଇ ଦେଶର କ୍ଷମତା ଅଳିନ୍ଦରେ ଗୁରୁତ୍ୱପୂର୍ଣ୍ଣ ଆସନ ଅକ୍ତିୟାର କରିପାରିଛନ୍ତି । ୧୯୪୭ରେ ଦେଶର ସାକ୍ଷରତା ହାର ଥିଲା ୧୮ ପ୍ରତିଶତ ଏବେ ଏହା ୭୬ ପ୍ରତିଶତ ହୋଇଅଛି । ଭାରତ ଏବେ ବିଶ୍ୱର ଅନ୍ୟତମ ବୃହତମ ବଜାର । ସେଥିପାଇଁ ୟୁରୋପୀୟ ପୁଞ୍ଜିପତିମାନେ ଆମ ଦେଶରେ ପୁଞ୍ଜିନିବେଶ କରିବାକୁ ଆଗ୍ରହୀ । କୃଷି କ୍ଷେତ୍ରରେ, ଚିକିତ୍ସା କ୍ଷେତ୍ରରେ ଭାରତ ସୁନାମ ଅର୍ଜନ କରିଛି । ଭାରତର ପରିବହନ ଓ ଯୋଗାଯୋଗ ବ୍ୟବସ୍ଥା ବିଶ୍ୱର ଅନ୍ୟତମ ବୃହତ ବ୍ୟବସ୍ଥା । ସ୍ୱାଧୀନତାର ସପ୍ତମ ଦଶକରେ ଭାରତ ଏସିଆର ତୃତୀୟ ବୃହତ୍ତମ ଶକ୍ତି ଉତ୍ପାଦନକାରୀ ଦେଶର ମର୍ଯ୍ୟାଦା ହାସଲ କରିଛି ।

ଭାରତର ସ୍ୱାଧୀନତା ଦେଶ ଓ ଜାତି ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ । ଏହା ଭାରତର ଆବାଳ ବୃଦ୍ଧ ବନିତା ସମସ୍ତଙ୍କର ହୃଦୟଙ୍ଗମ ହେବା ଉଚିତ । ଜାତୀୟ ଏକତା ପ୍ରତିଷ୍ଠା କରି ସେବା, ତ୍ୟାଗ ଓ ବୀରତ୍ୱର ମନ୍ତ୍ରରେ ଦୀକ୍ଷିତ ହୋଇ ଦେଶର ସ୍ୱାଧୀନତା ଓ ଅଖଣ୍ଡତା ରକ୍ଷା କରିବା ପାଇଁ ଆମ୍ଭେମାନେ ଦୃଢ଼ ସଂକଳ୍ପ ଗ୍ରହଣ କରିବା ଆବଶ୍ୟକ । ରାଷ୍ଟ୍ରୀୟ କେତନର ଗୌରବ ଓ ମର୍ଯ୍ୟାଦା ରକ୍ଷା କରିବା ପାଇଁ ଆମ୍ଭେମାନେ ଶତତ ଯତ୍ନବାନ ହେବା ବାଞ୍ଛନୀୟ । ବହୁ ସଂଗ୍ରାମ କରି ଭାରତର ଦେଶପ୍ରେମୀ ମହାମାନବମାନେ ଯେଉଁ ସ୍ୱାଧୀନତା ଲାଭ କରିଛନ୍ତି ତାହାର ଟେକ ରଖିବା ଆମ୍ଭମାନଙ୍କର ପରମ କର୍ତ୍ତବ୍ୟ ଅଟେ । ଦେଶର ପ୍ରଗତି ପାଇଁ ନାଗରିକମାନେ ଦୃଢ଼ ସଂକଳ୍ପ ନେଇ କାର୍ଯ୍ୟ କରିବା ଆବଶ୍ୟକ ।

**ସେକ୍ଟର-୯, ସିଡିଏ, କଟକ**
**ଦୂରଭାଷ : ୯୯୩୭୨୨୪୦୮୫**

# ସର୍ବେ ନିଜ ନିଜ ଅଭିନୟ ସାରି...

**॥ ପୁଷ୍ପଲତା ସାହୁ, (ନାନା) ॥**

ସେହି ସକଳ ସୁଃଖଦ ଝଲମଲ ହସ ହସ ମଧୁବୋଲା ସ୍ନେହ ଉଚ୍ଚାରଣର ମୁହଁଟି ଅପସରି ଯାଇଛି । ଭୂଗୋଳ ପୋଥିପତ୍ରରେ ଅନାମଧେୟ ପଲ୍ଲୀ ମାଟିର କନ୍ୟା ଯୋଗଜନ୍ମା ସାଧିକା ଭାବେ ଖାନନଗର ଭୂଖଣ୍ଡରେ ସଞ୍ଚରିତ କରିପାରିଥିଲା ନିଜ ବ୍ୟକ୍ତିତ୍ୱକୁ । ଗାଉଁଲୀ କଥା, ଅତି ସାଧାରଣ ବେଶଭୂଷା, ପୋଷାକ ପରିଛଦ, ସୌଜନ୍ୟ ଓ ସଂପ୍ରୀତିରେ ଯିଏ ଜୀବନର ଶେଷ କାଳ ପାର୍ଯ୍ୟନ୍ତ ଛଳନା ଆଉ କପଟତାରେ ବଶବର୍ତ୍ତୀ ହୋଇନଥିଲା, କିଛି ମୁଠା ଭଲପାଇବା, ଶ୍ରଦ୍ଧା ଓ ଶୁଭେଚ୍ଛାର ମାଟି ନେଇ କାଠଯୋଡ଼ି କୂଳରେ ଶେଷ ବିଶ୍ରାମ ନେଇଗଲା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିଲୀନ ହୋଇ ସାଧନା, ସିଦ୍ଧି, ପ୍ରେମର ପରିଧି ଓ ସର୍ବଦା ସେବା ଓ ଭଲପାଇବାର ଜଣେ ନିରଳସ ସାଧିକା ଭାବେ ଆମ ସମସ୍ତଙ୍କ ଗହଣରେ ଅଶ୍ରୁସଜଳ ଇତିହାସର ଜୀବନ୍ତ ସ୍ମୃତିର କୋଣାର୍କ ପାଲଟିଗଲା । ସେ ତେଜଦୀପ୍ତ ମୁହଁ, ନିର୍ଭୀକ ଆଖି ଦୁଇଟିର ଗଭୀର ଆତ୍ମତ୍ୟାଗ ଓ ପ୍ରତ୍ୟୟର ଛାପ କେଉଁ ଆଢ଼େ ଲୁଚିଗଲା ସବୁଦିନ ପାଇଁ ସମସ୍ତଙ୍କ ଦୃଷ୍ଟିର ଆଢୁଆଳରେ ।

ଓଡ଼ିଶାର ତତ୍କାଳୀନ ଅନ୍ଧାରୀ ମୂଲକରେ ସେ ସମୟରେ ସେ ମହିଳା ଓ ଛୋଟ ଛୋଟ ଝିଅଙ୍କୁ ସମାଜରେ ଆଗକୁ ବଢ଼ି ନିଜେ ନିଜ ଗୋଡ଼ରେ ପ୍ରତିଷ୍ଠା ହେବାପାଇଁ ଯତ୍ କିଞ୍ଚିତ ଉଦ୍ୟମ କରିଥିଲେ । ଖାନନଗର ମଣି ମନ୍ଦିର ଅଞ୍ଚଳର ଧର୍ମପ୍ରାଣା ବାସନ୍ତୀ ସାହୁ ଥିଲେ ଏପରି ଜଣେ ଅନାଲୋଚିତ ବ୍ୟକ୍ତିତ୍ୱ ଯିଏ ଜୀବନରେ ପ୍ରଚାର ପ୍ରସାର ଠାରୁ ଦୂରେଇ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସମାଜ ସେବାରେ ନିଜକୁ ନିୟୋଜିତ କରୁଥିଲେ ।

ସମାଜ ସହିତ ଘର ପରିବାରକୁ ବେଶ ଆନନ୍ଦ ଓ ଆଧ୍ୟାତ୍ମିକ ଭାବନା ସହିତ ଆଗକୁ ନେଉଥିଲେ । ଆମେ ତିନିଝିଅ ପୁଷ୍ପଲତା, ଲକ୍ଷ୍ମୀପ୍ରିୟା ଓ ସରସ୍ୱତୀଙ୍କୁ ସେ ତିନିରତ୍ନ ବୋଲି ବିଚାର କରି ଆମ ମାନଙ୍କୁ ସମାଜରେ ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ ଜାରି ରଖିଥିଲେ । ତାଙ୍କର ଦୁଇ ଜ୍ୱାଇଁ ଧର୍ମାନନ୍ଦ ସାହୁ ଓ ସନାତନ ବାରିକ ମଧ ସମାଜରେ ପ୍ରତିଷ୍ଠା ଲାଭ କରିଛନ୍ତି ।

ଜୀବନରେ ବଢ଼େଇ ଚଢ଼େଇ ବା କାହାର କ୍ଷତି କରିବାର ଉଦ୍ଦେଶ୍ୟ ତାଙ୍କର ନଥିଲା । ତାଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତ ବିତୁଥିଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ନାମ ସ୍ମରଣରେ । ତତ୍କାଳୀନ ସମୟରେ ନାରୀ ଶିକ୍ଷାକୁ ପ୍ରେରଣା ଯୋଗାଇବା ସହ ପ୍ରତ୍ୟେୟ ଅସହାୟ ଦୁଃଖିରଙ୍କୁ ସେବା କରିବା ଓ ତାଙ୍କ ଓଠରେ ଟିକେ ହସ ଦେବା ସହ ଗଣ୍ଡାଏ ଖାଦ୍ୟ ମୁଠାଏ ଉପଲବ୍ଧ କରି ନୈତିକ ଶିକ୍ଷା ଦେବା ଥିଲା ତାଙ୍କ ଜୀବନର ଧର୍ମ । ପିଲାଟି ଦିନରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଚେତନାକୁ ନିଜ ବ୍ୟକ୍ତିଚେତନାରେ ରୂପାନ୍ତରିତ କରିଥିଲେ । ପ୍ରତ୍ୟେହ ଜଗନ୍ନାଥ ଅଷ୍ଟକମ୍, ଭାଗବତ ରାମାୟଣ ଆଦି ପାଠ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିଜ ଆରାଧ ଦେବତା ଭାବେ ଗ୍ରହଣ କରିଥିଲେ । ତାଙ୍କ ଜୀବନଟି ଥିଲା ଏକ ଖୋଲା ବହି ସଦୃଶ । ପିଲାଟି ଦିନରୁ ନାରୀ ଶିକ୍ଷା ନାରୀ ମାନଙ୍କ ଭିତରେ ଆଧାତ୍ମିକ ଚେତନା ଭରିବା ସହ ସମାଜ ସେବା ଓ ନାରୀ ନୀତିକୁ ସେ ଜୀବନର କେବଳ ବ୍ରତ କରିନଥିଲେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିଲେ ।

ଏ ଅନୀତ୍ୟ ସଂସାରରେ ଦିନେ ଯିବାକୁ ହିଁ ପଡ଼େ । ଯିବାଟା ହିଁ ବାସ୍ତବ ସତ୍ୟ । ତେବେ ଯେଉଁମାନେ ଭଗବତ କୃପାଭିକ୍ଷୁ ଓ ସମାଜ ସେବାରେ ନାରୀ ଚେତନାରେ ଜାଗରଣ ରଖିଥାନ୍ତି ସେମାନେ ଆପଣାର ସ୍ମୃତିର ପଦଚିହ୍ନକୁ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ । ଆମ ଗହଣରେ ବାସନ୍ତୀ ଦେବୀ ଆଉ ନାହାଁନ୍ତି ଏକଥା ନିଷ୍ଠୁର ସତ୍ୟ ହେଲେ ବି ବିଶ୍ୱାସ କରିହେଉନି କିନ୍ତୁ ମନୁଷ୍ୟ ତାର କର୍ମ ବଳରେ ସର୍ବଗ୍ରାସୀ କାଳକୁ ମଧ ଜୟ କରିପାରେ । ସେହିପରି ଦେଖିଲେ ଆଧାତ୍ମିକ ସାଧିକା, ନାରୀ ଚେତନା ଓ ଗାନ୍ଧୀ ଅନୁରାଗପୂର୍ଣ୍ଣ ତାଙ୍କ ବ୍ୟକ୍ତିତ୍ୱ କାଳଜୟୀ କହିଲେ ଅତ୍ୟୁକ୍ତି ହେବନାହିଁ । ସେ ଥିଲେ ନିଷ୍କଳଙ୍କ ଓ ଶୁଦ୍ଧ ପବିତ୍ର ସଂକଳ୍ପର ପ୍ରତୀକ ।

ଶ୍ରୀମଦ୍ ଭାଗବତରେ ନିଜ ଜୀବନ୍ତ ଭଗବାନ ସଦୃଶ ନିଜ ପିତାମାତାଙ୍କ ସେବାକର୍ମ ପ୍ରତି ଉଲ୍ଲେଖ ରହି ଲେଖା ହୋଇଛି - 'ଆଚାର୍ଯ୍ୟ ବ୍ରହ୍ମାର ମୂରତି, ପିତା ପ୍ରତ୍ୟକ୍ଷେ ପ୍ରଜାପତି । ଭ୍ରାତା ଯେ ମୂରତି ଇନ୍ଦ୍ରର, ମାତା ସାକ୍ଷାତ ପୃଥିବୀର । ଅଗ୍ନି ମୂରତି ଅଭ୍ୟାଗତ, ଆତ୍ମାର ମୂର୍ତ୍ତି ସର୍ବଭୂତ । ତାତ ଜନନୀ ଉପକାର, ଶୁଝି କେ ପାରିବ କୁମର । ଗର୍ଭେ ବହନ୍ତି ଦୁଃଖ ସହି, ପୁଣି ପାଳନ୍ତି କ୍ଷୀର ଦେଇ । ସର୍ବ ସମ୍ପଦ ପୁଣି ଦେଇ, ତାହାଙ୍କ ପୋଷଣେ ଜୀଅଇ । ତାହାଙ୍କ ପ୍ରତି ଉପକାରେ, ଶତ ବରଷେ କେହୁ ପାରେ ।' ଏହି ଦିବ୍ୟ ବାଣୀର ମହାବ୍ରତକୁ ଜୀବନରେ ପାଳନ କରୁଥିଲେ ବାସନ୍ତୀ ଦେବୀ । ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଆଧାତ୍ମିକ ସମାଜ ସେବା ଓ ନାରୀ ଚେତନାକୁ ବ୍ରତ କରିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାରେ ନିଜକୁ ସମର୍ପିତ କରିଥିଲେ । ଜାତସ୍ୟ ଧ୍ରୁବମୃତ୍ୟୁଂ ମନୁଷ୍ୟ କ୍ଷଣ ଭଙ୍ଗୁର ଜୀବନରେ ସଂସାରର ରୀତିନୀତି ଅନୁଯାୟୀ ବାହୁଡ଼ିବ ତ ନିଶ୍ଚୟ କିନ୍ତୁ ବାସନ୍ତୀ ଦେବୀଙ୍କ ପରି ଶ୍ରୀଜଗନ୍ନାଥ ଚେତନା ଓ ଆଧାତ୍ମିକ ମୂଲ୍ୟବୋଧ, ନାରୀ ଶିକ୍ଷା ଏସବୁକୁ ଏକ ବ୍ରତ କରି ଆଗେଇ ଚାଲିଥିବା ସମୟରେ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ଭାଗବତର ବିଲକ୍ଷଣ ଧାଡ଼ିଟି ସହ ଶେଷ କରୁଛି - 'କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବ କାଳ ବଳେ ।'

ମଣି ମନ୍ଦିର, ଖାନନଗର, କଟକ, ଦୂରଭାଷ : ୯୪୩୯୭୨୩୯୫୭

# ଜିଲ୍ଲାସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ମେରିଟ ଲୋଗୋ ଉନ୍ମୋଚନ କଲେ ଜିଲ୍ଲାପାଳ




କଟକ: ଶନିବାର ଓଏଏମପି ସ୍ଥିତ ଏସସିବି ଡିଏଭି ପ୍ଲବିକ୍ ସ୍କୁଲ ଠାରେ ଜିଲ୍ଲାସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରୁ ୫୦୫ଟି ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟ, ଆବାସିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ସମେତ ୧୪ଟି ଆଦର୍ଶ ବିଦ୍ୟାଳୟର ଅଧକ୍ଷ ମାନେ ଯୋଗ ଦେଇଥିଲେ। ବିଶେଷକରି ସରକାରଙ୍କର ଶିକ୍ଷାନୀତି ଏବଂ ଶିକ୍ଷାନୁଷ୍ଠା ର ଭିତ୍ତିଭୂମି ଏବଂ ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ଏହି ସମ୍ମିଳନୀରେ ଆଲୋଚନା କରାଯାଇଥିଲା। ଏଥି ସହିତ ଛାତ୍ରଛାତ୍ରୀ ମାନଙ୍କୁ କିଭଳି ଉତ୍ତତ ମାନର ଶିକ୍ଷାଦାନ ଦିଆଯିବ ଏବଂ ପାଠ୍ୟକ୍ରମ ସମ୍ପର୍କରେ ବିଧିବଦ୍ଧ ଭାବରେ ଆଲୋଚନା ହୋଇଛି।ଜିଲ୍ଲା ଶିକ୍ଷା ମଣ୍ଡଳର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଦତ୍ତାତ୍ରା ଭାଓସାହେବ୍ ଶିନ୍ଦେ ସମ୍ମିଳନୀରେ ଅଧକ୍ଷତା କରି ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଶୈକ୍ଷିକ ବିକାଶ ନିମନ୍ତେ ପ୍ରତି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଜଣେ ଜଣେ ଛାତ୍ର ବା ଛାତ୍ରୀଙ୍କୁ ଅଧିଗ୍ରହଣ କରିବା ଏବଂ ସେମାନଙ୍କ ଶିକ୍ଷଣ ପ୍ରଗତିକୁ ସୁନିଶ୍ଚିତ କରିବା ପାଇଁ କଟକ ଜିଲ୍ଲାର ଅଭିନବ ଯୋଜନା 'ମେରିଟ' ଲୋଗୋ ଉନ୍ମୋଚନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ତତ ମାନର ଶିକ୍ଷା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରି ବିଭିନ୍ନ ପରୀକ୍ଷା ସହିତ ଛାତ୍ର ଛାତ୍ରୀ ମାନେ ସଂପୃକ୍ତି ହୋଇପାରିବେ ସେ ସମ୍ବନ୍ଧରେ ପ୍ରଧାନ ଶିକ୍ଷକଶିକ୍ଷୟିତ୍ରୀ ମାନକୁ ମାର୍ଗ ଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୋର୍ଡର ସହ ସମ୍ପାଦକ ଅନୁସ୍ମିତା ସ୍ୱାଇଁ, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ନିରଞ୍ଜନ ସାହୁ ଯୋଗ ଦେଇଥିଲେ।

# ବିସ୍ଥାପିତ ସହାୟତା ରାସି ପ୍ରଦାନ ପାଇଁ ପୁନର୍ବାସ ଥଇଥାନ ଓ ଭୂଅର୍ଜନ ଅଧିକାରୀଙ୍କ ଦ୍ୱାରସ୍ଥ

ଖଡ଼ିଆଲ:(ମହାଭାରତ) ନୂଆପଡ଼ା ଜିଲ୍ଲାର ଦୁଇଗୋଟି ବ୍ଲକ କୋମନା ଓ ଖଡ଼ିଆଲ ବ୍ଲକର ମଧଭାଗରେ ର୍ନିମିତ ହୋଇଛି ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ। ଏହି ପ୍ରକଳ୍ପ ତିଆରି ଦିନଠୁ ଆଜି ଯାଏଁ ସମସ୍ୟା ସମାଧାନ ବଦଳରେ ଦିନକୁ ଦିନ ବଢ଼ି ଚାଲିଛି । ଅନେକ ସମୟରେ ଲୋକେ ବିଭିନ୍ନ ସମସ୍ୟା ନେଇ କେବେ ପୁନର୍ବାସ ଥଇଥାନ ଓ ଭୁ ଅର୍ଜନ ଅଧିକାରୀ ଙ୍କ ପାଖକୁ ଯାଉଛନ୍ତି ତୋ କେବେ ଜିଲ୍ଲାପାଳ କାର୍ଯ୍ୟାଳୟ କୁ ଯାଉଛନ୍ତି । ଏହି ପ୍ରକଳ୍ପରେ ଦଶ ଗୋଟି ଗ୍ରାମ ସମ୍ପୂର୍ଣ୍ଣ ଭାବେ ବୁଡ଼ୀ ବା ସହ ଏକୋଇଶି ଗୋଟି ଗ୍ରାମ ଆଂଶିକ କ୍ଷତିଗ୍ରସ୍ତ ହୋଇଛି ଏଥିରେ ଅନେକ ଲୋକ ନିଜ ଭିଟାମାଟି ହରାଇ ଆଜି ପର୍ଯ୍ୟନ୍ତ ବିସ୍ଥାପିତ ସହାୟତା ରାଶି ପାଇନଥିବା ଅଭିଯୋଗ ହୋଇଆସୁଛି। ଏଥି ମଧରେ ବିଭିନ୍ନ ଗ୍ରାମରୁ କେତେ ବେଳେ କିଏ ବିସ୍ଥାପିତ ସହାୟତା ରାଶି ପାଇନଥିବା ଅଭିଯୋଗ, କେତେବେଳେ କିଏ ଜମି ହରାଇ ସହାୟତା ରାଶି ପାଇନଥିବା ଅଭିଯୋଗ ତ ଆଉ କେତେ ବେଳେ ବିଭାଗୀୟ



ଅଧିକାରୀଙ୍କ ସହ କିଛି ମୁଷ୍ଟିମେୟ ଦଲାଲ ମାନେ ମିଶିକି ବିସ୍ଥାପିତ ସହାୟତା ରାଶି ହଡ଼ପ କରୁଥିବା ଅଭିଯୋଗ ମଧ ହୋଇ ଆସୁଛ। ଏଭଳି ଏକ ଅଭିଯୋଗ ଆସିଥିଲା ଗତ ୨୪ ତାରିଖ ଦିନ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ କୁ । ଅଭିଯୋଗକାରୀଙ୍କ ଅନୁଯାଇ କୋମନା ଥାନା ପେଣ୍ଡରାବନ୍ଧ ମୌଜାର ଖାତା ନଂ ୧୬୧ରୁ ୧୫.୯୫ ଏକର ଜମି ଅଧିଗ୍ରହଣ ହୋଇଅଛି। ଯାହାକି ଆଜି ଯାଏଁ ଇଜମାଲିରେ ରହିଅଛି ହେଲେ ଏହି ଜମିର ଅନେକ ଖାତାଧାରିଙ୍କ ପ୍ରକଳ୍ପ ତିଆରି ପୂର୍ବରୁ ମୃତ୍ୟୁ ହୋଇ ସାରିଥିବାବେଳେ ସେହି ଖାତାର ଖାତା ଧାରୀ ଭାବରେ ପେଣ୍ଡରାବନ୍ଧ ଗାଁର ବଂଶୀଧର ମାଝୀ ଅଛନ୍ତ। ୧୪ ମଇ ୨୦୧୪ରେ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗର ଚିଠି ନମ୍ବର ୧୩୮୧୪ରେ ଜମି ଅଧିଗ୍ରହଣ ଆଇନ ୨୮(ଏ) ଅନୁସାରେ ବିସ୍ଥାପିତ ବଂଶୀଧରଙ୍କ ନାଁରେ ୧ କୋଟି ୬ ଲକ୍ଷ ୯୮ ହଜାର ୫୬୦ ଟଙ୍କା ମଞ୍ଜୁର ହୋଇଆସିଛି । ବଂଶୀଧର ଙ୍କ ପରିବାର ଗତ କିଛି ବର୍ଷ ତଳେ ଜମି ଓ ଘର ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପରେ ହରାଇ ବିସ୍ଥାପିତ ହୋଇଥିଲେୟ ବଂଶୀଧର ଓ ତାଙ୍କ ପତ୍ନୀ ଦୁଇ ସ୍ୱାମିସ୍ତ୍ରୀ ଙ୍କ ମଧରେ କିଛି ପାରିବାରିକ କଥାକୁ ନେଇ ମତାନ୍ତର ହେବାରୁ ପତ୍ନୀ ଶାନ୍ତି ମାଝୀ ନିଜ ବାପ ଘରେ ନିଜର ୨ ଝିଅ ସହ ରହୁଆସୁଛନ୍ତି ଏବଂ ବଂଶୀଧର ଝାଲକୁସୁମ ଗାଁରେ ରହନ୍ତି। ବର୍ତ୍ତମାନ ବିସ୍ଥାପିତ ଟଙ୍କା ବଂଶୀଧର ପାଇବାକୁ ଥିବା ବେଳେ ତାଙ୍କ ସ୍ତ୍ରୀ ଓ ଦୁଇ ଝିଅ ଆମେ ଉଚିତ ହିତାଧିକାରୀ ମୋର ସ୍ୱାମୀ ବଂଶୀଧରଙ୍କ ମାନସିକ ସ୍ଥିତି ବର୍ତ୍ତମାନ ଠିକ ନାହିଁ ତେଣୁ ବଂଶୀଧରଙ୍କ ନାମରେ ମଞ୍ଜୁର ହୋଇଥିବା ସମସ୍ତ ବିସ୍ଥାପିତ ସହାୟତା ରାଶି ମୋତେ ପ୍ରଦାନ କରାଯାଉ ବୋଲି ଅଭିଯୋଗ କରିଥିଲେ।ପରେ ବିଭିନ୍ନ ଗଣମାଧମରେ ଖବର ପ୍ରସାରଣ ହେବାପରେ ବଂଶୀଧର ତାଙ୍କ ସ୍ତ୍ରୀ ମିଥ୍ୟା ଅଭିଯୋଗ ଆଣିଥିବା ନେଇ ଜିଲ୍ଲାପାଳ ଓ ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀଙ୍କ ଦ୍ୱାରସ୍ତ ହୋଇଥିଲେ ଓ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ଠିକଠାକ ଥିବା ବଂଶୀଧର କହିଛନ୍ତି । ଆଜି ବଂଶୀଧର ମଝିଙ୍କ ସମେତ ଖାତା ନମ୍ବର ୧୬୧ ର ଅଂଶୀଦାର ରତନ ମାଝୀ, କର୍ଣ୍ଣ ମାଝୀ, ହରି ମାଝୀ, ନବୀନା ମାଝୀ, ଖମେ ମାଝୀ, ବୁଧଦେଇ ମାଝୀ, ଅଇଲେ ମାଝୀ, ସୁନାଦେଇ ମାଝୀ ସମସ୍ତେ ମିଶି ପୁନର୍ବାସ ଥଇଥାନ ଓ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଶ୍ରୀ କାଳୁ ମାଝୀ ଙ୍କ କାର୍ଯ୍ୟାଳୟ କୁ ଆସି ତାଙ୍କ ଥଇଥାନ ରାଶି ବଂଶୀଧର ମାଝିଙ୍କ ନାମରେ ପ୍ରଦାନ କରିବାକୁ ନିବେଦନ କରିଥିଲେ । ଏବାବଦରେ ଆମେ ଭୂଅର୍ଜନ ଅଧିକାରୀ ଶ୍ରୀ ମାଝୀଙ୍କ ଠାରୁ ମତାମତ ନେଇଥିଲୁ । ଥଇଥାନ ରାଶି ବାବଦକୁ ନେଇ ଏକ ଅଭିଯୋଗ ହୋଇଥିଲା ଏବଂ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତାର ତଦନ୍ତ ଚାଲିଛି ତଦନ୍ତ ପରେ ତାଙ୍କୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଶ୍ରୀ କାଳୁ ମାଝୀ କହିଥିଲେ । ଅପର ପକ୍ଷେ ଆମ ଭିଟାମାଟିକୁ ଛାଡି ବେସାହାରା ଭାବରେ ଜୀବନଯାପନ କରୁଛୁ ଆମ ଗୁହାରିକୁ ଜିଲ୍ଲାପାଳ ଓ ଭୂଅର୍ଜନ ଅଧିକାରୀ ସୁଦୃଷ୍ଟି ଦେଇ ଆମର ସହାୟତା ରାଶି ଶୀଘ୍ର ପ୍ରଦାନକରନ୍ତୁ ବୋଲି ପରିବାର ଲୋକେ ନିବେଦନ କରିଛନ୍ତି ।

# ଗୋପାଳପୁରରେ ଦ୍ୱିତୀୟ ଭାରତୀୟ ବତୀଘର ଉତ୍ସବ ପାଳିତ

ଗୋପାଳପୁର(ମହାଭାରତ) : ଗୋପାଳପୁର ବତୀଘର ଠାରେ ଆଜି ଦ୍ୱିତୀୟ ଭାରତୀୟ ବତୀଘର ଉତ୍ସବ ଦୁଇ ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ କଲିକତା ଉପ ନିର୍ଦ୍ଦେଶକ ପି. ଶ୍ରୀରାମୁଲୁ ଅଧକ୍ଷତା କରିଥିଲେ।ଭାରତରେ ମୋଟ ୭୫ଟି ବତୀଘରକୁ କେନ୍ଦ୍ର ସରକାର ପର୍ଯ୍ୟଟନ ବିକାଶ କରିଥିବା ବେଳେ ଗୋପାଳପୁର ସେଥିମଧ୍ୟରୁ ଅନ୍ୟତମ। ସରକାର ବର୍ତ୍ତମାନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବତୀଘର ପରିସରରେ ଶିଶୁ ଉଦ୍ୟାନ, ୱାଟର ଫାଉଟେନ, ଝୁଲା, ଶୌଚାଳୟ, ସୁଦ୍ଧ ପାନୀୟ ଜଳ ଆଦି ବ୍ୟବସ୍ଥା କରାଯାଇଛ। ଏହି ଅବସରରେ ଉପ ନିର୍ଦ୍ଦେଶକ ପି. ଶ୍ରୀରାମୁଲୁ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ଉପରେ ଆଲୋକପାତ କରିଥିଲେ। ଏହାସହ ଏଭଳି କାର୍ଯ୍ୟକ୍ରମ ଓଡିଶାର ପାରାଦୀପ, ଚନ୍ଦ୍ରଭାଗା, ପ୍ରୟାଗି, ଫ୍ଲସ ପଏଣ୍ଟରେ ହୋଉଥିବା ବେଳେ ପୁରୀ ବତୀଘର ଠାରେ ମୁଖ୍ୟ କାର୍ଯ୍ୟକ୍ରମ ହେଉଥିବା କହିଥିଲେ।ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋପାଳପୁର ଏନଏସି ଅଧକ୍ଷ ଏ. ଜାନକୀ ରାମ ଯୋଗ ଦେଇ ଗୋପାଳପୁର ବତୀଘରରେ ଏହି ଭଳି କାର୍ଯ୍ୟକ୍ରମ ପ୍ରଥମ ଥର ହୋଉଥିବାରୁ ଉଚ୍ଚ ପ୍ରଶଂସା କରିବା ସହ ପର୍ଯ୍ୟଟନ ସ୍ଥଳିକୁ ବହୁ ପର୍ଯ୍ୟଟକ ଆସୁଥିବାରୁ ଆଗକୁ ଏହି ଭଳି କାର୍ଯ୍ୟକ୍ରମ ଜାରି ରଖିବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ,



ଗୋପାଳପୁର ପାଣିପାଗ କେନ୍ଦ୍ର ବୈଜ୍ଞାନିକ ଏସ. କେ ମୂର୍ତ୍ତି, ବାଳକୃଷ୍ଣ ତ୍ରିପାଠୀ, ଗୋପାଳପୁର କଲେଜ ଅଧକ୍ଷ ଡ଼.ରାମ ପ୍ରସାଦ ପଣ୍ଡା, ବିଜେପି ନଗର ସଭାପତି ପଣ୍ଟୁ ବେହେରା, ପ୍ରମୁଖ ମଞ୍ଚାସୀନ ରହି ବତୀଘରର କାର୍ଯ୍ୟକଳାପ ଉପରେ ଆଲୋକପାତ କରିବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।ଏହି ଅବସରରେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ସହ ବତୀଘରର ମେମୋ□ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ପୋର୍ଟ ବ୍ଲେୟାର ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଜୁଲିୟସ ଫର୍ଣ୍ଣକ୍ଷଡ଼ିସ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ କୁନି କୁନି କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗୋପାଳପୁର ବତୀଘର ମୁଖ୍ୟ ସନ୍ତୋଷ କୁମାର ପାତ୍ରୀଙ୍କ ସମେତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ଆସିକା ଆୟୁର୍ବେଦିକ ଫାର୍ମାସିକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଦାବୀ

ଆସିକା(ମହାଭାରତ): ଆସିକା ର ସର୍ବପୁରାତନ ଆୟୁର୍ବେଦିକ ଔଷଧ କାରଖାନା କୁ ପୁନଃ କାର୍ଯ୍ୟକ୍ଷମ ଏବଂ କର୍ମଚାରୀ ମାନଙ୍କୁ ଦରମା ଦେବାକୁ ନେଇ ଆଜି ଏକ ସମବାୟ ପ୍ରତିନିଧି ଦଳ ଆସିକା ଏଆର ସି ଏସ ବିଜୟ କୁମାର ସାହୁ ଙ୍କୁ ଭେଟି ଆଲୋଚନା କରିଥିଲେ । ଦକ୍ଷିଣ ଓଡିଶା ର ଗୋଟିଏ ମାତ୍ର ସୁନାମ ଧନ୍ୟ ଏହି ଉତ୍କଳ ଆୟୁର୍ବେଦିକ ଫକ୍ଷର୍ମାସୀ ଲିଃ ରେ ଗତ ୨୦୨୩ ମସିହାରୁ ପରିଚାଳନା କମିଟି ମଧ୍ୟରେ ଦୁଇ ଗୋଷ୍ଠି ହୋଇ ବହୁ ଅସୁବିଧା ସୃଷ୍ଟି ହୋଇଥିଲା । ନିର୍ବାଚିତ ପରିଚାଳନା କମିଟି ର ସଠିକ ଭାବେ ଆୟୁର୍ବେଦିକ କାରଖାନା କୁ ପରିଚାଳନା ନହେବା ହୃଦବୋଧ କରି ରାଜ୍ୟ ସରକାର ପରିଚାଳନା କମିଟି କୁ ବାଦ ଦେଇ ସ୍ଥାନୀୟ ଏ ଆର ସି ଏସ କୁ ଦାୟିତ୍ୱ ପ୍ରଦାନ କରିଥିଲେ । ଆସ୍କା ଏଆରସିଏସ ଦାୟିତ୍ୱ ନେବା ବେଳକୁ ଆସ୍କା ଆୟୁର୍ବେଦିକର ଅବସ୍ଥା ବହୁ ଶୋଚନୀୟ ରହିଥିଲା । ଦାୟିତ୍ୱ ର କିଛିଦିନ ପରେ ଆୟୁର୍ବେଦିକ ଫାର୍ମାସି ର ସ୍ଥିତାଅବସ୍ଥା ଏକ ପ୍ରକାର ସୁଧାରିବା ସ୍ଥିତି କୁ ଆସିଥିଲା । ଆୟୁର୍ବେଦିକ ଫର୍ମାସୀ ଅଧୀନରେ ଥିବା ୧୫ ଜଣ




କର୍ମଚାରୀ ମାନଙ୍କୁ ଆଠ ମାସ ର ଦରମା ଏବଂ ବୋନସ ସହ ପୁରୁଣା ପରିଚାଳନା କମିଟି ଦ୍ୱାରା ବକେୟା ଥିବା ଶ୍ରମିକ ମାନଙ୍କ ଭବିଷ୍ୟନିଧି ପାଣ୍ଠି, ରାଜ୍ୟ ସ୍ୱାସ୍ଥ୍ୟ ବୀମା, ଜି ଏସ ଟି କୁ କିଛି ମାସ ହେଲା ସଠିକ ଭାବେ ଟଙ୍କା ପୈଠ କରାଯାଇଛି ବୋଲି ଏଆରସିଏସ ପ୍ରକାଶ କରିଛନ୍ତି । ଏହି ଫର୍ମାସୀ ର ଶାଖା ଓଡିଶା ସମେତ ଆନ୍ଧ୍ର ରେ ମଧ ବ୍ରା□ ରହିଛି । ଓଡ଼ିଶାରେ ବ୍ରହ୍ମପୁର, ଭୁବେନେଶ୍ୱର, ଢେଙ୍କାନାଳ ପୁରୀ, ରାଉଲକେଲା, ଗୁଣୁପୁର ଏବଂ ଆନ୍ଧ୍ରର ପାରଳାଖେମୁଣ୍ଡି, ସୋମପେଣ୍ଟ। କୁ ଆସିକା ରୁ ତିଆରି ହୋଇଥିବା ଔଷଧ ଏହି ଶାଖା କାର୍ଯ୍ୟାଳୟ ରେ ବିକ୍ରି ହେଉଛି ।ଏହି କର୍ମଚାରୀ ମାନଙ୍କୁ ଗତ ଫେବୃଆରୀ ୨୪ ମସିହାରୁ ଆଜି ପର୍ଯ୍ୟନ୍ତ ଦରମା ମିଳିନାହିଁ ।ଗୋଟିଏ ପଟେ ଦୁର୍ଗାପୂଜା, କୁମାର ପୂର୍ଣ୍ଣମା ରେ ମଧ ଶ୍ରମିକ ମାନେ ଦରମା ନପାଇ ପରିବାର ପ୍ରତି ପୋଷଣ କରିବା କଷ୍ଟ କର ହୋଇଛି । ରାଜ୍ୟ ସରକାର ଙ୍କୁ ଆୟୁଷ ବିଭାଗ ଅଚାନକ ପରିଦର୍ଶନ ରେ ଆସିବା ବେଳେ ସ୍ଥାୟୀ ସମ୍ପାଦକ ନଥିବା ରୁ ଆବଶ୍ୟକ କାଗଜ ପତ୍ର ଦେଖି ନପାରି ଲାଇସେନ୍ସ କୁ ବନ୍ଦ କରିଥିଲେ । ଏହା ଏଆର ସି ଏସ ଜାଣିବା ପରେ ଆବଶ୍ୟକ ସମସ୍ତ କାଗଜ ପତ୍ର ଦାଖଲ କରିଛନ୍ତି। ରାଜ୍ୟ ସରକାର ଶୀଘ୍ର ଲାଇସେନ୍ସ କୁ ନବୀକରଣ ପରି ଅନୁମତି ଦେଲେ ଯଥାଶୀଘ୍ର ଏହି ଔଷଧ କାରଖାନା ପୁନଃ କାର୍ଯ୍ୟକ୍ଷମ ହୋଇ ପୁଣି ସୁନାମ ଅର୍ଜନ କରିବ। ଏହି ସମ୍ପର୍କ ରେ ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଯୋଗେନ୍ଦ୍ର ନାଥ ପ୍ରଧାନ, ରଞ୍ଜନ କୁମାର ପଣ୍ଡା,ସମେତ ସୁବାଷ ମହାନ୍ତି, ଅନିଲ ପାଣିଗ୍ରାହୀ ଓ କିଛି ଶ୍ରମିକ ଉପସ୍ଥିତ ରହି ଆଲୋଚନା କରିଥିଲେ । ଏହି କର୍ମଚାରୀ ମାନଙ୍କୁ ମଧ ଶୀଘ୍ର ଦରମା ଦିଆଯିବ ବୋଲି ଏଆର ସି ଏସ ପ୍ରକାଶ କରିଛନ୍ତି ।

# ମା' ହରଗୌରୀ ପେଣ୍ଠାଣିଙ୍କ ବୋଲ ଯାତ୍ରା

କଳମପୁର : ସାଗବାରୀ ପୀଠରେ ସମାପନ ହେଲା ମା' ହରଗୌରୀ ପେଣ୍ଠାଣି ଦେବୀଙ୍କ ଦଶହରା ଓ ବୋଲ ଯାତ୍ରା । ବର୍ଷକରେ ଥରେ ନବରାତ୍ର ପୂଜା ପାଳନ କରିବା ସହ ପ୍ରତି ସପ୍ତାହର ରବିବାର ଦିନ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଥାଏ।ନବରଙ୍ଗପୁର ଜିଲ୍ଲା ଉମରକୋଟ ଠାରେ ମା'ଙ୍କ ଆର୍ବିଭାବ ହୋଇ ପୂଜା ପାଉଥିବା ବେଳେ କଳାହାଣ୍ଡି ଜିଲ୍ଲାରେ ମଧ ବିଭିନ୍ନ ସ୍ଥାନରେ ମା' ହରଗୌରୀ ପେଣ୍ଠାଣି ଦେବୀ ପୂଜା ପାଉଛନ୍ତି । ସେହିଭଳି କଳମପୁର ବ୍ଲକ ଶାଗବାରୀ ଠାରେ ଏକ କୁଡ଼ିଆ ଘରେ ହରଗୌରୀ ଦେବୀ ପୂଜା ପାଉଛନ୍ତି, ଜୁନାଗଡ଼ ବ୍ଲକ ବରଗାଁ ଦେବୀଙ୍କ ପୀଠରୁ ଆଜ୍ଞାମାଳ ଆସିବା ପରେ ନବରାତ୍ର ପୂଜା ଆରମ୍ଭ ହୋଇଥାଏ।
ନବରାତ୍ର ପୂଜା ସମାପନ ପରେ ଶନିବାର ଅନୁଷ୍ଠିତ ହୋଇଥିଲା ମା'ଙ୍କ ବୋଲ ଯାତ୍ରା, ମୂଖ୍ୟ ପୂଜକଙ୍କ ଦ୍ୱାରା ଦେବୀଙ୍କ ପୀଠରେ ଶୁକ୍ରବାର ଠାରୁ ପୂଜାର୍ଚ୍ଚନା ପରେ ଶନିବାର ପ୍ରାତଃରୁ ଦେବୀଙ୍କ ପୀଠ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲାଯାଇଥିଲା, ମାନସିକ ଧାରି ମାନେ ମାନସିକ ପୂରଣ ହେବା ମାନସିକ ମୁତାବକ ବଳି ଭୋଗ ଚଡାଇ ଥିଲେ,କର୍ତ୍ତାଙ୍କ ଦେହରେ ମାଁଙ୍କ କାଳିସୀ ଲାଗିବା ପରେ ଲୋକଙ୍କ ଦ୍ୱାରା ମା' ପୂଜା ପାଇଥିଲେ, ଲୁହା କଣ୍ଟାକୁ ମା' ପେଟରେ ଲଗାଇ ଝୁଲି ପଡ଼ିଥିଲେ । ବାଦ୍ୟର ତାଳେ ତାଳେ ମା' ଝୁମି ଝୁମି ନାଚି ଉଠିଥିଲେ, ମାଁଙ୍କ କାଳିସୀଙ୍କ ସମେତ ଶତାଧିକ ମହିଳାଙ୍କ ଗହଣରେ ମାଙ୍କ ପ୍ରତୀକ ଲାଠି ଗ୍ରାମ ପରିକ୍ରମା କରିଥିଲା,ଏହି ପୀଠରେ ମା' ହରଗୌରୀଙ୍କ ସହ ମା' ଲୁହାଗଡେନ ଦେବୀ ଓ ଘରଝିଆ ଦେବତା ଏକତ୍ର ପୂଜା ପାଇଥାନ୍ତି, ଦେବୀଙ୍କ ବୋଲ ଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମରେ ଉତ୍ସବ ମୁଖର ହୋଇଉଠିଥିଲା ଦେବୀଙ୍କ ଶାଗବାରୀ ପୀଠ ।ପୂଜା କାର୍ଯ୍ୟରେ ମସ୍ତରାମ ମାଝୀ କର୍ତ୍ତା ରୂପେ କାର୍ଯ୍ୟ ତୁଲାଇଥିଲେ। ମୁଖ୍ୟପୂଜକ ଭାବରେ ର୍ତିଥରାଜ ରଣା ପୂଜାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ ପୂଜକ ସୁଦର୍ଶନ ମାଝୀ,ଦଇତାରୀ ବଗର୍ତ୍ତି,ଲାଠି ବାହକ ଦିବାକର କାଣ୍ଡ,ଭୀଷ୍ମ ମାଝୀ,ପିତାମ କାଣ୍ଡ,ସୁଧାଂଶୁ ସାହୁ,ଘାସିରାମ ଜାଲଙ୍କ ସମେତ ପଡ଼ାବାସୀ ପୂଜାକାର୍ଯ୍ୟ ରେ ସହଯୋଗ କରିଥିଲେ।

# ରାଜ୍ୟରେ ଗୋମାତାଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବ

କଟକ: କଟକରେ ରାଜ୍ୟ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟରେ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମୀକ୍ଷା ବୈଠକ କରିଛନ୍ତି। ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କ ସହ ସମସ୍ତ ବରିଷ୍ଠ ଅଧିକାରୀ ଏହି ବୈଠକରେ ସାମିଲ ହୋଇଥିଲେ। ତେବେ ରାଜ୍ୟରେ ଗୋ ମାତାଙ୍କ ସୁରକ୍ଷା, ଗୋ ବଂଶ ବୃଦ୍ଧି, ଗୋପାଳନ ବୃଦ୍ଧି ଓ ଦୁଗ୍ଧ ଚାଷ ବୃଦ୍ଧି ଉପରେ ଗୁରୁତ୍ବ ଦେବା ପାଇଁ ଏହି ବୈଠକରେ ଆଲୋଚନା କରାଯାଇଛ। ଏହା ସହ ଗରିବ ଓ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ବିଭାଗର ସମସ୍ତ ଯୋଜନା କିପରି ପହଞ୍ଚିବ, ମତ୍ସ୍ୟ ଉତ୍ପାଦନ, ଅଣ୍ଡା ଉତ୍ପାଦନ ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି, ଅସହାୟ ବୁଲା ପଶୁଙ୍କ ସୁରକ୍ଷା ନେଇ ମଧ ବୈଠକରେ ଆଲୋଚନା କରାଯାଇଛି।ଏହା ବ୍ୟତୀତ ଏହି ବିଭାଗକୁ କିପରି ଅଧିକ ମଜବୁ କରାଯିବ ସେ ନେଇ ଆଲୋଚନା ହୋଇଛି। ଦୁଗ୍ଧ ଉତ୍ପାଦନ ବୃଦ୍ଧି ନେଇ କାମଧେନୁ ଯୋଜନା ଲାଗୁ କରାଯାଇଛି। ଏଥିରେ ସମସ୍ତଙ୍କୁ ସାମିଲ କରାଯିବ। ଗ୍ରାମା□ଳରେ ଗୋପାଳନ ବୃଦ୍ଧି ସହ ଗାଈର ମାଈ ବାଛୁରୀକୁ ଜନ୍ମ ହେବା ଠାରୁ ୨୮ ମାସ ପର୍ଯ୍ୟନ୍ତ ସରକାର ସବସିଡ଼ି ଯୋଗାଇ ଦେବେ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି।

# ସ୍ୱାସ୍ଥ୍ୟ ବିଭାଗ ଆୟୁକ୍ତ ତଥା ସଚିବଙ୍କ ଦ୍ୱାରା ଜିଲ୍ଲାର ବିଭିନ୍ନ ହସ୍ପିଟାଲ ପରିଦର୍ଶନ

## ଜିଲ୍ଲା ରେ ଚାଲିଥିବା ବିଭିନ୍ନ ଯୋଜନା ଓ ପ୍ରକଳ୍ପ ଆଦିର ସମୀକ୍ଷା

ସୁନ୍ଦରଗଡ଼,(ମହାଭାରତ): ଦୁଇ ଦିନିଆ ସୁନ୍ଦରଗଡ଼ ଜିଲ୍ଲା ଗସ୍ତ ରେ ଆସିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ର ଆୟୁକ୍ତ ତଥା ଶାସନ ସଚିବ ତଥା ସୁନ୍ଦରଗଡ଼ ଜିଲ୍ଲା ନିମନ୍ତେ ନୋଡାଲ ଅଧିକାରୀ ଭାବେ ନିୟୋଜିତ ହୋଇଥିବା ଆଶ୍ୱାଥୀ .ଏସ୍ । ତାଙ୍କର ଏହି ଗସ୍ତ ସମୟ ରେ ଆଜି ସକାଳେ ଜିଲ୍ଲା ର ବିଭିନ୍ନ ଚିକିତ୍ସାଳୟ ପରିଦର୍ଶନ କରିଥିଲେ ଏବଂ ପୂର୍ବାହ୍ନ ରେ ସଦଭାବନା ଭବନ ଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଯୋଜନା ଗୁଡିକ ର ସମୀକ୍ଷା କରିଥିଲେ। ଆଜି ସକାଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ର ଆୟୁକ୍ତ ତଥା ଶାସନ ସଚିବ ଅଶ୍ୱାଥୀ .ଏସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରିଥିଲେ । ଏହି ଗସ୍ତ ସମୟରେ ସେ ବିଭିନ୍ନ ବିଭାଗ ଯଥା - ଏଲ ଆର୍, ଏସ. ଏନ. ସି. ୟୁ, ଏନ୍. ଆର୍. ସି, ସ୍ତ୍ରୀ ଓ ପ୍ରସୂତି ବିଭାଗ, ଆଇ. ସି. ୟୁ, ବ୍ଲଡ ବ୍ୟାଙ୍କ୍, ଡ଼ାଇଲିସିସ ୟୁନିଟ, ଓପିଡି, ପୁରୁଷ ଓ ମହିଳା ୱାର୍ଡ ଆଦି ପରିଦର୍ଶନ କରିଥିଲେ ଏବଂ ଡାକ୍ତର ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ର ଅଧିକାରୀ ତଥା



କର୍ମଚାରୀଙ୍କ ସହିତ ଜନସାଧାରଣଙ୍କୁ ମାଗଣା ରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଉପରେ ଆଲୋଚନା କରିଥିଲେ ।ପରେ ପରେ ସୁନ୍ଦରଗଡ଼ ଭେଷଜ ମହାବିଦ୍ୟାଳୟ ଏବଂ ହସ୍ପିଟାଲ ମଧ ପରିଦର୍ଶନ କରିଥିଲେ ଏବଂ ଡାକ୍ତର ଏବଂ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ସେହିଭଳି ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ପି.ଏଚ.ସି. କୁ ମଧ ପରିଦର୍ଶନ ରେ ଯାଇଥିଲେ ଏବଂ ଉତ୍ତମ ସେବା ପ୍ରଦାନ ଦିଗରେ କାର୍ଯ୍ୟ କରିଥିବା ସମସ୍ତ ଅଧିକାରୀ, କର୍ମଚାରୀ ମାନଙ୍କୁ ପ୍ରସଂଶା କରିଥିଲେ। ପରେ ପରେ ସଦଭାବନା ଭବନ ଠାରେ ଜିଲ୍ଲା ରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ,ଯୋଜନା, କାର୍ଯ୍ୟକ୍ରମ ଆଦିର ସମୀକ୍ଷା କରିଥିଲେ ଏବଂ ଯୋଜନା ବା କାର୍ଯ୍ୟକ୍ରମ ଗୁଡ଼ିକର କାର୍ଯ୍ୟକାରିତା ନେଇ ବିଭିନ୍ନ ଅସୁବିଧା ବା ସମସ୍ୟା ସମ୍ପର୍କରେ ମଧ ପଚାରି ବୁଝିଥିଲେ ଏବଂ ସମସ୍ତ ବିଭାଗ ଗୁଡ଼ିକ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଆପୋଷ ସହଯୋଗ ମାଧମରେ ଜିଲ୍ଲା ର ବିକାଶ ଦିଗରେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେୟ ଏହି କ୍ରମ ରେ ଜିଲ୍ଲା ପରିଷଦ ଅଧୀନରେ ଜିଲ୍ଲା ରେ ଚାଲିଥିବା ବିଭିନ୍ନ ଯୋଜନା ,କାର୍ଯ୍ୟକ୍ରମ ଆଦି ର ସ୍ଥିତି ଏବଂ ଅଗ୍ରଗତି ସମ୍ପର୍କରେ ଉପସ୍ଥାପନା କରିଥିଲେ। ଆବାସ ଯୋଜନା, ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ, ପି. ଏମ. ଜନମାନ, ପାନୀୟ ଜଳ ଯୋଗାଣ, ସାମୁହିକ ଶୌଚାଳୟ ଆଦି ଉପରେ ଉପସ୍ଥାପନ କରିଥିଲେ। ସେହିପରି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମା□ଳ ରେ ପାନୀୟ ଜଳ ଯୋଗାଣ ଓ ରାସ୍ତା ଆଦି ର ସ୍ଥିତି ସମ୍ପର୍କରେ ବୈଠକ ରେ ଅବଗତ କରାଯାଇଥିଲା। ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପ□ଶଖା ଶିକ୍ଷା ସେତୁ ଯୋଜନା, ପି.ଏମ ଶ୍ରୀ ଯୋଜନା ଉପରେ ଆଲୋଚନା କରାଯାଇଥିଲା ଏବଂ ବିଭିନ୍ନ ବିଦ୍ୟାଳୟ, ହଷ୍ଟେଲ ର ସ୍ଥିତି, ପାଚେରୀ ନିର୍ମାଣ ତଥା ଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀ ମାନଂକ ସ୍ଥିତି ଓ ଆବଶ୍ୟକତା ସମ୍ବନ୍ଧ ରେ ବୈଠକ ରେ ଉପସ୍ଥାପନା କରାଯାଇଥିଲା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜିଲ୍ଲା ରେ ସୁଭଦ୍ରା ଯୋଜନା ର କାର୍ଯ୍ୟକାରିତା, ପଞ୍ଜିକରଣ ପ୍ରକ୍ରିୟା ଉପରେ ଆଲୋଚନା କରିଥିଲେ। ସେହିପରି ଜିଲ୍ଲା ମଙ୍ଗଳ ଅଧିକାରୀ ତାଙ୍କ ବିଭାଗ ଅଧିନରେ ରେ ଥିବା ବିଦ୍ୟାଳୟ , ହଷ୍ଟେଲ ଆଦି ଉପରେ ଉପସ୍ଥାପନ କରିଥିଲେ। ସେହିପରି ଲହୁଣୀପଡ଼ା ବ୍ଲକ ଅର୍ନ୍ତଗତ ପି.ଭି.ଟି.ଜି. ମାନଙ୍କ ପାଇଁ ଚାଲୁଥିବା ସ୍ୱତନ୍ତ୍ର ବିଦ୍ୟାଳୟ ଉପରେ ମଧ ସୂଚନା ଦେଇଥିଲେ।ପରେ ପରେ ସ୍ୱାସ୍ଥ୍ୟ ବିଭାଗ ର ସମୀକ୍ଷା କରାଯାଇଥିଲା। ବୈଠକ ରେ ଜିଲ୍ଲାପାଳ ଶ୍ରୀ ମନୋଜ ମହାଜନ, ଅତିରିକ୍ତ ଜିଲ୍ଲାପାଳ,ରାଉରକେଲା ଶ୍ରୀ ଆଶୁତୋଷ କୁଲକର୍ଣ୍ଣି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଅଭିମନ୍ୟୁ ମାଝୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁ, ସଦର ଉପ ଜିଲ୍ଲାପାଳ ଶ୍ରୀ ଦାଶରଥି ସରାବୁ, ବଣେଇ ଉପଜିଲ୍ଲାପାଳ ଶ୍ରୀ ଅକ୍ଷୟ ପିଲ୍ଲେ, ପାନପୋଷ ଉପଜିଲ୍ଲାପାଳ ଶ୍ରୀ ବିଜୟ ନାୟକ, ସମସ୍ତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ର ପ୍ରକଳ୍ପ ପ୍ରଶାସକ, ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ନୟାଗଡ଼ରୁ ୨ ଲୁଟେରାଙ୍କୁ ଧରିଲା ପୁଲିସ


### ସୁନାଗହଣା ଓ ମୋବାଇଲ୍ ଫୋନ ଜବତ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲାରେ ପୁଲିସ ଆଖିରୁ ନିଦ ହଜେଇ ଦେଇଥିବା ୨ ଜଣ ଲୁଟେରାଙ୍କୁ ପୁଲିସ କାବୁ କରିବାରେ ସକ୍ଷମ ହୋଇଛି। ସେମାନଙ୍କ ପାଖରୁ ପୁଲିସ ସୁନା ଗହଣା ଓ ମୋବାଇଲ ଜବତ କରି କୋର୍ଟଚାଲାଣ କରିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୧୪ ତାରିଖ ଦିନ ୨ଟା ୩୦ ମିନିଟ୍ ସମୟରେ ନୟାଗଡ଼ ଥାନା ଲେଙ୍କୁଡ଼ିପଡ଼ା ଗ୍ରାମର ସ୍ୱାମୀ ଦୟାନିଧି ରଥ ଓ ସ୍ତ୍ରୀ ରଶ୍ମିତା ରଥ ନିଜ ବାଇକ୍ ଯୋଗେ ବାହାଡ଼ାଦେଇରୁ ଘରକୁ ଫେରୁଥିବା ବେଳେ ରେଲେଓ୍ୱ ଓଭରବ୍ରିଜ୍ ନିକଟରେ ଏକ ବାଇକ୍ ଯୋଗେ ୩ ଜଣ ଲୁଟେରା ଆସି ତାଙ୍କୁ ଅଟକାଇ ମାରଣାସ୍ତ୍ର ଦେଖାଇ ବେକରୁ ସୁନା ଚେନ ନେଇ ନୟାଗଡ଼ ଅଭିମୁଖେ ଦ୍ରୁତ ଗତିରେ ଚମ୍ପଟ ମାରିଥିଲେ। ସେହିଦିନ ଶରଣକୁଳ ଥାନା ଗୋଡ଼ିପଡ଼ା ଫାଣ୍ଡି ଅଞ୍ଚଳରୁ ଲୁଟେରା ମାନେ ଦିନ ଗୋଟାଏ ସମୟରେ ସ୍ୱାମୀ-ସ୍ତ୍ରୀଙ୍କୁ



ରାସ୍ତାରେ ମାରଣାସ୍ତ୍ର ଦେଖାଇ ସୁନା ହାର, ମଙ୍ଗଳସୂତ୍ର ଓ ସୁନା ଚେନ୍ ଝାମ୍ପି ନେଇଥିଲେ। ଏନେଇ ପୃଥକ ଭାବେ ଥାନାରେ ଅଭିଯୋଗ ହେବା ପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଖଣ୍ଡପଡ଼ା ଥାନା କଇଁଥପଲ୍ଲୀ ଗ୍ରାମର ଗିରିଧାରୀ ସ୍ୱାଇଁଙ୍କ ପୁଅ ଟୁନା ସ୍ୱାଇଁ, ନୟାଗଡ଼ ଯଦୁମଣି ନଗରର ରାମଚନ୍ଦ୍ର ଜେନାଙ୍କ ପୁଅ ସୁଶାନ୍ତ ଜେନାକୁ ଗିରଫ କରିଛି। ସେମାନଙ୍କ ଠାରୁ ୨ଟି ସୁନା ଚେନ୍, ଗୋଟିଏ ମଙ୍ଗଳସୂତ୍ର ପୁଲିସ ଜବତ କରିଛି। ଏହା ପୂର୍ବରୁ ଏମାନଙ୍କ ନାମରେ ଗଣିଆ, ଖଣ୍ଡପଡ଼ା, ଶରଣକୁଳ ଓ ନୟାଗଡ଼ ଥାନାରେ ବିଭିନ୍ନ ମାମଲାରେ ସଂପୃକ୍ତି ଥିବା ପୁଲିସ ଜାଣିବାକୁ ପାଇଛି। ଆଜି ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ଘଟଣାରେ ଆଉ କେଉଁ ମାନଙ୍କ ସଂପୃକ୍ତି ରହିଛି ତାକୁ ନେଇ ପୁଲିସ ଖୋଳତାଡ଼ ଆରମ୍ଭ କରିଛି।

## କମିଶନଙ୍କ ଦ୍ୱାରସ୍ଥ ହେଲେ ଆବେଦନକାରୀ, ଏନଏସି କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନକୁ ବେଖାତିର



ବାଣପୁର :( ମହାଭାରତ )ଖୋର୍ଦ୍ଧା ଜିଲ୍ଲା ବାଣପୁର ଏନଏସି କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନକୁ ଉଲ୍ଲଂଘନ କରାଯାଉଛି। ଏହି ଆଇନକୁ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଠିକ ଭାବରେ ଅନୁପାଳନ କରୁନାହାନ୍ତି। ସୂଚନା ଅଧିକାର କର୍ମୀଙ୍କୁ ନିର୍ଦ୍ଧାରିତ ସମୟ ସୀମା ଭିତରେ ସୂଚନା ପ୍ରଦାନ କରିନଥିବାରୁ ବାଧ ହୋଇ ଆବେଦନକାରି ରାଜ୍ୟ ସୂଚନା କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି ।ଏଭଳି ଘଟଣା ଘଟିଛି ବାଣପୁର ଅଞ୍ଚଳର ଆଇନଜୀବୀ ଓ ସୂଚନା ଅଧିକାର କର୍ମୀ ସୀତାରାମ ଅଗ୍ରଓ୍ୱାଲଙ୍କ କ୍ଷେତ୍ରରେ। ଆବେଦନକାରୀ ଶ୍ରୀ ଅଗ୍ରଓ୍ୱାଲ ଚଳିତ ବର୍ଷ ଜୁଲାଇ ମାସ ୧୦ ତାରିଖ ଏବଂ ୧୬ ତାରିଖରେ ବାଣପୁର ଏନଏସି ରେ ହୋଇଥିବା ବିଭିଓ ଉନ୍ନୟନମୂଳକ କାର୍ଯ୍ୟର ତଥ୍ୟ ହାସଲ ପାଇଁ ପୃଥକ ପୃଥକ ଭାବେ ଦୁଇ ଗୋଟି ଆରଟିଆଇ ଫର୍ମରେ ଆବେଦନ କରିଥିଲେ। ଆବେଦନପତ୍ର ଗ୍ରହଣର ୩୦ଦିନ ଭିତରେ ଆବେଦନକାରୀଙ୍କୁ ସୂଚନା ପ୍ରଦାନ କରିବାର ବିଧି ରହିଛି। ଏହି ନିୟମକୁ କାର୍ଯ୍ୟାଳୟ ପକ୍ଷରୁ ଠିକ୍ ଭାବରେ ପାଳନ କରା ନ ଯିବାରୁ ଆବେଦନକାରୀ ପ୍ରଥମ ଅଭିଯୋଗ ଗ୍ରହଣକାରୀ ଅଧିକାରୀ ତଥା ବାଣପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଦମ୍ବିନୀ ଜେନାଙ୍କ ନିକଟରେ ଚଳିତ ମାସ ଅଗଷ୍ଟ ୨୦ ତାରିଖରେ ଅଭିଯୋଗ କରିଥିଲେ ।ତେବେ ଅଭିଯୋଗପତ୍ର ଗ୍ରହଣର ୩୦ ଦିନ ଭିତରେ ଆବେଦନକାରୀଙ୍କୁ ପ୍ରଥମ ଅପିଲେଟ ଅଥରିଟି ସୂଚନା ପ୍ରଦାନ କରିବାର ବିଧି ରହିଛି। କିନ୍ତୁ ଅଦ୍ୟାବଧି ସୂଚନା ଅଧିକାର କର୍ମୀ ଶ୍ରୀ ଅଗ୍ରଓ୍ୱାଲଙ୍କୁ ବାଣପୁର ଏନଏସି ତଥ୍ୟ ପ୍ରଦାନ କରିନାହିଁ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ନିକଟରେ ଖବର ପ୍ରକାଶ ହେବା ସତ୍ତ୍ୱେ ଆବେଦନକାରୀଙ୍କୁ ସୂଚନା ମିଳିନାହିଁ । ତେବେ ଏହା ପଛରେ କାର୍ଯ୍ୟନିର୍ବାହୀ ଅଧିକାରିଣୀଙ୍କ କଣ ଉଦ୍ଦେଶ୍ୟ ରହିଛି ତାହା ସନ୍ଦେହଘେରରେ ।ପରିଶେଷରେ ଆବେଦନକରି ଶ୍ରୀ ଅଗ୍ରଓ୍ୱାଲ ଦ୍ୱିତୀୟ ଅପିଲେଟ ଅଥରିଟି ତଥା ରାଜ୍ୟ ସୂଚନା କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି ଏବଂ ତାଙ୍କ ନିକଟରେ ଶେଷ ଅପିଲ କରିଥିବା ଜଣାପଡିଛି । ତତସହିତ ବାଣପୁର ଏନଏସି କାର୍ଯ୍ୟାଳୟରେ ସୂଚନା ଅଧିକାର କର୍ମୀଙ୍କ ସାମ୍ବିଧାନିକ ଅଧିକାର କ୍ଷୁର୍ଣ ହେଉଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି ଆବେଦନକାରି ଶ୍ରୀ ଅଗ୍ରଓ୍ୱାଲ । ଖୋର୍ଦ୍ଧା ଜିଲ୍ଲାପାଳ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ସରକାର କା ମାଲ, ଦରିୟା ମେ ଡାଲ ନ୍ୟାୟ ରେ ଚାଲିଛି ଉମରକୋଟ ଆର ଡି ବିଭାଗ

ଉମରକୋଟ(ମହାଭାରତ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହରୟ ଉମରକୋଟ ବ୍ଲକ ରେ ୨୬ ଟି ପଞ୍ଚାୟତ ରହିଛି। ପଞ୍ଚାୟତ ରୁ ପଞ୍ଚାୟତ ସୁବିଧା ଜନକ ଯାତାୟାତ ପାଇଁ ସରକାର ରାସ୍ତା ତିଆରି କରୁଛନ୍ତି। ଅଧିକାରୀଗୁଡା ଠାରୁ ଚିକଲପଦର ଭାୟା ମିଟୁଗୁଡା ଓ ପୂଜାରୀଭରଣ୍ଡୀ ର ରାସ୍ତା ଉନ୍ନତ ଧରଣର କରିବା ପାଇଁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରେ ହୋଇଛି ପିଚୁ ରାସ୍ତା। ଏହି ରାସ୍ତା ପାଇଁ ଭାରତ ସରକାର ୬୦% ଅନୁଦାନ ଦେଇଥିବା ବେଳେ ବାକି ୪୦% ଅର୍ଥ ଓଡିଶା ସରକାରଙ୍କ ତହବିଲ ରୁ ଖର୍ଚ୍ଚ ହୋଇଛି। ରାସ୍ତା ର ଅଟକଳ ମୂଲ୍ୟ ୧ କୋଟି ୮୧ ଲକ୍ଷ ୭୦ ହଜାର ଟଙ୍କା ଓ କାର୍ଯ୍ୟାରମ୍ଭ ୧୫/ ୧୨/୨୨ ଓ କାର୍ଯ୍ୟାଶେଷ ୧୪/ ୧୨/୨୩ ଉଲ୍ଲେଖ ରହିଛି।



କାର୍ଯ୍ୟାଶେଷ ର ମାତ୍ର ୮ମାସ ନ ବିତୁଣୁ ରାସ୍ତାର ଅବସ୍ଥା ବେହାଲ ହେଲାଣି। ପ୍ୟାକେଜ ନଂ (ଓଆର -୨୨- ୩୪୯/ପି,ଏମ,ଜି,ଏସ,ୱାଇ, ଓଓଓ/ ବ୍ୟାଚ -ଓଓଓ) ଓ ପୁଣି ୫ ବର୍ଷ ପାଇଁ ରକ୍ଷଣା ବେକ୍ଷଣ ଖର୍ଚ୍ଚ ପାଇଁ ୧୪ ଲକ୍ଷ ଟଙ୍କା ଖର୍ଚ୍ଚ ବରାଦ ରହିଛି। କାମର ଠିକାଦାର ରଶ୍ମିତା ସ୍ୱାଇଁ ଙ୍କ ନାମ ସୂଚନା ଫଳକରେ ଉଲ୍ଲେଖ ରହି ଥିବା ବେଳେ ରାସ୍ତା ଟି ର ମୋଟ ଦର୍ଘ୍ୟ – ୩, ୭୦୦ ମିଟର। ତା ମଧ୍ୟରୁ ୩.୬୩୫ କି ମି ପିଚୁ ଓ ୦.୦୬୫ ମିଟର କଚ୍ଚା ରାସ୍ତାୟ ସରକାରୀ ସ୍ତରରୁ ଏହି ରାସ୍ତା ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ନିର୍ବାହୀ ଯନ୍ତ୍ରୀ ବା (ଜେଇ ) ଗ୍ରାମ୍ୟ ନିର୍ମାଣ ବିଭାଗ, ଉମରକୋଟ ଙ୍କୁ ଦାୟିତ୍ୱ ଦିଆଯାଇଥିଲା। ରାସ୍ତାର ଅନେକ ସ୍ଥାନରେ ମୋରମ ଉପରେ ଧର୍ମକୁ ଆଖି ଠାର ମାରିବା ଭଳି ପିଚୁ ପକାଇ ଅତି ଚତୁରତାର ସହ ଯନ୍ତ୍ରୀ ଓ ଅଫିସର ଙ୍କୁ ହାତ ବାରିସୀ କରି ବିଲ ଉଠାଇ ନେଇଛନ୍ତି ଠିକାଦାର ରଶ୍ମିତା ସ୍ୱାଇଁ। ୨୦୨୩/୨୪ ରେ ୨ ଲକ୍ଷ ଓ ୨୪/୨୫ ପାଇଁ ୨ଲକ୍ଷ ୪୦ ହଜାର ଟଙ୍କା ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ ହେବା କଥା କିନ୍ତୁ ସେ ଟଙ୍କା ଖର୍ଚ୍ଚ ହୋଇଛି ନା ତାହାକୁ ବି ସ୍ୱାହା କରିଦିଆ ଯାଇଛି ତାହା ଏକ ପ୍ରଶ୍ନବାଚୀ। କିନ୍ତୁ ମାତ୍ର ୮ ମାସ ମଧ୍ୟରେ ରାସ୍ତା ଟିର ଅବସ୍ଥା ଏତେ ଦୟନୀୟ ଯେ ଜଣେ ଦୃଷ୍ଟି ବାଧିତ ଦିବ୍ୟାଙ୍ଗ ଙ୍କୁ ସେ ରାସ୍ତାରେ ନେଲେ ସେ କହିଦେବେ ଯେ କାମରେ ଭଲ ରକମର ଘୋଟଲା ହେଇଛି ବୋଲି। ଉମରକୋଟ ଅଞ୍ଚଳରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଙ୍କ ଠୁ ଆରମ୍ଭ କରି ଉଚ୍ଚ ପଦସ୍ଥ ଅଧିକାରୀ ମାନେ ନିଜ ପକେଟ ଗରମ ପରେ ଠିକାଦାର ମାନଙ୍କୁ ଅଭୟ ବର ପ୍ରଦାନ କରିବା ସହ ତାଙ୍କ ସପକ୍ଷରେ ସଫେଇ ଦେବା ଆରମ୍ଭ କରିଦେବା କିଛି ନୂଆ କଥା ନୁହେଁ। ଅଞ୍ଚଳ ପାଇଁ ସରକାରୀ ତହବିଲରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ତାହା କେବଳ ଅଧିକାରୀ ଓ ଠିକାଦାର ଙ୍କୁ ପୋଷିବା ଛଡା ଆଉ କିଛି ନୁହେଁ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି। ସାଧାରଣ ଜନତା ମୌଳିକ ସୁବିଧା ନ ପାଇ ହଇରାଣ ହେଉଥିବା ବେଳେ ଦୁର୍ନୀତି ଖୋର ଅଫିସର ଓ ମୋଟା ଚମଡାରେ ଗଢ଼ା କିଛି ଠିକାଦାର ମାଲାମାଲ ହେଉଛନ୍ତି। ଏ ମାନଙ୍କ ପାଇଁ ଆଜି ଧୀରେ ଧୀରେ ଓଡିଶା ମାନଚିତ୍ରରେ ଉମରକୋଟ ଅଞ୍ଚଳ ତଳକୁ ତଳ ଖସିବାରେ ଲାଗିଛି। ଗ୍ରାମବାସୀ ମାନେ ଆଗାମୀ ଦିନରେ ରାସ୍ତା ଅବରୋଧ କରିବା ସମ୍ଭାବନା ସହ ଏଥି ପାଇଁ ଭିଜିଲାନ୍ସ ଯାଞ୍ଚ ଦରକାର ବୋଲି ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି।

## ବଉଳପଦାରେ ଗଜଲକ୍ଷ୍ମୀ ପୂଜା

ଆଠଗଡ:ଆଠଗଡ ବ୍ଲକର କଟକିଆସାହି ପଞ୍ଚାୟତ ଅନ୍ତର୍ଗତ ବଉଳପଦାଠାରେ ବହୁ ଉତ୍ସାହ ଉଦ୍ଦୀପନା ମଧ୍ୟରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି । ବଉଳପଦା ଗଜଲକ୍ଷ୍ମ ପୂଜା କମିଟି ଆନୁକୂଲ୍ୟରେ ଦୀର୍ଘ ବର୍ଷ ହେବ ସେଠାରେ ଗଜଲକ୍ଷ୍ମୀ ପୂଜା ଆୟୋଜିତ ହୋଇଆସୁଛି ।ବଉଳପଦା ଗ୍ରାମ ଝଲସୁଥିବା ବେଳେ ପୂଜା ମଣ୍ଡପରେ ମା'ଙ୍କର ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ବହୁ ସମାଗମ ଦେଖିବାକୁ ମିଳିଥିଲା । ବୁଧବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ପ୍ରତିଦିନ ଅତ୍ୟନ୍ତ ନିଷ୍ଠାର ସହିତ ପାରମ୍ପରିକ ପୂଜାକର୍ମ ଏବଂ ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ତିନିଦିନ ଧରି ଚାଲିଥିବା ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ବରିଷ୍ଠ ସାମ୍ବାଦିକ ପିତା ଙ୍କ ୧ମ ଶ୍ରାଦ୍ଧ ବାର୍ଷିକୀ

ଅସ୍ତରଙ୍ଗ,(ମହାଭାରତ) -ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ର ବରିଷ୍ଠ ସାମ୍ବାଦିକ ନିରଞ୍ଜନ ଦାସ ଙ୍କ ପିତାଙ୍କର ଆଜି ୧ମ ବାର୍ଷିକ ଶ୍ରାଦ୍ଧ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ଅସ୍ତରଙ୍ଗ ବ୍ଲକ କଅଂରପୁର ନିକଟରେ ଶିବ ମନ୍ଦିର ରେ ଅନୁଷ୍ଠିତ ହୋଇଥିଲା, ସୂଚନା ମୁତାବକ ଗତବର୍ଷ ନଭେମ୍ବର ମାସ ରେ ନିରଞ୍ଜନ ଦାସ ଙ୍କ ସ୍ୱର୍ଗୀୟ ପିତା ରାଜକିଶୋର ଦାସ ଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତ୍ୱର ହେବାରୁ ଭୁବନେଶ୍ୱର ରେ ଏକ ଘରୋଇ ହସ୍ପିଟାଲ ରେ ଚିକିତ୍ସାଧୀନ ଅବସ୍ଥା ରେ ତାଙ୍କ ର ଦେହାନ୍ତ ହୋଇଥିଲା,ରାଜକିଶୋର ଜଣେ ଧର୍ମପରାୟଣ, ନିଷ୍ଠାବାନ ଓ ପରୋପକାରୀ ବ୍ୟକ୍ତି ଭାବେ ଅସ୍ତରଙ୍ଗ ଅଞ୍ଚଳ ରେ ଜଣାଶୁଣା । ଆଜି ତାଙ୍କ ମୃତ୍ୟୁ କୁ ନେଇ ୧ ବର୍ଷ ବିତିଯାଇଛି, ଆଜି ୧ମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ରେ ପରିବାର ତରଫରୁ କିଛି ଅସହାୟ ଲୋକ ଙ୍କୁ ଖାଦ୍ୟ ସହିତ ବସ୍ତ୍ର ପ୍ରଦାନ କରାଯାଇଛି, ଏହି ଶ୍ରାଦ୍ଧ ବାର୍ଷିକ ମହୋତ୍ସବ ରେ ଅସ୍ତରଙ୍ଗ ବ୍ଲକ, କାକଟପୁର ବ୍ଲକ ର ଅନେକ ବୁଦ୍ଧିଜୀବୀ, ବ୍ୟବସାୟୀ, ବହୁ ସାମ୍ବାଦିକ, ବରିଷ୍ଠ ନାଗରିକ, ସମାଜସେବୀ ମାନେ ଏକତ୍ରିତ ହୋଇ ସ୍ୱର୍ଗୀୟ ରାଜକିଶୋର ଦାସ ଙ୍କ ଆତ୍ମା ର ଶାନ୍ତି ମୁକ୍ତି ନିମନ୍ତେ ପାର୍ଥନା କରିବା ସହ ପରିବାର ଙ୍କୁ ସାକ୍ଷାତ କରି ଶିବ ମନ୍ଦିର ରେ ପ୍ରସାଦ ସେବନ ରେ ଅଂଶ ଗ୍ରହଣ କରିଥିଲେ, ଏହି କାର୍ଯ୍ୟକ୍ରମ ରେ ଜ୍ୟୋଷ୍ଠ ପୁତ୍ର ବରିଷ୍ଠ ସାମ୍ବାଦିକ ନିରଞ୍ଜନ ଦାସ, ନିରଞ୍ଜନ ଙ୍କ ଧର୍ମ ପତ୍ନୀ ସବିତା ଦାସ, ସାନ ପୁଅ ସୁରେଶ ଚନ୍ଦ୍ର ଦାସ, ନାତି ଆୟୁଷ୍ମାନ ଦାସ, ନାତୁଣୀ ବର୍ଷା ଦାସ, ସୋନାଲିକା ଦାସ ଙ୍କ ସମେତ ପରିବାର ର ଅନେକ ବନ୍ଧୁବାନ୍ଧବ ଏକତ୍ରିତ ହୋଇଥିଲେ ।

## ପରଜଙ୍ଗରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

## ମାଆ ପରି ସେବା ଓ ଲୁଣ ପରି ଗୁଣର ଅଧିକାରୀ ହେବାକୁ ଛାତ୍ରଛାତ୍ରୀଙ୍କୁ ଦେଲେ ଆହ୍ୱାନ

ପରଜଙ୍ଗ(ମହାଭାରତ) ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟ କୁ ଦିନିକିଆ ଗସ୍ତରେ ଆସିଥିଲେ ଓଡ଼ିଶାର ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ପରଜଙ୍ଗ ବାରିହା ପୁର ଛକ ନିକଟରୁ ମଟର ସାଇକେଲ ରାଲି ସହ ପରଜଙ୍ଗ ସୁବହୁ ସିଂ ନିକଟରେ ପହଞ୍ଚି ପୁଷ୍ପ ମାଳା ଦେଇ ପରଜଙ୍ଗ ମହାବିଦ୍ୟାଳୟକୁ ଏକ ବିଶାଳ ଶୋଭାଯାତ୍ରାରେ ଯାଇ କଲେଜର ବିଭିଓ ଭିତ୍ତି ଭୂମି ବୁଲି ଦେଖିବା ସହ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ଜୀବନରେ ମାଆର କର୍ତ୍ତବ୍ୟ ବୋଧତା ଏବଂ ସେବା ସହ ଲୁଣର ଉପଯୋଗୀତାକୁ ନେଇ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ ମନ୍ତ୍ରୀ ସୂର୍ଯ୍ୟବଂଶୀୟ ଏଥିସହିତ ଯେକୌଣସି ପ୍ରଫେସନ ବାଛୁଛନ୍ତି ତେବେ ତାହାର ଶ୍ରେଷ୍ଠତ୍ୱ ପାଇଁ ଚେଷ୍ଟା କରିବାକୁ ସେ ଛାତ୍ରଛାତ୍ରୀଙ୍କୁ କହିଥିଲେ। ଏହି ଅବସରରେ ପରଜଙ୍ଗ ମହାବିଦ୍ୟାଳୟରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏକ ମଲ୍ଟି କମ୍ପ୍ଲେକ୍ସ ହଲ ପାଇଁ ଦେଢ଼ କୋଟି ଟଙ୍କା, ଲାବ୍ରୋଟାରି ପାଇଁ ୫୦ ଲକ୍ଷ, ଛାତ୍ରୀ ନିବାସ ପାଇଁ ୫୦ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏଥିସହିତ ଲେଡ଼ିଜ ମାନଙ୍କ ପାଇଁ ଅତ୍ୟାଧୁନିକ ଟଏଲେଟ ସୁବିଧା କରାଯିବ ବୋଲି ସେ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଏହି ଆଲୋଚନା ଚକ୍ର



କାର୍ଯ୍ୟକ୍ରମରେ କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ, ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା ଙ୍କ ସମେତ ମହାବିଦ୍ୟାଳୟ ର ଶତାଧିକ ଛାତ୍ର, ଛାତ୍ରୀ ଉପସ୍ଥିତ ଥିଲେ କ୍ଷ ଶେଷରେ ପରଜଙ୍ଗ ମହାବିଦ୍ୟାଳୟ ର ଅଧକ୍ଷା ସସ୍ମିତା ରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ଫିକା ପଡୁଛି ଲକ୍ଷ୍ମୀପୂଜା

ହିନ୍ଦୋଳ(ମହାଭାରତ)ପବିତ୍ର ଗଜଲକ୍ଷ୍ମୀ ପୂଜା ପାଇଁ ଗାଁ ଠାରୁ ନେଇ ସହର ସବୁଠି ଉତ୍ସବ ମୁଖର ହୋଇ ଉଠିଥିବା ବେଳେ ହିନ୍ଦୋଳ ଉପଖଣ୍ଡରେ ମଧ ୧୪ ଟି ପୂଜା ମଣ୍ଡପରେ ପୂଜା ପାଉଛନ୍ତି ମା ଧନାଦାତ୍ରି। ସନ୍ଧ୍ୟା ହେଲେ ମଣ୍ଡପ ଗୁଡ଼ିକ ସହିତ ରାସ୍ତା ପାର୍ଶ୍ୱରେ ଲାଗିଥିବା ଭଳୀକି ଭଳି ରଙ୍ଗୀନ ଆଲୁଅ ଗୁଡ଼ିକ ଦର୍ଶକ ମାନଙ୍କୁ ଅଧିକ ଆକୃଷ୍ଟ କରୁଛି ।ମାତ୍ର ସନ୍ଧ୍ୟା ହେଲେ ବିଦ୍ୟୁ ବିଭାଗର ଘନଘନ ବିଦ୍ୟୁତ କାଟ ଯୋଗୁଁ ପୂଜା ବଜାରରେ ଆଲୋକ ଓ ତୋରଣ ଗୁଡ଼ିକ ବନ୍ଦ୍ ହୋଇଯାଉଥିବାରୁ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଉଛି। ତେବେ ବଜାର ଗୁଡିକର ସାଜସଜ୍ଜା ବାବଦକୁ ବିଭିଓ ଅନୁଷ୍ଠାନ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ସ□ ବିଦ୍ୟୁତ ବିଭାଗର ଅ ବ୍ୟବସ୍ଥା ଯୋଗୁଁ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିଯାଉଥିବା କୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିଭିଓ ପୂଜା ଅନୁଷ୍ଠାନ ଗୁଡିକର କର୍ମକର୍ତ୍ତା ମାନେ। ତେବେ ପୂଜା ଆରମ୍ଭରୁ ବିଭିଓ ପୂଜା କମିଟିର ସଦସ୍ୟ ଏବଂ ସମସ୍ତ ପ୍ରଶାସନିକ ଅଧିକାରୀ ମାନଙ୍କ ଉପସ୍ଥିତିରେ ଲକ୍ଷ୍ମୀପୂଜା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଚଳିତ ବର୍ଷ ଲକ୍ଷ୍ମୀପୂଜା ନିମନ୍ତେ ବିଦ୍ୟୁତ ସେବାରେ ଯେପରି ବ୍ୟାଘାତ ସୃଷ୍ଟି ନହୁଏ ସେଥିପ୍ରତି ସଜାଗ ରହିବାକୁ ବିଦ୍ୟୁ ବିଭାଗର ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା ।ମାତ୍ର ବିଦ୍ୟୁତ ବିଭାଗର ଯନ୍ତ୍ରୀଙ୍କ ଦାୟିତ୍ୱ ହୀନତା ପାଇଁ ଚଳିତ ବର୍ଷ ଲକ୍ଷ୍ମୀପୂଜା ଆୟୋଜନ କରିଥିବା ବଜାର ଗୁଡିକରୁ ଦର୍ଶକ ମାନଙ୍କ ସମାଗମ ଧିରେ ଧିରେ କମିବାରେ ଲାଗିଲାଣି। ତେବେ ଏନେଇ ସମସ୍ୟାର ତୁରନ୍ତ ସମାଧାନ ନହେଲେ ଆଗକୁ ହିନ୍ଦୋଳର ସମସ୍ତ ଜନସାଧାରଣ ମାନେ ଟାଟା ପାୱାରର ଅଫିସ୍ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ଅଧାପନ୍ତରିଆ ରାସ୍ତା ପାଇଁ ପ୍ରତିଦିନ ଘଟୁଛି ଦୁର୍ଘଟଣା

### ସରକାର ବଦଳିଲା ବୋଲି ରାସ୍ତା କାମ ସଂପୂର୍ଣ୍ଣ କରୁନାହାନ୍ତି ଠିକାଦାର

ନୟାଗଡ଼, ( ମହାଭାରତ ) : ଠିକା ସଂସ୍ଥାର ମନମୁଖୀ ଶାସନୟ ସରକାର ବଦଳିଲା ବୋଲି ରାସ୍ତା କାମ ସଂପୂର୍ଣ୍ଣ କରୁନାହାନ୍ତି ଠିକାଦାରୟ ଅଧାପନ୍ତରିଆ ରାସ୍ତା ପାଇଁ ପ୍ରତିଦିନ ଘଟୁଛି ଦୁର୍ଘଟଣା। ନୟାଗଡ଼ ସଦର ମହକୁମାର ପିଟିଏସ୍ ଛକରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଛଅ କିଲୋମିର ରାସ୍ତା ନିର୍ମାଣ ପାଇଁ ଠିକା ସଂସ୍ଥା ବଜରଙ୍ଗି କୁ ଲାଗିଲାନି ଅଠ ମାସ ତଥାବି ସରୁନି ରାସ୍ତା କାମ। ଗତ ସାଧାରଣ ନିର୍ବାଚନ ପୂର୍ବରୁ ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ଏହି ରାସ୍ତା ନିର୍ମାଣ ପାଇଁ କରିଥିଲେ ଶିଳାନ୍ୟାସ। ରାସ୍ତା ନିର୍ମାଣ ପାଇଁ ୧୯ କୋଟି ୩୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ନେଇଛି ଭଞ୍ଜନଗର ବଜରଙ୍ଗି କଂଟ୍ରକ୍ସନ୍। ଏହି ଛଅ କିଲୋଟର ରାସ୍ତା ଉନ୍ନତିକରଣ ପାଇଁ ଠିକା ସଂସ୍ଥା ତିନି ମାସ ତଳେ ରାସ୍ତା କାମ କରିଥିବା ବେଳେ ରାସ୍ତା କାମ ସଂପୂର୍ଣ୍ଣ ହୋଇ ନଥିବାରୁ ଅଧାପନ୍ତରିଆ ରାସ୍ତା ଲୋକଙ୍କ ପାଇଁ ପାଲଟିଛି ମରଣଯନ୍ତା। ଠିକା ସଂସ୍ଥାର ଏ ଭଳି ମନମୁଖୀ କାର୍ଯ୍ୟ ପାଇଁ ରାସ୍ତା ସାରା ଖାଲଢିପ ଧୂଳିଧୂଆଁ ସହ ପଥର ଗୋଡ଼ି ଏବଂ ଗୁଣ୍ଡରେ ପରିବେଶ ପ୍ରଦୂଷିତ ହେଉଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଯେ ରାସ୍ତାରେ ପାଣି ପଡୁ ନଥିବାରୁ ପଥର ଗୁଣ୍ଡ ଧୂଳି ଉଡି କୁହୁଡି ପରି ରାସ୍ତା ସାରା ହେଉଥିବା ରୁ ରାସ୍ତା କିଛି ଦୃଶ୍ୟମାନ ହେଉ ନାହିଁ। ଫଳରେ ପ୍ରତିଦିନ ଏହି ରାସ୍ତା ଦେଇ ସ୍କୁଲ କଲେଜର ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଶହ ଶହ ଗାଡି ମଟର ଯାତାୟାତ କରୁଥିବାରୁ ଆଠ ମାସ ହେଲା ରାସ୍ତାରେ ପ୍ରତିଦିନ ଘଟୁଛି ଛୋଟ ବଡ ଦୁର୍ଘଟଣା। ଅକାଳରେ



ରାସ୍ତାରେ ପଡି ଖଣ୍ଡିଆ ଖାବରା ହୋଇ ମେଡିକାଲ ଯାଉଛନ୍ତି ଛାତ୍ରଛାତ୍ରୀ ଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ। ଏନେଇ ସ୍ଥାନୀୟ ବାସିନ୍ଦା ରାସ୍ତା ଓ ଗୃହ ବିଭାଜନ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ରାସ୍ତା ଓ ଡ୍ରେନ୍ ନକଲେ ରାସ୍ତା ରୋକ୍ ସହ ତିବ୍ର ଆନ୍ଦୋଳନ ର ଚେତାବନୀ ଦେଇଛନ୍ତି ସ୍ଥାନୀୟ ବାସିନ୍ଦାୟ ନୟାଗଡ଼ ସହରର ଭିଆଇପି ରୋଡ଼ ଭାବେ ପରିଚିତ ଏହି ରାସ୍ତା ପାର୍ଶ୍ୱରେ ରହିଛି ନୟାଗଡ଼ ଜିଲ୍ଲାପାଳ ଓ ଏସ୍ପି ଙ୍କ ବାସଭବନ ସହ ଏସ୍ପି ଙ୍କ କାର୍ଯ୍ୟାଳୟ ଏବଂ ପୁଲିସ ରିଜର୍ଭ ସହ ଆର୍. ଟି. ଓ, ଡିଇଓ, ବିଇଓ କାର୍ଯ୍ୟାଳୟ ସହ ଡିଆରଡିଏ ଅଫିସ ଠାରୁ ଆରମ୍ଭ କରି କୋର୍ଟ କର୍ମଚାରୀଙ୍କ ବାସଭବନ, ଆର୍.ଡି, ପିଡବ୍ଲୁଡି ଡିଭିଜନ ଅଫିସ ଏବଂ ବୃଦ୍ଧା ଆଶ୍ରମ ଠାରୁ ଆରମ୍ଭ କରି ନବୋଦୟ ବିଦ୍ୟାଳୟ, ମହର୍ଷି ଏବଂ ସରସ୍ୱତୀ ଶିଶୁ ମନ୍ଦିର ଓ ପୁଲିସ ଟ୍ରେନିଙ୍ଗ ସେଣ୍ଟର ସହ ବହୁ ସରକାରୀ କାର୍ଯ୍ୟାଳୟ। ତେଣୁ ପ୍ରତିଦିନ ଶହ ଶହ ଭିଆଇପି ଗାଡି ମଟର ସ୍କୁଲ କଲେଜର ଛାତ୍ରଛାତ୍ରୀ ମାନେ ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ଅଧାପନ୍ତରିଆ ରାସ୍ତା ପାଇଁ ପ୍ରତିଦିନ ଘଟୁଛି ଦୁର୍ଘଟଣାୟ ଶହ ଶହ ଲୋକ ଯାତାୟାତରେ ଭୋଗୁଛନ୍ତି ସମସ୍ୟା। ସେପଟେ ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି ରାସ୍ତା ନିର୍ମାଣ କାମ ବିଳମ୍ବ ହୋଇ ନାହିଁ ଅବଧି ସମୟ ରହିଛି। ବର୍ଷା ଦିନ ପାଇଁ ପିଚୁ କାମ ବନ୍ଦ ରହିଛି। ଏବେ ପାଣିପାଗ ଠିକ୍ ରହିଥିବା ରୁ ଠିକାଦାରକୁ ଶୀଘ୍ର ରାସ୍ତା କାମ ସଂପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ଠିକା ସଂସ୍ଥା ପକ୍ଷରୁ କୁହାଯାଇଛି କରିଥିବା କାମ ଟଙ୍କା ମିଳୁନି। ସେପଟେ ତୁରନ୍ତ ରାସ୍ତା ନିର୍ମାଣ କାମ ସରିବା ପାଇଁ ପୂର୍ତ୍ତ ବିଭାଗର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସ୍ଥାନୀୟ ବିଧାୟକ କହିଛନ୍ତି। ଗତ ନିର୍ବାଚନ ପୂର୍ବରୁ ଏହି ରାସ୍ତା ନିର୍ମାଣ ପାଇଁ ୧୯ କୋଟି ୩୯ ଲକ୍ଷ ଟଙ୍କା ହୋଇଛି ମଞ୍ଜୁର। ସରକାର ବଦଳିଲା ପରେ ରାସ୍ତା ନିର୍ମାଣ ଦିଗରେ ଟେଣ୍ଡର ପାଇଥିବା ଠିକା ସଂସ୍ଥା ଏବଂ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ମଧ୍ୟରେ ବିବାଦରେ ବଳି ପଡୁଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

# ଶେଖ ହାସିନାଙ୍କ ବିରୋଧରେ ଗିରଫଦାରି ୱାରେଣ୍ଟ୍

**ନୂଆଦିଲ୍ଲୀ,୧୯।୧୦ :** ଭୀଷଣ ବିରୋଧ ପରେ ଦେଶ ଛାଡି ପଳାତକ ସାଜିଥିବା ବାଂଲାଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶେଖ ହସିନାଙ୍କ ପଛ ଛାଡୁନି ଅଡୁଆ । ଏବେ ବାଂଲାଦେଶର ଶାସକ ୟୁନୁସ ସରକାର ଏଭଳି ପଦକ୍ଷେପ ନେଇଛନ୍ତି ଯେ ଶେଖ ହସିନାଙ୍କୁ ଏବେ ପୁଣିଥରେ ବାଂଲାଦେଶ ଫେରିଯିବାକୁ ବାଧ କରିଛି । ବାଂଲାଦେଶରେ ଅବସ୍ଥିତ ଅନ୍ତର୍ଜାତୀୟ ଅପରାଧିକ କୋର୍ଟ ହସିନାଙ୍କ ନାମରେ ଗିରଫ ପରୱାନା ଜାରି କରିଛନ୍ତି । ଚଳିତ ବର୍ଷ ହସିନା ପ୍ରଧାନମନ୍ତ୍ରୀ ପଦରେ ଥିବା ବେଳେ ଛାତ୍ର ଆନ୍ଦୋଳନକୁ ଯେଭଳି ଭାବେ ହିଂସାତ୍ମକ ଢଙ୍ଗରେ ପ୍ରତିହତ କରିବାକୁ ଚେଷ୍ଟା କରାଯାଇଥିଲା ସେହି ମାମଲାରେ କୋର୍ଟ ଏଭଳି ଆଦେଶ ଜାରି କରିଛନ୍ତି ।

ଏହି ଆଦେଶରେ ନଭେମ୍ବର ୧୮ ତାରିଖ ସୁଦ୍ଧା ହସିନାଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି । କେବଳ ଶେଖ ହସିନା ନୁହଁନ୍ତି ଅଭିଯୋଗ ପକ୍ଷ



ହସିନାଙ୍କ ନେତୃତ୍ୱାଧୀନ ଆୱାମୀ ଲିଗ ସରକାରଙ୍କ ବିରୋଧରେ ଛାତ୍ର ଆନ୍ଦୋଳନ ସମୟରେ ଘଟିଥିବା ହତ୍ୟାରେ ଜଡିତ ଅନ୍ୟ ୫୦ ଜଣଙ୍କ ବିରୋଧରେ ଗିରଫ ପରୱାନା ଜାରି କରିବାକୁ ଅନୁରୋଧ କରିଛନ୍ତି । ଟ୍ରିବ୍ୟୁନାଲକୁ ଏପର୍ଯ୍ୟନ୍ତ ନିର୍ବାସିତ ନେତା ଓ ତାଙ୍କର ଆୱାମୀ ଲିଗ ସହଯୋଗୀମାନଙ୍କ ବିରୋଧରେ ବଳ ପୂର୍ବକ ଅପହରଣ, ହତ୍ୟା ଓ ଗଣହତ୍ୟା ବାବଦରେ ୬୦ ଟି ଅଭିଯୋଗ ମିଳିଛି । କହିରଖୁ କି ହସିନାଙ୍କ ୧୫ ବର୍ଷର ଶାସନ କାଳରେ ବ୍ୟାପକ ମାନବାଧିକାର ଉଲଙ୍ଘନ ଦେଖାଦେଇଥିଲା ।

# ଉତ୍କଟ ଦାରିଦ୍ର୍ୟରେ ୧୩ କୋଟି ଭାରତୀୟ

**ନୂଆଦିଲ୍ଲୀ,୧୯।୧୦ :** ଉତ୍କଟ ଦାରିଦ୍ର୍ୟରେ ୧୩ କୋଟି ଭାରତୀୟ । ଦିନକୁ ରୋଜଗାର ୧୮୧ ଟଙ୍କାରୁ କମ୍ । ସମଗ୍ର ଦକ୍ଷିଣ ଏସିଆ, ଉପ ସାହାରା ଆଫ୍ରିକା, ମଧ୍ୟପ୍ରାଚ୍ୟ ଏବଂ ଉତ୍ତର ଆଫ୍ରିକା କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା । ତେବେ ବିଶ୍ୱବ୍ୟାଙ୍କ ପ୍ରକାଶ କରିଥିବା ରିପୋର୍ଟ ମୁତାବକ, ଭାରତରେ ଏବେ ୧୨.୯ କୋଟି ଲୋକ ଉତ୍କଟ ଦାରିଦ୍ର୍ୟରେ କାଳାତିପାତ କରୁଛନ୍ତି । ଗତ ୩୪ ବର୍ଷ ମଧ୍ୟରେ ଯଦିଓ ଏହି ସଂଖ୍ୟାରେ ବଡ଼ ଧରଣର ହ୍ରାସ ଘଟିଛି ତଥାପି ବର୍ତ୍ତମାନର ସ୍ଥିତି ସେତେଟା ଭଲ ନାହିଁ ।

ବିଶ୍ୱବ୍ୟାଙ୍କ ରିପୋର୍ଟ ଅନୁଯାୟୀ, ୧୯୯୦ରେ ଭାରତରେ ଦୈନିକ ୨.୧୫ ଆମେରିକୀୟ ଡଲାର ବା ୧୮୧ ଟଙ୍କାରୁ କମ୍ ରୋଜଗାର କରୁଥିବା ଲୋକଙ୍କ ସଂଖ୍ୟା ୪୩.୧ କୋଟି ରହିଥିଲା । କିନ୍ତୁ ୨୦୨୪ରେ ଏହା ପ୍ରାୟ ୧୨.୯ କୋଟିକୁ ଖସି ଆସିଛି । ଅପରପକ୍ଷରେ ଉଚ୍ଚ ଦାରିଦ୍ର୍ୟ ମାନକକୁ ବିଚାରକୁ ନେଲେ ୧୯୯୦ ତୁଳନାରେ ୨୦୨୪ରେ ଅଧିକ ଲୋକ ଭାରତରେ ଦୈନିକ ୬.୮୫ ଆମେରିକୀୟ ଡଲାର (୫୭୬ ଟଙ୍କା)ରୁ କମରେ ଜୀବନଯାପନ କରୁଛନ୍ତି । 'ଦାରିଦ୍ର୍ୟ, ସମୃଦ୍ଧି ଓ ପୃଥିବୀ: ଏକାଧିକ ସଂକଟରୁ ବାହାରିବାର ପଥ' ଶୀର୍ଷକ ଏହି ରିପୋର୍ଟରେ କୁହାଯାଇଛି ଯେ, ଭାରତରେ ଲୋକସଂଖ୍ୟା ବୃଦ୍ଧି ଯୋଗୁ ୧୯୯୦ ତୁଳନାରେ ୨୦୨୪ରେ ୬.୮୫ ଆମେରିକୀୟ ଡଲାରରୁ କମ୍ ଆୟରେ ଜୀବନ ନିର୍ବାହ କରୁଛନ୍ତି । ସମଗ୍ର ଦକ୍ଷିଣ ଏସିଆ ଏବଂ ଉପ-ସାହାରା ଆଫ୍ରିକା, ମଧ୍ୟପ୍ରାଚ୍ୟ ଏବଂ ଉତ୍ତର ଆଫ୍ରିକା କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା ବୋଲି ରିପୋର୍ଟରେ କୁହାଯାଇଛି । ତେବେ ୨୦୨୨-୨୩ ଆର୍ଥିକ ବର୍ଷର ପାରିବାରିକ ଖର୍ଚ୍ଚ ଓ ବ୍ୟୟ ସର୍ବେକ୍ଷଣ (ଏଚସିଇଏସ୍) ତଥ୍ୟକୁ ଏଥିରେ ବିଚାରକୁ ନିଆଯାଇ ନାହିଁ । ତଥ୍ୟର ଆବଶ୍ୟକ ବିଶ୍ଳେଷଣ ଠିକ୍ ସମୟରେ ସମ୍ପୂର୍ଣ୍ଣ ହୋଇ ନପାରିବାରୁ ଉକ୍ତ ରିପୋର୍ଟରେ ଏହାକୁ ସାମିଲ କରାଯାଇ ପାରିନାହିଁ । ତେବେ ରିପୋର୍ଟର ନିଷ୍କର୍ଷରେ ଦର୍ଶାଯାଇଛି ଯେ, ଉପ-ସାହାରା ଏବଂ ଅନ୍ୟ ଦୁର୍ବଳ ଦେଶଗୁଡ଼ିକରେ ଉତ୍କଟ ଦାରିଦ୍ର୍ୟ ବୃଦ୍ଧି ପାଉଛି । ୨୦୩୦ ସୁଦ୍ଧା ଉତ୍କଟ ଦାରିଦ୍ର୍ୟକୁ ଦୂର କରିବା ସମ୍ଭବ ନୁହେଁ ବୋଲି କୁହାଯାଇଛି । ଏହି ଦଶନ୍ଧି ଶେଷ ସୁଦ୍ଧା ଭାରତରେ ଉତ୍କଟ ଦାରିଦ୍ର୍ୟ ୩ ପ୍ରତିଶତ ତଳକୁ ଖସିଆସିବ ବୋଲି ଆକଳନ କରାଯାଇଥିଲା । ଏହାହେଲେ ଆଗାମୀ ଦଶନ୍ଧି ମଧ୍ୟରେ ବିଶ୍ୱର ଉତ୍କଟ ଦାରିଦ୍ର୍ୟରେ ଭାରତର ଅବଦାନ ଯଥେଷ୍ଟ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି । ଆସନ୍ତା ଦଶନ୍ଧି ମଧ୍ୟରେ ମୁଣ୍ଡପିଛା ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଅଭିବୃଦ୍ଧି ଏବଂ ଐତିହାସିକ ଅଭିବୃଦ୍ଧି ହାର ଉପରେ ଏହି ଆକଳନ ଆଧାରିତ । ଏପରିକି ୨୦୩୦ରେ ଭାରତରେ ଉତ୍କଟ ଦାରିଦ୍ର୍ୟ ହାର ଶୂନ୍ୟରେ ରଖିଲେ ମଧ୍ୟ ୨୦୩୦ରେ ବିଶ୍ୱର ଉତ୍କଟ ଦାରିଦ୍ର୍ୟ ହାର ୭.୩୧ରୁ ୬.୭୨ ପ୍ରତିଶତକୁ ଖସିବ, ଯାହା ଏବେ ବି ୩ ପ୍ରତିଶତ ଲକ୍ଷ୍ୟଠାରୁ ଯଥେଷ୍ଟ ଅଧିକ । ୧୯୯୦ରୁ ୨୦୧୩ ମଧ୍ୟରେ ବିଶ୍ୱରେ ଉତ୍କଟ ଦାରିଦ୍ର୍ୟ ଯଥେଷ୍ଟ ହ୍ରାସ ପାଇଥିଲେ ମଧ୍ୟ ତା ପରଠାରୁ ଏହାର ଅଗ୍ରଗତି ନାଟକୀୟ ଭାବେ ହ୍ରାସ ପାଇଛି । ଏଥିରେ କୁହାଯାଇଛି ଯେ, ୧୯୯୦ରୁ ୨୦୧୩ ମଧ୍ୟରେ ଏହି ହାର ୩୭.୯ରୁ ୧୧.୫ ପ୍ରତିଶତକୁ ଖସିବା ଫଳରେ ୧୨୦ କୋଟି ଲୋକ ଉତ୍କଟ ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି । ଏହାପରେ, ଏପରିକି କୋଭିଡ୍-୧୯ ମହାମାରୀ ଆସିବା ପୂର୍ବରୁ ମଧ୍ୟ ଉତ୍କଟ ଦାରିଦ୍ର୍ୟ ହ୍ରାସର ଗତି ମନ୍ଥର ହୋଇଯାଇଥିଲା । ୨୦୧୩ରୁ ୨୦୧୮ ମଧ୍ୟରେ ଉତ୍କଟ ଦାରିଦ୍ର୍ୟ ହାର ମାତ୍ର ୨.୮ ପ୍ରତିଶତ ହ୍ରାସ ପାଇଛି । ରିପୋର୍ଟ ଅନୁଯାୟୀ, ୨୦୧୮ ପରଠାରୁ ଏହି ଧାରା ଆହୁରି ବଦଳିଯାଇଛି ।

## ଗୋପବନ୍ଧୁଙ୍କ ଜୟନ୍ତୀ ଅବସରରେ ପ୍ରବନ୍ଧ ପ୍ରତିଯୋଗିତା



**ଗଞ୍ଜାମ,(ନିପ୍ର):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟା ସ୍ଥିତ ଗୋପାଳ କୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ରେପଣ୍ଡିତ ଉତ୍କଳ ମଣି ଗୋପବନ୍ଧୁ ୧୪୮ ତମ ଜୟନ୍ତୀ ଏବଂ ୭୦ ତମ ବନ୍ୟାପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରମ୍ଭା ବନାଞ୍ଚଳ ବନ୍ୟପ୍ରାଣୀ ଅଧିକାରୀ ରଶ୍ମିତା ଜେନା, ମୁଖ୍ୟ ବକ୍ତା ଭାବେ ହୁମା ସଲ୍ଟ କଲେଜ ଅଧକ୍ଷ ନିରଞ୍ଜନ ରଥ, ସମ୍ମାନିତ ଅତିଥି ଭାବେ ରେଶପଣ୍ଡ ଟ୍ରଷ୍ଟର ଅଧକ୍ଷ ସ୍ୱସ୍ତିକ ସୁନ୍ଦର ସିଅ, ପୂର୍ବତନ ସରପଞ୍ଚ ତଥା କମ୍ୟୁନିଷ୍ଟ ନେତା ଦିଲୀପ ଛୋଟରାୟ, ଶିକ୍ଷାବିତ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା,ବନପାଳ ବଳରାମ ସାହୁ, ବନପାଳ, ଯୋସ ନା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଅତିଥି ମାନେ ତାଙ୍କ ବକ୍ତବ୍ୟ ରେ ଗୋପବନ୍ଧୁ ଙ୍କ ଜୀବନୀ ଏବଂ ତାଙ୍କର ଏହି ସମାଜ ପ୍ରତି ରହିଥିବା ତ୍ୟାଗ ଓ ସେବା ଉପରେ ଆଲୋଚନା କରିଥିଲେ । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପିଲାମାନଙ୍କୁ ଅତିଥି ମାନେ ପରାମର୍ଶ ଦେଇଥିଲେ । ସଭା ପୂର୍ବରୁ ଅତିଥି ମାନେ ସ୍କୁଲ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଓ ଅନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

## ପୋଷ୍ଟାଥନ ପଦଯାତ୍ରା ଆୟୋଜିତ



**ସମ୍ବଲପୁର,(ନିପ୍ର):** ବିଶ୍ୱ ଡାକ ଦିବସ ଉପଲକ୍ଷେ ବୁଧବାର ସମ୍ବଲପୁର ମୁଖ୍ୟ ଡାକଘର ପକ୍ଷରୁ ପୋଷ୍ଟମାଷ୍ଟର ତରଣୀ ସେନ ଭୁସାଗରଙ୍କ ନେତୃତ୍ୱରେ 'ଫିଟ ପୋଷ୍ଟ, ଫିଟ ଇଣ୍ଡିଆ' ବାର୍ତ୍ତା ନେଇ ପୋଷ୍ଟାଥନ ପଦଯାତ୍ରା ଆୟୋଜିତ ହୋଇଯାଇଛି । ଏହି ପଦଯାତ୍ରା ସମ୍ବଲପୁର ମୁଖ୍ୟ ଡାକଘରରୁ ଆରମ୍ଭ ହୋଇ କଚେରୀ ଛକ ଦେଇ ରିଂ ରୋଡରେ ମାଁ ସମଲେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଡାକଘରର ଅଧିକାରୀ ଓ କର୍ମଚାରୀ ମାନେ ସାମିଲ ହୋଇ ଫିଟ ପୋଷ୍ଟ, ଫିଟ ଇଣ୍ଡିଆ ଥିମକୁ ବ୍ୟାନର, ପୋଷ୍ଟର ଓ ବିଭିନ୍ନ ସ୍ଲୋଗାନ ଦେଇ ଜନସଚେତନ ଓ ପ୍ରଚାର ପ୍ରସାର କରିଥିଲେ ।

# ସାନଖେମୁଣ୍ଡିରେ ତୃତୀୟ ପଞ୍ଚାୟତ ସମିତି ବୈଠକ

**ସାନଖେମୁଣ୍ଡି,(ନି.ପ୍ର) :** ମଙ୍ଗଳବାର ଦିନ ସାନଖେମୁଣ୍ଡି ବ୍ଲକ କାର୍ଯ୍ୟାଳୟ ତରଫରୁ ସଭାଗୃହ ପରିସରରେ ତୃତୀୟ ତମ ପଞ୍ଚାୟତ ସମିତି ବୈଠକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷ ସିମାଞ୍ଚଳ ପାତ୍ରଙ୍କ ଅଧକ୍ଷତାରେ ବୈଠକରେ ସ୍ଥାନୀୟ ବ୍ଲକ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ମିଶ୍ର ସଂଯୋଜନା କରିଥିଲେ । ବୈଠକରେ ଆସିକା ସାଂସଦ ଅନୀତା ଶୁଭଦର୍ଶନୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ସେହିପରି ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ସ୍ୱତନ୍ତ୍ର ଅତିଥି ଭାବେ ମଞ୍ଚାସୀନ ରହିଥିବା ବେଳେ ଅତିରିକ୍ତ ତହସିଲଦାର ଦିଲିପ କୁମାର ଜେନା, ବ୍ଲକ ଉପାଧକ୍ଷା ରିଙ୍କି ନାହକ, ପଞ୍ଚାୟତ ଉନ୍ନୟନ ଅଧିକାରୀ ମୋନାଲିସା କିସ୍କୁ ପ୍ରମୁଖ ଅନ୍ୟତମ ଅତିଥି ରହିଥିଲେ । ବୈଠକ ପ୍ରାରମ୍ଭରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଜିପିଓ ଶ୍ରୀମତୀ ମୋନାଲିସା ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟର ବିବରଣୀ ପଠନ କରିଥିଲେ । ଏହି ପରିପ୍ରେକ୍ଷୀରେ ବ୍ଲକ ଅଧିନସ୍ଥ ୨୬ ଗୋଟି ପଞ୍ଚାୟତରେ ରହିଥିବା ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ନିର୍ବାଚିତ ପ୍ରତିନିଧି ମାନେ ମଞ୍ଚାସୀନ ଅତିଥିଙ୍କ





ସହ ଆଲୋଚନା କରିଥିଲେ । ବୈଠକରେ ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ପ୍ରଶସ୍ତିକରଣ ଉପରେ, ଅଙ୍ଗନୱାଡ଼ି ଗୃହ ଉପରେ ବେଶ୍ ଆଲୋକପାତ ହୋଇଥିଲା । ସେହିପରି କୃଷି ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ବନବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ଉଦ୍ୟାନ ବିଭାଗ, ଯୋଗାଣ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ, ଗ୍ରାମ୍ୟ ପାନୀୟଜଳ ଯୋଗାଣ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ପଞ୍ଚାୟତକୁ ଆସୁଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଉପସ୍ଥାପନା ନିର୍ବାଚିତ ପ୍ରତିନିଧିଙ୍କ ସହ କରିଥିଲେ । ବୈଠକରେ ବ୍ଲକରେ କାର୍ଯ୍ୟରତ ବିଭିନ୍ନ ବିଭାଗର କର୍ମକର୍ତ୍ତା ସମେତ ଜିଲ୍ଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ମାନେ ଉପସ୍ଥିତ ରହିଥିଲେ ।

## ଜିଲାସ୍ତରୀୟ ଭିନ୍ନକ୍ଷମ ଅଧିକାର ଅଧିନିୟମ ସଚେତନତା ଶିବିର

**କେନ୍ଦୁଝରଗଡ଼,(ନିପ୍ର):** ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଓଡ଼ିଶା ଏବଂ ଜିଲା ପ୍ରଶାସନ କେନ୍ଦୁଝରଙ୍କ ମିଳିତ ସହଯୋଗରେ 'ଭିନ୍ନକ୍ଷମଙ୍କ ଅଧିକାର ଅଧିନିୟମ-୨୦୧୬ ' ସମ୍ପର୍କିତ ଏକ ସଚେତନତା ଶିବିର ଏବଂ କ୍ୟାମ୍ପ କୋର୍ଟ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାରହଲଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମଙ୍କ ଅଧିକାର ଓ ସରକାରୀ ଯୋଜନା ସମ୍ପର୍କରେ ତୃଣମୂଳସ୍ତରରେ କାମ କରୁଥିବା କର୍ମଚାରୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ଗଣମାଧ୍ୟମର ପ୍ରତିନିଧି ସମସ୍ତେ ବ୍ୟାପକ ଜନଜାଗରଣ ସୃଷ୍ଟି କରିପାରିଲେ ଭିନ୍ନକ୍ଷମମାନେ ବିଭିନ୍ନ ଜନକଲ୍ୟାଣ ଯୋଜନାର ସୁଫଳ ପାଇବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ନିଜର ଜୀବନକୁ ପୂର୍ଣ୍ଣାଙ୍ଗ କରିପାରିବେ ବୋଲି ମତ ଦେଇଥିଲେ । ସମସ୍ତ ଭିନ୍ନକ୍ଷମ ବ୍ୟକ୍ତି ନିଜର ମନୋବଳକୁ ସୁଦୃଢ଼ କରି ସରକାରଙ୍କ ସମସ୍ତ ଯୋଜନାର ଫାଇଦା ନେବାକୁ ଆହ୍ୱାନ ଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ଭିନ୍ନକ୍ଷମଙ୍କ ଲାଗି ଉଦ୍ଦିଷ୍ଟ ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ ଓ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବସନ୍ତ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମଙ୍କ ଅଧିକାର ଅଧିନିୟମ ୨୦୧୬ର ବିଭିନ୍ନ ଦିଗକୁ ନିଜ ଅଭିଭାଷଣରେ ଆଲୋକପାତ କରିଥିଲେ । ଭିନ୍ନକ୍ଷମ ଅଧିକାର ଅଧିନିୟମ-୨୦୧୬ ସଂକ୍ରାନ୍ତରେ ମୁଖ୍ୟବକ୍ତା ରାମ କିଶୋର ଶର୍ମା ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଉପଖଣ୍ଡ ଓ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ, କନିଷ୍ଠ ସହାୟକ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ବ୍ଲକ ରିସୋର୍ସ ଟିଚର ଉପସ୍ଥିତ ଥିଲେ ।

## ଜୁଆ ଆଡ୍ଡା ଉପରେ ଚଢ଼ାଉ
## ୧୨ ହଜାର ୨ ଶହ ଜବତ : ୮ ଗିରଫ



**ଗୋପାଳପୁର,(ନିପ୍ର):** ଗୋପାଳପୁର ପୁଲିସ ଗତକାଲି ରାତିରେ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ସେଠାରୁ ୧୨ ହଜାର ୨ ଶହ ଟଙ୍କା ଜବତ କରିବା ସହ ୮ ଜୁଆଡ଼ିଙ୍କୁ ଗିରଫ କରିଛି । ଗତ ରାତିରେ ଗୋପାଳପୁର ଥାନା ଅନ୍ତର୍ଗତ ସାନ କୁଶସ୍ଥଳୀ ଗ୍ରାମରେ ଏକ ଜୁଆ ଖେଳ ଚାଲିଥିବା ନେଇ କୌଣସି ସୂତ୍ରରୁ ଖବର ପାଇଁ ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ ଜୁଆଆଡ୍ଡା ଉପରେ ଚଢ଼ାଉ କରିଥିଲେ । ସେଠାରୁ ୧୨ ହଜାର ୨ ଶହ ଟଙ୍କା, ୪ଟି ମୋବାଇଲ, ୨ ବାଇକ, ୧ ପେକେଟ ତାସମୁଠା ଜବତ କରିବା ସହ ୮ ଜଣକୁ ଗିରଫ କରିଥିଲେ । ପୁଲିସ କେସ ନମ୍ବର ୨୭୬/୨୪ ମାମଲା ରୁଜୁ କରି ସର୍ତ୍ତ ମୂଳକ ଜାମିନରେ ଛଡ଼ା ଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

# ତେରେସିଂହା ମାଁ ପାଟଖଣ୍ଡାଙ୍କ ବଳି ଯାତ୍ରା ସମ୍ପନ୍ନ



**ଭବାନୀପାଟଣା,(ନିପ୍ର) :** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଐତିହାସିକ ଗ୍ରାମ ତେରେସିଂହା ଠାରେ ମାଁ ପାଟଖଣ୍ଡା, ବଳି ଯାତ୍ରା ସମ୍ପନ୍ନ ହୋଇଯାଇଛି । ଏହି ଯାତ୍ରାରେ ମା'ଙ୍କୁ ଦର୍ଶନ କରିବା ପାଇଁ ଆଖପାଖ ଅଞ୍ଚଳର ଶହଶହ ଭକ୍ତଙ୍କର ସମାଗମ ହୋଇଥିଲା । ଭକ୍ତ ମାନଙ୍କର ମାନସିକ ପୂରଣ ହୋଇ ଥିବାରୁ ଏଠାରେ ବୋଦା, କୁକୁଡ଼ା ବଳି ପଡ଼ିଥାନ୍ତି । ଏହି ଯାତ୍ରା ତେରେସିଂହା ସ୍କୁଲ ପଡ଼ିଆର ଗୋଟିଏ, ପୂର୍ବ ପାର୍ଶ୍ୱରେ ତେରେସିଂହା ଓ ଅପର ଦକ୍ଷିଣ ପାର୍ଶ୍ୱରେ ବେଲପଡ଼ାର ଯାତ୍ରା ହୋଇଥାଏ । ତେରେସିଂହା ଯାତ୍ରା ପୂର୍ବ ଖଳା ପଡ଼ିଆ ଓ ପଶ୍ଚିମ ରେ ବେଲପଡ଼ା ଯାତ୍ରା ଖଳାରେ ଶହ ଶହ ଭକ୍ତଙ୍କର ଭିଡ଼ ଦେଖିବାକୁ ମିଳିଥିଲା । ଏହି ଯାତ୍ରା କେଉଁଟ କୈବର୍ତ୍ତ ସମ୍ପ୍ରଦାୟର ହୋଇଥିଲେ ହେଁ ଏଥିରେ ବିଭିନ୍ନ ଜାତିର ଲୋକ ବାର ଦେହେଲିଆ ଭାବେ ରହିଥାନ୍ତି । ଯାତ୍ରାର ଆଠ ଦିନ ପୂର୍ବରୁ ଗୁଡ଼ି ପ୍ରବେଶ ହୋଇ ପ୍ରତି ଦିନ ସନ୍ଧ୍ୟାରେ ମା' ଙ୍କର ପୂଜା ହୋଇଥାଏ । ଯାତ୍ରାର ଏକ ଲୋକ ବିଶ୍ୱାସ ଆଜିବି ରହିଆସିଛି ଯେ, ଯାତ୍ରାର ପୂର୍ବ ରାତ୍ରୀ ପୂଜା ସ୍ଥାନରେ ଗୋରସ ରଖି ଦିଆଯାଇ ଥାଏ ଓ ସେହି ଗୋରସକୁ ରାତ୍ରୀରେ ବାଘ ଆସି ପିଇ ଯାଉଥିବା କୁହାଯାଏ । ତେରେସିଂହା ଯାତ୍ରାର ମୁଖ୍ୟ ପୂଜକ ଦାମୋଦର ନାଏକ, ବରୁଆ ବିବେକାନନ୍ଦ ନାଏକ ଓ ମିନକେତନ ନାଏକ, ଛତ୍ରିଆ ଗୋପାଳ ନାଏକ, ଯାତ୍ରା କମିଟି ସଭାପତି ରୁଦ୍ର ଭୋଇ, ସମ୍ପାଦକ ସୁବିନ୍ଦ୍ର ରଣା, ଧର୍ମ ରଣା, ଦୈତାରି ନାଏକ, ଜଗବନ୍ଧୁ ଭୋଇ, ଗୋପାଳ ବାଗ ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ । ସେହିପରି ବେଲପଡ଼ା ଯାତ୍ରା କମିଟି ପକ୍ଷରୁ ସଭାପତି ନିଳମଣି ଗହିର, ସଂପାଦକ କିଶୋର ଚନ୍ଦ୍ର ନାଏକ ଉପସଭାପତି ଯଗୋଳ କିଶୋର ନାଏକ ଦାମାଭୋଇ, ବିସମ୍ବର ଭୋଇ, ବରୁଆ ଅର୍ଜୁନ ନାଏକ, ପୂଜକ ପାଦୁକା ନାଏକ, ଗୁର ନାଏକ, ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ସୁଶାନ୍ତ ମଲ୍ଲିକ ଦିଲିପ ଗହିର, ଅନିରୁଦ୍ଧ ନାଏକ ଅଞ୍ଚଳ ଶତାଧିକ ଶ୍ରଦ୍ଧାଳୁ ସହଯୋଗ କରିଥିଲେ ମଧ୍ୟ ଶାନ୍ତିଶୃଙ୍ଖଳା ସହ ପାଟଖଣ୍ଡା ଯାତ୍ରା ସମ୍ପର୍ନ୍ନ ହୋଇଯାଇଛି ।

# ମାନସିକ ଅନଗ୍ରସରଙ୍କ ପାଇଁ ସଚେତନତା



**ଆଠଗଡ,(ନିପ୍ର):** ଆଠଗଡ ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ମାନସିକ ଅନଗ୍ରସରଙ୍କ ପାଇଁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଦୋରଡସ୍ଥିତ ଡଃ ବ୍ରଜବିହାରୀ ମହାନ୍ତି ସ୍ମାରକୀ ମାନସିକ ଅନଗ୍ରସର ହିତକାରୀ ଟ୍ରଷ୍ଟଠାରେ ଆୟୋଜିତ ଏହି ଶିବିରକୁ ଆଇନ ସେବା ସମିତିର ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରାଜକୁମାର ଦାସ ଉଦଘାଟନ କରିବା ସହ ଏଥିରେ ଅଧକ୍ଷତା କରି ଉଦବୋଧନ ଦେଇଥିଲେ । ଏଡିଜେ ଶ୍ରୀ ଦାସ ମାନସିକ ଅନଗ୍ରସରଙ୍କୁ ହତାଦାର ନକରି ସେମାନଙ୍କ ଆଇନଗତ ଅଧିକାର ସମ୍ପର୍କରେ ଆଲୋକପାତ କରିବା ସହ ସେମାନଙ୍କୁ ଆଇନ ସେବା ସମିତି ମାଧ୍ୟମରେ କିପରି ମାଗଣାରେ ଆଇନ ସହାୟତା ମିଳିପାରିବ ସେ ବିଷୟରେ ବୁଝାଇଥିଲେ । ଏଥିରେ ସମ୍ମାନିତ ବକ୍ତା ଭାବେ ଆଇନଜୀବୀ ପ୍ରସନ୍ନ କୁମାର ରାଉତ ଓ ସୁପ୍ରଭା ଦୋରା ଯୋଗଦେଇ ମାନସିକ ଅନଗ୍ରସରଙ୍କୁ ସମସ୍ତ ପ୍ରକାରର ସହାୟତା ଓ ଚିକିତ୍ସା ବ୍ୟବସ୍ଥା କରାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି ସମସ୍ତେ ଉଦ୍ୟମ କରିବା ଦରକାର ବୋଲି ମତପ୍ରକାଶ କରିଥିଲେ । ସେମାନଙ୍କର ମୌଳିକ ଅଧିକାର ପାଇଁ ଆଇନରେ ଥିବା ପ୍ରାବଧାନ ବିଷୟରେ ସେମାନେ ଆଲୋଚନା କରିଥିଲେ । ଡଃ ବ୍ରଜବିହାରୀ ମହାନ୍ତି ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ବିବେକାନନ୍ଦ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।

# କଳାହାଣ୍ଡି ଜିଲ୍ଲା ଗଠନ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ଭବାନୀପାଟଣା,(ନି.ପ୍ର):** ଆସନ୍ତା ନଭେମ୍ବର ପହିଲା ତାରିଖ ଦିନ କଳାହାଣ୍ଡି ଜିଲ୍ଲା ଗଠନ ଦିବସ ପାଳନ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ଗଠନ ଦିବସକୁ ଚଳିତ ବର୍ଷ ବ୍ଲକ ଓ ଜିଲ୍ଲାସ୍ତରରେ ମହାସମାରୋହରେ ପାଳନ କିପରି କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଅବସରେ ସହରରେ ମସଲା ଶୋଭାଯାତ୍ରା, ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ସଭା ଓ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ଆଲୋଚନା କରାଯାଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର କାର୍ଯ୍ୟସୂଚୀ ଅନୁଯାଇ ଆଲୋଚନା କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ । ଅତିରିକ୍ତ ଜିଲାପାଳ ଶ୍ରୀ ଦରୱାନ ଜିଲ୍ଲାସ୍ତରୀୟ କଳାହାଣ୍ଡି ଜିଲ୍ଲା ଗଠନ ଦିବସ ପାଳନ କାର୍ଯ୍ୟକ୍ରମରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ପରବର୍ତ୍ତୀ ସମୟରେ କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ କରି ଚୁଡାନ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତି କରାଯିବ ପାଇଁ ଆଲୋଚନା କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ତ୍ରିଲୋଚନ ପାତ୍ର, ପି ଡି ଡୁଡା, ମୁନୀନ୍ଦ୍ର ହୋନନାଗା, ନିର୍ବାହୀ ଅଧିକାରୀ ପୌରପାଳିକା ସତ୍ୟ ସମ୍ପର୍ଣ୍ଣ । ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଡେପୁଟି କଲେକ୍ଟର ଚନ୍ଦ୍ରଦାସ ମହାନଦୀଆ, ଜୟନ୍ତ ବେହେରା, ଶାନ୍ତନୁ କୁମାର ବେହେରା, ଉମେଶ ଚନ୍ଦ୍ର ଶତପଥି, ସତ୍ୟନାରାୟଣ ମହାପାତ୍ର, ଭବାନୀ ଶଙ୍କର ନିଆଲ, ଅବଦୁଲ କାଦିର, ରବିପ୍ରସାଦ କାନୁନଗୋ, ପ୍ରଭାସ ଚନ୍ଦ୍ର ମିଶ୍ର, ଧନାନନ୍ଦ ପଣ୍ଡାଙ୍କ ସମେତ ଡିସିସି ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ନିର୍ବାହୀ ଅଧିକାରୀ ପୌରପାଳିକା ଭବାନୀପାଟଣା ଶ୍ରୀମତୀ ରାଉତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ନୂଆପଡା ଜିଲ୍ଲାପାଳଙ୍କ ଅଧକ୍ଷତାରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର

**ନୂଆପଡ଼ା,(ନି.ପ୍ର):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ସଭାପତିତ୍ୱରେ ନୂଆପଡ଼ା ଜିଲ୍ଲା ନୂଆପଡ଼ା ବ୍ଲକ ଖୁଟବନ ଭେରା ଗ୍ରାମରେ ଗ୍ରାମ ସ୍ତରୀୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ସଭାରେ ଜିଲ୍ଲାପାଳ ମଧୁସୂଦନ ଦାସ ଅଧ୍ୟକ୍ଷତା କରି ଗ୍ରାମବାସୀମାନେ କାର୍ଯ୍ୟ ଅନ୍ୱେଷଣରେ ରାଜ୍ୟ ବାହାରକୁ ନଯିବାକୁ ଆହ୍ୱାନ କରିଥିଲେ । ଅନୁଷ୍ଠିତ ସଭାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଡିଏଫ୍ଓ ଅଜିଜ ଖାନ, ଜିଲ୍ଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଲିଡ ବ୍ୟାଙ୍କ ପ୍ରବନ୍ଧକ ସୀତାରାମ ମେହେର, ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର କୁମାର ବାର୍ଲା, ଜିଲ୍ଲା କୃଷି ଅଧିକାରୀ, ସ୍ଥାନୀୟ ସରପଞ୍ଚ କଳ୍ପନା କୁଲଦୀପ ଯୋଗଦାନ କରି ସମସ୍ତଙ୍କୁ ଉଦ୍‌ବୋଧନ ଦେଇଥିଲେ । ଅତିଥିମାନେ କହିଲେ ଯେ ନିଜ ଗ୍ରାମରେ ବିଭିନ୍ନ ସରକାରୀ କାର୍ଯ୍ୟ ନିର୍ବାହୀ ସଂସ୍ଥା ଦ୍ୱାରା ବର୍ତ୍ତମାନ ପ୍ରଚୁର କର୍ମ ଯୋଗାଣ ହୋଇପାରୁଛି ତେଣୁ ସମସ୍ତେ ଏହାର ସୁଯୋଗ ନିଅନ୍ତୁ । ଏଲ ଡ଼ି ଏମ ସିତାରାମ ମେହେର ବିଭିନ୍ନ ବ୍ୟାଙ୍କ ସହ ସଂଯୋଗ ସ୍ଥାପନ କରି ଆତ୍ମ ନିର୍ଭରଶୀଳ ଏବଂ ସ୍ୱାବଲମ୍ବୀ ହେବାକୁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ଏଠାରେ ବିଡିଓ ଶରତ ଭୋଇ, ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟ, ଜିଲ୍ଲାପରିଷଦ ସଦସ୍ୟ ଭାନୁପ୍ରତାପ ସିଂ ମାଝୀ, ସମିତି ସଭ୍ୟ ତାତୁରାମ ପାଣ୍ଡେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇ ଥିଲେ । ସରକାରଙ୍କ ପ୍ରଦତ୍ତ ବିଭିନ୍ନ ସୁବିଧା ସୁଯୋଗ ଉପରେ ଶ୍ରମିକମାନଙ୍କୁ ଅବଗତ କରାଇ ଜିଲ୍ଲାପାଳ କହିଲେ କି ଟିକିଏ ସଚେତନ ହେଲେ ଶ୍ରମିକମାନେ ନିଜ ନିଜ ଗ୍ରାମରେ ସମସ୍ତେ ସରକାରୀ ଶ୍ରମଭିତ୍ତିକ କାମ ପାଇ ପାରିବେ ।

# ନ୍ୟୁଜିଲ୍ୟାଣ୍ଡକୁ ୧୦୭ ରନ ଟାର୍ଗେଟ ଦେଲା ଭାରତ

**ବେଙ୍ଗାଲୁରୁ,୧୯।୧୦:** ପ୍ରଥମ ଇନିଂସରେ ମାତ୍ର ୪୬ ରନ କରି ଅଲଆଉଟ ହୋଇଥିବା ଭାରତୀୟ ଟିମ ଦ୍ୱିତୀୟ ଇନିଂସରେ କମବ୍ୟାକ କରିଥିଲେ ହେଁ କେବଳ ୪୬୨ ରନ କରିପାରିଛି। ସର୍ଫରାଜ ଖାନଙ୍କ ୧୫୦ ଓ ଋଷଭ ପନ୍ତଙ୍କ ୯୯ ରନ ବଳରେ ଭାରତ କିଛି ମାତ୍ରାରେ ଦମ ଦେଖାଇଥିଲା।

ହେଲେ ଏବେ ନ୍ୟୁଜିଲ୍ୟାଣ୍ଡକୁ ଜିତିବା ପାଇଁ କେବଳ ୧୦୭ ରନ ଟାର୍ଗେଟ ମିଳିଛି। ପ୍ରଥମ ଇନିଂସରେ ଦଳ ୪୦୨ ରନ କରିଥିଲା। ମ୍ୟାଚ୍ ସରିବାକୁ ଆହୁରି ଗୋଟିଏ ଦିନ ବାକି ଥିବାରୁ ଏବେ କେବଳ କୌଣସି ଚମତ୍କାର ହିଁ ଭାରତକୁ ପରାଜୟରୁ ରକ୍ଷା କରିପାରିବ।



ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ୪ର୍ଥ ଦିନ ଖେଳ ଆରମ୍ଭ ହେବା ବେଳକୁ ଭାରତ ୧୨୫ ରନ ପଛରେ ରହିଥିଲା ସର୍ଫରାଜ ଖାନ ତୃତୀୟ ଦିନରୁ ୭୦ ରନ କରି ଅପରାଜିତ ରହିଥିବା ବେଳେ ତାଙ୍କ ସହ ନୂଆ ବ୍ୟାଟର ଭାବେ ଋଷଭ ପନ୍ତ ଆସିଥିଲେ। କାରଣ ତୃତୀୟ ଦିନର ଶେଷ ବଲରେ ବିରାଟ କୋହଲି(୭୦)ଙ୍କୁ ଗ୍ଲେନ ଫିଲିପ୍ସ ଆଉଟ କରିଦେଇଥିଲେ। ତୃତୀୟ ଦିନର ଷ୍ଟମ୍ପ ଅପସାରଣ ବେଳେ ଭାରତର ସ୍କୋର ୨୩୧/୩ ରହିଥିଲା। ଆରମ୍ଭରୁ ଦୁହେଁ ଜବରଦସ୍ତ ବ୍ୟାଟିଂ କରିଥିଲେ। ସର୍ଫରାଜ ମଧ୍ୟ ନିଜ ଟେଷ୍ଟ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ଲିଡ ପରିଶୋଧ କରିବା ଠାରୁ ଭାରତ ଆଉ ମାତ୍ର କିଛି ରନ ପଛରେ ଥିବା ବେଳେ ହଠାତ ବର୍ଷା ହୋଇଥିଲା। ଏଥିଯୋଗୁ ୯୯ ମିନିଟ ଧରି ମ୍ୟାଚ ବନ୍ଦ ରହିଥିଲେ। ତେବେ ବର୍ଷା ଛାଡ଼ିବା ପରେ ଭାରତ ଲିଡ ଶୁଝି ଆଗକୁ ବଢ଼ିଥିଲା। ସର୍ଫରାଜ ୧୫୦ ରନ ହାସଲ କରିବା ସହ ପନ୍ତ ମଧ୍ୟ ଶତକ ଦିଗରେ ଆଗେଇ ଥିଲେ। କିନ୍ତୁ ସର୍ଫରାଜ ୧୫୦ ଓ ପନ୍ତ ୯୯ ରନରେ ଆଉଟ ହୋଇଯାଇଥିଲେ। ଟି ପୂର୍ବରୁ ରାହୁଲ ମଧ୍ୟ ୧୨ ରନ କରି ପ୍ୟାଭିଲିଅନ ଫେରିଥିଲେ। ଟି ବ୍ରେକ ପରେ ରବୀନ୍ଦ୍ର ଜାଡେଜା ନିରାଶ କରିଥିଲେ।

ରବିଚନ୍ଦ୍ରନ ଅଶ୍ୱିନ ୧୫, ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜଙ୍କୁ ମ୍ୟାଟ ହେନରୀ ଖାତା ଖୋଲିବା ପୂର୍ବରୁ ଆଉଟ କରି ଭାରତୀୟ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ। ଭାରତ ୪୬୨ ରନରେ ଅଲଆଉଟ ହୋଇଯିବାରୁ ନ୍ୟୁଜିଲ୍ୟାଣ୍ଡକୁ ମ୍ୟାଚ୍ ଜିତିବା ପାଇଁ କେବଳ ୧୦୭ ରନର ଟାର୍ଗେଟ ମିଳିଛି।

# ଧୋନିଙ୍କୁ ପଛରେ ପକାଇଲେ ପନ୍ତ

**ବେଙ୍ଗାଲୁରୁ,୧୯।୧୦:** ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟର ୪ର୍ଥ ଦିନରେ ଟିମ ଇଣ୍ଡିଆର ୱିକେଟ କିପର ଋଷଭ ପନ୍ତ ଦମଦାର ଇନିଂସ ଖେଳିଛନ୍ତି। ଅବଶ୍ୟ ସେ ଦୁର୍ଭାଗ୍ୟଜନକ ଭାବେ ୯୯ ରନ କରି ୱିଲିୟମ ଓ'ରୁରକିଙ୍କ ବଲରେ ଆଉଟ ହୋଇଯାଇଛନ୍ତି। ହେଲେ ଆଉଟ ହେବା ପୂର୍ବରୁ ସେ ନିଜ ନାଁକୁ ରେକର୍ଡ ବୁକରେ ସାମିଲ କରିବାକୁ ସକ୍ଷମ ହୋଇଛନ୍ତି।

ପନ୍ତ ଭାରତର ୱିକେଟ କିପର ଭାବେ ଟେଷ୍ଟ କ୍ରିକେଟରେ ଦ୍ରୁତତମ ୨୫୦୦ ରନ ପୂରଣ କରିଛନ୍ତି। ପନ୍ତ ମାତ୍ର ୬୨ ରନରେ ଏହି ମାଇଲଖୁଣ୍ଟ ହାସଲ କରି ଭାରତୀୟ ଟିମର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କ ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ଧୋନି ଟେଷ୍ଟ କ୍ରିକେଟର ୨୫୦୦ ରନ ହାସଲ କରିବା ପାଇଁ ୬୯ଟି ଇନିଂସର ଆବଶ୍ୟକ କରିଥିଲେ। ହେଲେ ପନ୍ତ ତାଙ୍କ ଠାରୁ କମ ଇନିଂସରେ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି।



ଭାରତୀୟ କ୍ରିକେଟର ଅନ୍ୟତମ କିମ୍ବଦନ୍ତୀ ଖେଳାଳି ଫାରୁଖ ଇଞ୍ଜିନିୟର ୮୨ତମ ଇନିଂସରେ ଏପରି ସଫଳତା ପାଇଥିଲେ। ଏହାର ଅର୍ଥ ଭାରତୀୟ କ୍ରିକେଟର ୯୨ ବର୍ଷ ଇତିହାସ ମଧ୍ୟରେ ପନ୍ତ ପ୍ରଥମ ଖେଳାଳି ଭାବେ ୬୫ରୁ କମ ଇନିଂସରେ ୨୫ ଶହ ରନ ପୂରଣ କରିଛନ୍ତି। ପନ୍ତ ଆଜି ନିଜ ଟେଷ୍ଟ କ୍ୟାରିୟରର ୧୨ତମ ଅର୍ଦ୍ଧଶତକ ୫୫ ବଲରେ ହାସଲ କରିଥିଲେ। ଏହାପରେ ସେ ଦମଦାର ବ୍ୟାଟିଂ କରି ନିଜର ଶତକ ଆଡ଼କୁ ଯାଉଥିଲେ। କିନ୍ତୁ ଓ'ରୁରକି ତାଙ୍କୁ ୯୯ ରନରେ କ୍ଲିନବୋଲ୍ଡ କରିଦେଇଥିଲେ। ଏଥିସହ ପନ୍ତଙ୍କ ଜବରଦସ୍ତ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ।

୨୦୧୮ରେ ପନ୍ତ ଭାରତ ପାଇଁ ଟେଷ୍ଟରେ ଡେବ୍ୟୁ କରିଥିଲେ। ସେ ଦଳ ପାଇଁ ଏକାଧିକ ମ୍ୟାଚ୍ ବିଜୟୀ ଇନିଂସ ଖେଳିଛନ୍ତି। ବିଶେଷ କରି ସେ ଗାବାରେ ଅଷ୍ଟ୍ରେଲିଆ ବିପକ୍ଷରେ ଦଳକୁ ଜିତାଇ ନୂଆ ରେକର୍ଡ କରିଥିଲେ।

# ଅଜବ ଢଙ୍ଗରେ ଆଉଟ ହେଲେ ଷ୍ଟୋକ୍ସ



**ବେଙ୍ଗାଲୁରୁ,୧୯।୧୦:** ମୁଲତାନରେ ଚାଲିଥିବା ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଇଂଲଣ୍ଡକୁ ୧୫୨ ରନରେ ହାରିବାକୁ ପଡ଼ିଛି। ଦଳ ୨୯୭ ରନର ପିଛା କରୁଥିବା ବେଳେ ୧୪୪ ରନରେ ଅଲଆଉଟ ହୋଇଯାଇଛି। ପାକିସ୍ତାନର ଦୁଇ ସ୍ପିନରଙ୍କ ସାମ୍ନାରେ ଇଂଲଣ୍ଡ ବ୍ୟାଟର ଆଣ୍ଠେଇ ଥିଲେ ହେଁ ଆହତ ସମସ୍ୟାରୁ ଫେରିଥିବା ଅଧିନାୟକ ବେନ ଷ୍ଟୋକ୍ସ କିଛି ସମୟ ପାଇଁ ଲଢ଼େଇ କରିଥିଲେ। ଏଥିସହ ଦଳ ପାଇଁ ୩୭ ରନ ଯୋଡ଼ିଥିଲେ।

ତେବେ ଷ୍ଟୋକ୍ସଙ୍କ ଏହି ଇନିଂସ ଅଜବ ପ୍ରକାରରେ ଶେଷ ହୋଇଥିଲା। ସେ କେବଳ ନିଜର ୱିକେଟ ହରାଇ ନଥିଲେ, ବରଂ ତାଙ୍କ ବ୍ୟାଟ ମଧ୍ୟ ବେଶ କିଛି ଦୂରକୁ ଛିଟିକି ପଡ଼ିଥିଲା।

ପାକିସ୍ତାନ ସ୍ପିନର ନୋମାନ ଅଲୀଙ୍କୁ ଛକା ମାରିବା ପାଇଁ ଷ୍ଟୋକ୍ସ ଷ୍ଟେପ ଆଉଟ କରିଥିଲେ। କିନ୍ତୁ ସେ ବଲକୁ ଆଦୌ ଠିକ ଭାବେ କ୍ୟାଲକୁଲେଟ କରି ପାରି ନଥିଲେ। ଶଟ ମାରିବା ବେଳେ ବ୍ୟାଟଟି ତାଙ୍କ ହାତରୁ ଖସି ଯାଇଥିଲା। ଏହା ବେଶ କିଛି ଦୂରରେ ଯାଇ ପଡ଼ିଥିଲା।

ଷ୍ଟୋକ୍ସ ମଧ୍ୟ ନିଜକୁ ନିୟନ୍ତ୍ରଣ ନକରି ପାରି କ୍ରିଜ୍ ବାହାରେ ପଡ଼ି ଯାଇଥିଲେ। ସେ କ୍ରିଜ୍ ବାହାରେ ଥିବାରୁ ପାକିସ୍ତାନର ୱିକେଟ କିପର ମହମ୍ମଦ ରିଜୱାନ ତାଙ୍କୁ ଷ୍ଟମ୍ପିଂ କରି ଦେଇଥିଲେ। ଏପରି ଅଜବ ଆଉଟର ଭିଡିଓ ସାମ୍ନାକୁ ଆସିବା ପରେ ଏହା ଭାଇରାଲ ହେବାରେ ଲାଗିଛି। ଷ୍ଟୋକ୍ସ ଇଂଲଣ୍ଡର ୭ମ ବ୍ୟାଟର ଭାବେ ଭାବେ ଆଉଟ ହେବା ସହ ବିଜୟ ଆଶାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଶେଷରେ ପୂରା ଟିମ ୧୪୪ ରନରେ ଅଲଆଉଟ ହୋଇଯାଇଥିଲା। ପାକିସ୍ତାନ ମ୍ୟାଚକୁ ୧୫୨ ରନରେ ଜିତି ସ୍ଥିତି ଟେଷ୍ଟ ସିରିଜକୁ ୧-୧ କରିବାକୁ ମଧ୍ୟ ସକ୍ଷମ ହୋଇଛି।

# ପିଚ୍‌ରେ ଡିଆଁ ମାରି ରିଷଭ ପନ୍ତଙ୍କୁ ରକ୍ଷା କଲେ ସରଫରାଜ

**ବେଙ୍ଗାଲୁରୁ,୧୯।୧୦:** ନ୍ୟୁଜିଲାଣ୍ଡ ବିପକ୍ଷ ବେଙ୍ଗାଲୁରୁ ଟେଷ୍ଟରେ ଟିମ ଇଣ୍ଡିଆ ପାଇଁ ସରଫରାଜ ଖାନ ଶତକ ହାସଲ କରିଛନ୍ତି। ସରଫରାଜଙ୍କ ଏହି ଇନିଂସ ସହ ଜଡିତ ଏକ ମଜାଦାର ଭିଡିଓ ସାମ୍ନାକୁ ଆସିଛି। ଏଥିରେ ସେ ରିଷଭ ପନ୍ତଙ୍କୁ ରନ ସ୍କୋର କରିବାରେ ଅଟକାଉଥିବାର ନଜର ଆସିଛନ୍ତି। ଯଦି ପନ୍ତ ଦୌଡ଼ିଥାନ୍ତେ, ତେବେ ସେ ରନଆଉଟ ହୋଇଯାଇଥାନ୍ତେ।

ସରଫରାଜ ଭାରତ ପାଇଁ ଚତୁର୍ଥ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ। ରିଷଭ ପନ୍ତ ପାଞ୍ଚ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ। ମ୍ୟାଚର ଚତୁର୍ଥ ଦିନରେ ସରଫରାଜ ଏକ ସିଙ୍ଗଲ ନେଇଥିଲେ। ଏହା ପରେ ରିଷଭ ଦ୍ୱିତୀୟ ରନ ପାଇଁ ଦୌଡୁଥିଲେ। କିନ୍ତୁ ସରଫରାଜ ତାଙ୍କୁ ଅଟକାଇଥିଲେ। ପନ୍ତ ଦୌଡି ପଳାଇ



ଥିଲେ। ତାଙ୍କୁ ଅଟକାଇବା ପାଇଁ ସରଫରାଜ ପିଚରେ ଡେଇଁବା ଆରମ୍ଭ କରିଥିଲେ। ଏହା ଦେଖି ଟିମ ଇଣ୍ଡିଆର ଡ୍ରେସିଂ ରୁମରେ ବସିଥିବା ଖେଳାଳିମାନେ ମଧ୍ୟ ହସିବାକୁ ଲାଗିଲେ। ସରଫରାଜଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭାରତ ପାଇଁ ସରଫରାଜ ଚମତ୍କାର ପ୍ରଦର୍ଶନ କରିଥିଲେ। ମଧ୍ୟାହ୍ନ ଭୋଜନ ବିରତି ପର୍ଯ୍ୟନ୍ତ ସେ ୧୫୪ ବଲ ସମ୍ମୁଖରେ ଅପରାଜିତ ୧୨୫ ରନ ସ୍କୋର କରିଥିଲେ। ସରଫରାଜଙ୍କ ଏହି ଇନିଂସରେ ୧୬ ଚୌକା ଓ ୩ ଛକା ସାମିଲ ଅଛି। ପନ୍ତ ୫୩ ରନ ସଂଗ୍ରହ କରିଥିଲେ। ମଧ୍ୟାହ୍ନ ଭୋଜନ ବିରତି ପର୍ଯ୍ୟନ୍ତ ପନ୍ତ ମଧ୍ୟ ଅପରାଜିତ ରହିଥିଲେ। ୫୬ ବଲର ସମ୍ମୁଖୀନ ହୋଇ ସେ ୫ ଚୌକା ଓ ୩ ଛକା ମାରିଥିଲେ। ମ୍ୟାଚର ପ୍ରଥମ ଇନିଂସରେ ଟିମ ଇଣ୍ଡିଆର ପ୍ରଦର୍ଶନ ଅତ୍ୟନ୍ତ ଖରାପ ଥିଲା। ସରଫରାଜ ଖାନ ଶୂନ୍ୟରେ ଆଉଟ ହୋଇଥିଲେ। ୨୦ ରନ ସ୍କୋର କରି ପନ୍ତପାଭିଲିୟନକୁ ଫେରିଥିଲେ। କେଏଲ ରାହୁଲ ଏବଂ ବିରାଟ କୋହଲି ମଧ୍ୟ ଶୂନରେ ଆଉଟ ହୋଇଥିଲେ। ଟିମ ଇଣ୍ଡିଆ ୪୬ ରନ ସ୍କୋରରେ ଅଲଆଉଟ ହୋଇଥିଲା।

## ସର୍ବଭାରତୀୟ ସୁପର ସିରିଜ୍ ଟେନିସ୍

# ଆହାନଙ୍କୁ ତ୍ରିମୁକୁଟ, ଆହନ, ଶାଜଫାଙ୍କୁ ଦ୍ୱିମୁକୁଟ

**ଭୁବନେଶ୍ୱର,୧୯।୧୦:** ଏଆଇଟିଏ-ଓଟିଏ ସର୍ବଭାରତୀୟ ସୁପର ସିରିଜ୍ ୧୪ ଓ ୧୬ ବର୍ଷରୁ କମ୍ ରାଙ୍କିଂ ଟେନିସ୍ ପ୍ରତିଯୋଗିତା ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଶେଷ ହୋଇଛି। ୧୪ ଓ ୧୬ ବର୍ଷରୁ କମ୍ ବାଳକ ଏକକ ଏବଂ ୧୬ ବର୍ଷରୁ କମ୍ ବାଳକ ଯୁଗଳରେ ଟ୍ରଫି ଜିତି ଆହାନ ମିଶ୍ର ତ୍ରିମୁକୁଟ କରାୟତ୍ତ କରିଛନ୍ତି। ୧୪ ବର୍ଷରୁ କମ୍ ଫାଇନାଲ୍ରେ ସେ ଉତ୍ତରପ୍ରଦେଶର କେସ୍ତୁଭ ସିଂହଙ୍କୁ ୬-୦, ୬-୦ ସେଟରେ ଏବଂ ୧୬ ବର୍ଷରୁ କମ୍ ଫାଇନାଲରେ କର୍ଣ୍ଣାଟକର ଅଭିବାଦ୍ୟ ମିଶ୍ରାଙ୍କୁ ୬-୩, ୬-୧ ସେଟରେ ପରାସ୍ତ କରିଛନ୍ତି। ସେହିପରି ୧୬ ବର୍ଷରୁ କମ୍ ବାଳକ ଯୁଗଳରେରେ ଆହାନ ଓ କର୍ଣ୍ଣାଟକର ଅଭିବାଦ୍ୟ ୬-୨, ୬-୧ ସେଟ୍ରେ ଓଡ଼ିଶା ଯୋଡ଼ି ଅଂଶୁମାନ ଆଚାର୍ଯ୍ୟ ଓ ସୁତବ୍ୟ କର୍ମକାରଙ୍କୁ ପରାସ୍ତ କରିଥିଲେ। ୧୬ ବର୍ଷରୁ କମ୍ ବାଳିକା ଏକକ ଓ ଯୁଗଳରେ ଓଡ଼ିଶାର ଏକ ନମ୍ବର ଖେଳାଳି ଦ୍ୱିମୁକୁଟ ପାଇଛନ୍ତି।

ଜାତୀୟ ପ୍ରତିଯୋଗିତାରେ ଦ୍ୱିମୁକଟ ହାସଲ କରିଥିବା ଆହନ ଏକକରେ ତାମିଲନାଡୁର ଜେମିମା ରେବେକା ଖ୍ରୀଷ୍ଟିନ ଜନ୍‌ଙ୍କୁ ସିଧାସଳଖ ୬-୦, ୬-୦ ସେଟ୍ରେ ଏବଂ ଯୁଗଳରେ ସେ ଓ ତାଙ୍କ ସାଥୀ ଶାଜଫା ସେଖ୍ ୬-୧, ୬-୪ ସେଟରେ ପଶ୍ଚିମବଙ୍ଗର ସୁଦୀକ୍ଷା ବାନାର୍ଜୀ ଓ ତାମିଲନାଡୁର ରେବେକାଙ୍କୁ ହରାଇଥିଲେ। ୧୪ ବର୍ଷରୁ କମ୍ ବାଳିକା ଫାଇନାଲରେ ଦୁଇ ଓଡ଼ିଆ ଝିଅ ଖେଳି ଓଡ଼ିଶାକୁ ୧-୨ ସଫଳତା ଦେଇଛନ୍ତି। ଶାଜଫା ୪-୬, ୬-୩, ୬-୨ ସେଟରେ ଚତୁର୍ଥ ମାନ୍ୟତାପ୍ରାପ୍ତ ସଂରଚନା ଦାସଙ୍କୁ ହରାଇ ଟ୍ରଫି ହାତେଇଛନ୍ତି। ଏଥିସହ ଶାଜଫା ମଧ୍ୟ ଦ୍ୱିମୁକୁଟ ସଫଳତା ପାଇଛନ୍ତି। ୧୪ ବର୍ଷରୁ କମ୍ ବାଳକ ଯୁଗଳରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଦିଲ୍ଲୀର ଅର୍ଶ କାଠୁରିଆ ଓ ଆସାମର ଋନ୍ଦୋଗ୍ୟ ତ୍ରିଦେବ ପାଠକ ୭-୫, ୬-୩ ସେଟ୍ରେ କର୍ଣ୍ଣାଟକର ଯଶ କୁମାର ଓ ଉତ୍ତରପ୍ରଦେଶର କେସ୍ତୁଭ ସିଂହଙ୍କୁ ମାତ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଓଟିଏର ଯୁଗ୍ମ ସମ୍ପାଦକ ତଥା ପ୍ରତିଯୋଗିତା ନିର୍ଦ୍ଦେଶକ ସଂଜୀବ ପଣ୍ଡା, ଓଟିଏ ପ୍ରଶାସନିକ ଅଧିକାରୀ ସମ୍ମିତ ପଟ୍ଟନାୟକ ଓ ଏଆଇଟିଏ ପର୍ଯ୍ୟବେକ୍ଷକ ପ୍ରବୀଣ କୁମାର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ।

# ନ୍ୟୁଜିଲ୍ୟାଣ୍ଡର ୩୫୬ ରନର ଲିଡ୍ ଦେଇ ରେକର୍ଡ କଲା ଭାରତ

**ନୂଆଦିଲ୍ଲୀ,୧୯।୧୦:** ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତୀୟ ଟିମ ଜବରଦସ୍ତ କମବ୍ୟାକ କରିବାକୁ ନେଇ ଏବେ ସବୁଠି ଚର୍ଚ୍ଚା। ପ୍ରଥମ ଇନିଂସରେ ମାତ୍ର ୪୬ ରନରେ ଅଲଆଉଟ ହୋଇଯାଇଥିବା ଭାରତୀୟ ଟିମ ଦ୍ୱିତୀୟ ଇନିଂସରେ ନିଜର ଦମ ଦେଖାଇଛି।

ନ୍ୟୁଜିଲ୍ୟାଣ୍ଡ ପ୍ରଥମ ଇନିଂସରେ ବିଶାଳ ୩୫୬ ରନର ଲିଡ ହାସଲ କରିଥିଲା। ହେଲେ ଭାରତ ଏହାକୁ ପରିଶୋଧ କରି ନୂଆ ରେକର୍ଡ ସୃଷ୍ଟି କରିଛି। ଭାରତୀୟ ଟେଷ୍ଟ ଇତିହାସରେ ଦ୍ୱିତୀୟ ଥର ପାଇଁ ଏତେ ବଡ଼ ଲିଡକୁ ଦଳ ଘରୋଇ ମାଟିରେ ପରିଶୋଧ କରିବାକୁ ସକ୍ଷମ ହୋଇଛି।

ଯୁବ ତାରକା ସର୍ଫରାଜଙ୍କ ମେଡନ ଶତକ (ପରେ ୧୫୦ ରନ କରି ସେ ଆଉଟ ହୋଇଛନ୍ତି) ଓ ଋଷଭ ପନ୍ତଙ୍କ ୯୯ ରନ ବଳରେ ଭାରତ ପ୍ରଥମ ଟେଷ୍ଟରେ କମବ୍ୟାକ କରିବାକୁ ସକ୍ଷମ ହୋଇଛି। ଏଥିସହ ଭାରତ ଏବେ ଲିଡ୍ ହାସଲ କରି ନେଇଛି।

ଭାରତ ଦ୍ୱିତୀୟ ଥର ପାଇଁ ଘରୋଇ ମାଟିରେ ଏତେ ବଡ଼ ଲିଡକୁ ହଟାଇବାକୁ ସକ୍ଷମ ହେବା ସହ ମ୍ୟାଚରେ ଟ୍ୱିଷ୍ଟ ଆଣିଛି। ତାଲିକାର ପ୍ରଥମ ସ୍ଥାନରେ ୩୮୦ ରନ ରହିଛି। ୧୯୮୫ ମସିହା ଚେନ୍ନାଇ ଟେଷ୍ଟରେ ଇଂଲଣ୍ଡ ୩୮୦ ରନ ଲିଡ୍ ହାସଲ କରିଥିଲା। ହେଲେ ପ୍ରତିପକ୍ଷର ଏତେ ବଡ଼ ଲିଡ଼କୁ ଭାରତୀୟ ଟିମ ଅକାମୀ କରିବା ସହ ମ୍ୟାଚରେ କମବ୍ୟାକ କରିଥିଲା। ଘରୋଇ ମାଟିରେ ଭାରତ ପରିଶୋଧ କରିଥିବା ଲିଡ୍।



୧- ୩୮୦ ବନାମ ଇଂଲଣ୍ଡ- ୧୯୮୫, ୨- ୩୫୬ ବନାମ ନ୍ୟୁଜିଲ୍ୟାଣ୍ଡ - ୨୦୨୪, ୩- ୩୩୪ ବନାମ ଶ୍ରୀଲଙ୍କା - ୨୦୦୯, ୪- ୨୯୩ ବନାମ କାନପୁର - ୧୯୬୪, ୫- ୨୭୪ ବନାମ ଅଷ୍ଟ୍ରେଲିଆ - ୨୦୦୧, ୬ - ୨୨୯ ବନାମ ୱେଷ୍ଟଇଣ୍ଡିଜ - ୧୯୫୯, ବିଦେଶ ମାଟିରେ ଭାରତ ପରିଶୋଧ କରିଥିବା ଲିଡ୍, ୧- ୩୮୬ ବନାମ ଇଂଲଣ୍ଡ - ୧୯୬୭, ୨- ୩୬୮ ବନାମ ଇଂଲଣ୍ଡ - ୧୯୩୬, ୩- ୩୪୦ ବନାମ ପାକିସ୍ତାନ - ୧୯୭୮-୭୯, ୪- ୩୧୪ ବନାମ ନ୍ୟୁଜିଲ୍ୟାଣ୍ଡ - ୨୦୦୮-୦୯, ୫- ୩୦୫ ବନାମ ଇଂଲଣ୍ଡ - ୧୯୮୨, ୬- ୩୦୨ ବନାମ ଇଂଲଣ୍ଡ - ୧୯୫୨।

ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ୪ର୍ଥ ଦିନ ଖେଳ ଆରମ୍ଭ ହେବା ବେଳକୁ ଭାରତ ୧୨୫ ରନ ପଛରେ ରହିଥିଲା ସର୍ଫରାଜ ଖାନ ତୃତୀୟ ଦିନରୁ ୭୦ ରନ କରି ଅପରାଜିତ ରହିଥିବା ବେଳେ ତାଙ୍କ ସହ ନୂଆ ବ୍ୟାଟର ଭାବେ ଋଷଭ ପନ୍ତ ଆସିଥିଲେ। କାରଣ ତୃତୀୟ ଦିନର ଶେଷ ବଲରେ ବିରାଟ କୋହଲି(୭୦)ଙ୍କୁ ଗ୍ଲେନ ଫିଲିପ୍ସ ଆଉଟ କରିଦେଇଥିଲେ। ତୃତୀୟ ଦିନର ଷ୍ଟମ୍ପ ଅପସାରଣ ବେଳେ ଭାରତର ସ୍କୋର ୨୩୧/୩ ରହିଥିଲା।

ଆରମ୍ଭରୁ ଦୁହେଁ ଜବରଦସ୍ତ ବ୍ୟାଟିଂ କରିଥିଲେ। ସର୍ଫରାଜ ମଧ୍ୟ ନିଜ ଟେଷ୍ଟ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ଲିଡ ପରିଶୋଧ କରିବା ଠାରୁ ଭାରତ ଆଉ ମାତ୍ର କିଛି ରନ ପଛରେ ଥିବା ବେଳେ ହଠାତ ବର୍ଷା ହୋଇଥିଲା। ଏଥିଯୋଗୁ ୯୯ ମିନିଟ ଧରି ମ୍ୟାଚ ବନ୍ଦ ରହିଥିଲେ। ତେବେ ବର୍ଷା ଛାଡ଼ିବା ପରେ ଭାରତ ଲିଡ ଶୁଝି ଆଗକୁ ବଢ଼ିଥିଲା। ସର୍ଫରାଜ ୧୫୦ ରନ ହାସଲ କରିବା ସହ ପନ୍ତ ମଧ୍ୟ ଶତକ ଦିଗରେ ଆଗେଇ ଥିଲେ। କିନ୍ତୁ ସର୍ଫରାଜ ୧୫୦ ଓ ପନ୍ତ ୯୯ ରନରେ ଆଉଟ ହୋଇଯାଇଛନ୍ତି।

# କଳାକୌଶଳ ପାଇଁ ୪୦୦ ଜଣଙ୍କୁ ପ୍ରମାଣପତ୍ର

**ଭୁବନେଶ୍ୱର,୧୯।୧୦:** ସାମସଙ୍ଗ ଭାରତର ଫ୍ଲାଗସିପ ସିଏସଆର କାର୍ଯ୍ୟକ୍ରମ, ଉତ୍ତର ପ୍ରଦେଶ ଗ୍ରେଟର ନଏଡ଼ାସ୍ଥିତ ଗୌତମବୁଦ୍ଧ ବିଶ୍ୱବିଦ୍ୟାଳୟଠାରେ ସମାପ୍ତ ହୋଇଥିବା ସାମସଙ୍ଗ ଇନୋଭେସନ କ୍ୟାମ୍ପସ ଅନ୍ତର୍ଗତ ଆର୍ଟିଫିସିଆଲ ଇଂଟେଲିଜେନସି ଏଆଇ କାର୍ଯ୍ୟକ୍ରମ ମାଧ୍ୟମରେ ୪୦୦ ଜଣ ଅଧ୍ୟୟନକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଛି ଯାହାକି ଏହି ବ୍ରାଣ୍ଡର ଦେଶରେ ଥିବା ଏହାର ଦୃଢ଼ ସହଭାଗୀତା ଏବଂ ସରକାରଙ୍କ ସହିତ ସହଯୋଗୀତାରେ ଦେଶର ଯୁବ ଏବଂ ଡ଼ିଜିଟାଲ ଇଣ୍ଡିଆକୁ ଶକ୍ତିଶାଳୀ କରିବା ପାଇଁ ରହିଥିବା ବଚନବଦ୍ଧତା ପାଇଁ ଏହା ଦୃଢ଼ ପରିକର। ଅଧ୍ୟୟନକାରୀମାନଙ୍କୁ ଏକ ଉତ୍ସବରେ ଏହି ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ଯେଉଁଥିରେ ଗୌତମ ବୁଦ୍ଧ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଆର.କେ. ସିହ୍ନା ଉପସ୍ଥିତ ହେବା ସହିତ ସାମସଙ୍ଗ ତଥା ଇଲେକ୍ଟ୍ରୋନିକ୍ସ ସେକ୍ଟର ସ୍କିଲସ କାଉନସିଲ ଅଫ ଇଣ୍ଡିଆ (ଇଏସଏସସିଆଇ)ର ଉଚ୍ଚ ପଦସ୍ଥ କର୍ମଚାରୀମାନେ ଏଥିରେ ଯୋଗ ଦେଇଥିଲେ। ଚଳିତ ବର୍ଷ କାର୍ଯ୍ୟକ୍ରମର ସମସ୍ତ କାର୍ଯ୍ୟକ୍ରମ ପରିସମାପ୍ତି ପରେ ପ୍ରତ୍ୟେକ ବିଭାଗରେ ଉନ୍ନତ ଟପରମାନେ ଏକ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରାପ୍ତି ହେବା ସହିତ ଦିଲ୍ଲୀ/ଏନସିଆରରେ ଅବସ୍ଥାପିତ ସାମସଙ୍ଗର ସମସ୍ତ ଉପଲବ୍ଧ କେନ୍ଦ୍ର ପରିଦର୍ଶନର ସୁବିଧା ପାଇପାରିବେ। ଏହି ପରିଦର୍ଶନ ସମୟରେ ସେଠାରେ ସେମାନେ ସାମସଙ୍ଗର ନେତୃତ୍ୱ ନେଇଥିବା ଦଳଗୁଡ଼ିକ ସହିତ ମିଶିବାର ସୁଯୋଗ ପାଇପାରିବେ।

# ଯୁବା ସଙ୍ଗମ ପର୍ଯ୍ୟାୟ ୫ ପାଇଁ ଅନ୍‌ଲାଇନ ପଞ୍ଜିକରଣ

**ଭୁବନେଶ୍ୱର,୧୯।୧୦:** ଏକ୍ ଭାରତ ଶ୍ରେଷ୍ଠ ଭାରତ (ଇବିଏସବି) କାର୍ଯ୍ୟକ୍ରମ ଅଧୀନରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଅନନ୍ୟ ପ୍ରୟାସ ଯୁବା ସଙ୍ଗମରେ ଭାରତର ହଜାର ହଜାର ଯୁବବର୍ଗ ସେମାନଙ୍କ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିତ୍ୱ କରିବାର ସୁଯୋଗ ରହିଛି। ଯୁବା ସଙ୍ଗମର ଏହା ୫ମ ପର୍ଯ୍ୟାୟ ଏବଂ ଅନ୍‌ଲାଇନ ପଞ୍ଜିକରଣ ୨୦୨୪ ଅକ୍ଟୋବର ୨୧ ତାରିଖ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିଛି। ୧୮-୩୦ ବର୍ଷ ବୟସର ଆଗ୍ରହୀ ପ୍ରାର୍ଥୀ, ମୁଖ୍ୟତଃ ଛାତ୍ର ଛାତ୍ରୀ, ଏନଏସଏସ/ଏନୱାଇକେଏସ୍ ସ୍ୱେଚ୍ଛାସେବୀ, ନିଯୁକ୍ତ/ଆତ୍ମନିଯୁକ୍ତ ବ୍ୟକ୍ତି ଆଦି ଧାର୍ଯ୍ୟ ସମୟ ପୂର୍ବରୁ ଯୁବା ସଙ୍ଗମ ପୋର୍ଟାଲ ଜରିଆରେ ନାମ ପଞ୍ଜିକରଣ କରିପାରିବେ। ଯେଉଁମାନେ କୌଶଳୀ ପ୍ରତିଷ୍ଠାନ ଆଦିରେ ଅନ୍‌ଲାଇନ ପାଠ୍ୟକ୍ରମ ନିମନ୍ତେ ନାମ ଲେଖାଇଛନ୍ତି ସେମାନଙ୍କ ସମେତ ଅଫ୍ କ୍ୟାମ୍ପସ ଯୁବବର୍ଗଙ୍କୁ ମଧ୍ୟ ଏଥିପାଇଁ ପଞ୍ଜିକରଣ କରିବାକୁ ନିବେଦନ କରାଯାଉଛି।

"ଏହା ଛାତ୍ର ଛାତ୍ରୀ ଏବଂ ଯୁବ ବୃତ୍ତିଧାରୀଙ୍କୁ ରାଷ୍ଟ୍ର, ଏହାର ଜନସାଧାରଣ ଏବଂ ଏପରିକି ସେମାନଙ୍କ ନିଜ ସମ୍ପର୍କରେ ୫-୭ ଦିନ ଧରି ଏହି ରୂପାନ୍ତରଣକାରୀ ଯାତ୍ରା ଜରିଆରେ ଶିକ୍ଷା ଲାଭ କରିବାର ଏକ ଆକର୍ଷଣୀୟ ସୁଯୋଗ ପ୍ରଦାନ କରୁଛି। ଯୁବା ସଙ୍ଗମ ଅଂଶଗ୍ରହଣକାରୀଙ୍କୁ ଭାରତର ବିବିଧତା ସମ୍ପର୍କରେ ପ୍ରତ୍ୟକ୍ଷ ଭାବରେ ଅନୁଭୂତି ହାସଲ କରିବା, ସାଂସ୍କୃତିକ-ସାମାଜିକ ସମାନତା ଏବଂ ଚାଲେଞ୍ଜଗୁଡ଼ିକ ସମ୍ପର୍କରେ ଅବଗତ ହେବା ଏବଂ ସମସ୍ୟାଗୁଡ଼ିକର ମୁକାବିଲା ନିମନ୍ତେ ଅନ୍ତର୍ନିବେଶୀ ସମାଧାନ ବିକଶିତ କରିବା ଅଥବା ସେମାନଙ୍କର ବୃତ୍ତିଗତ / ଶିକ୍ଷାଗତ ବିଦ୍ୱତା ଜରିଆରେ ସୁଯୋଗ ସୃଷ୍ଟିକରିବା।

# ଟୟୋଟା 'ଫେଷ୍ଟିଭାଲ ଲିମିଟେଡ ସଂସ୍କରଣ'ର ବଜାର ପ୍ରବେଶ

**ଭୁବନେଶ୍ୱର,୧୯।୧୦:** ପାର୍ବଣ ଋତୁରେ ଟୟୋଟା କିର୍ଲୋସ୍କର ମୋଟର ପକ୍ଷରୁ ଟୟୋଟା ଗ୍ଲାନଜାର 'ଫେଷ୍ଟିଭାଲ ଲିମିଟେଡ ସଂସ୍କରଣ'ର ବଜାର ପ୍ରବେଶ ପାଇଁ ଘୋଷଣା କରାଯାଇଛି। ଗ୍ରାହକମାନେ ଏହା ସହିତ ଏକ୍ସକ୍ଲୁସିଭ ଡିଲର-ଫିଟ ହୋଇଥିବା ଟୟୋଟା ଜେନୁଏନ ଆକସେସୋରିଜ୍ (ଟିଜିଏ) ପ୍ୟାକେଜର ସୁବିଧା ହାସଲ କରିପାରିବେ। ପାର୍ବଣଋତୁ ଅବସରରେ ଗ୍ଲାନଜାକୁ ବର୍ଦ୍ଧିତ ଶୈଳୀ, କାର୍ଯ୍ୟଦକ୍ଷତା ଏବଂ ଆରାମ ଦାୟକ ସୁବିଧା ସହିତ ଗ୍ରାହକଙ୍କର ଡ୍ରାଇଭିଂ ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଡିଜାଇନ କରାଯାଇଛି।

ଏହାର ଉନ୍ନତ ଜ୍ଞାନକୌଶଳ, ହାଲୁକା ଡିଜାଇନ ଏବଂ ଉଚ୍ଚ ଇନ୍ଧନ ଦକ୍ଷତା ଗ୍ରାହକଙ୍କୁ ବେଶ୍ ପସନ୍ଦ ଆସିବ। ୨୦୧୯ ଠାରୁ ସୀମିତ-ସଂସ୍କରଣ ଟୟୋଟା ଗ୍ଲାନଜା ୧୩ ଏକ୍ସକ୍ଲୁସିଭ ୨୦,୫୬୭ ଟଙ୍କାର ମୂଲ୍ୟର ଟିଜିଏ ପ୍ୟାକେଜ ସହିତ ସଜ୍ଜିତ ହୋଇଛି। ଏଥିରେ ପ୍ରିମିୟମ କ୍ରୋମ ଏବଂ ବ୍ଲାକ ବଡି ସାଇଡ ମୋଲିଡିଂ, ପଛ ଡୋର୍ ଗାର୍ନିସ କ୍ରୋମ ଏବଂ ଓଆରଭିଏମ ଗାର୍ନିସ କ୍ରୋମ ଭଳି ଷ୍ଟାଣ୍ଡଆଉଟ ଉପାଦାନ ରହିଛି। ଅତିରିକ୍ତ ବୈଶିଷ୍ଟ୍ୟ ଗୁଡିକ ମଧ୍ୟରେ ରେ ୩ଡି ଫ୍ଲୋର୍ମାଟ, ଡୋର୍ ଭିଜର ପ୍ରିମିୟମ ଏବଂ ଅତିରିକ୍ତ ଆରାମ ପାଇଁ ବ୍ଲାକ୍ ଏବଂ ସିଲଭର ରଙ୍ଗର ନେକ୍ କୁସନ ରହିଛି। ଟୟୋଟା ଗ୍ଲାନଜାର ଷ୍ଟାଇଲିସ ବୈଶିଷ୍ଟ୍ୟ ମଧ୍ୟରେ ପଛ ବମ୍ପର, ଫେଣ୍ଡର ଏବଂ ରିଅର ରିଫ୍ଲେକ୍ଟର, ୱେଲକମ୍ ଡୋର୍ ଲ୍ୟାମ୍ପରେ କ୍ରୋମ ଗାର୍ନିସ ସହିତ ଅଧିକ ସମୃଦ୍ଧ ହୋଇଛି।

# ଜାୱା ୟେଜଦି ମୋଟରସାଇକେଲର ସର୍ବବୃହତ ଡିଲରସିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର,୧୯।୧୦:** ଭାରତର 'ନିଓ-କ୍ଲାସିକ୍' ମୋଟରସାଇକେଲ ବର୍ଗର ଅଗ୍ରଣୀ ଜାୱା ୟେଜଦି ମୋଟରସାଇକେଲ୍ ପକ୍ଷରୁ ଆଜି ଭୁବନେଶ୍ୱରରେ ୪୨ ଲାଇଫ୍' ସିରିଜର ନୂତନ ୩୫୦ ଜାୱା ୪୨ ଏଫଜେର ଉନ୍ମୋଚନ କରାଯାଇଛି। ଏହି ଉନ୍ମୋଚନ ବ୍ରାଣ୍ଡ ଆଇକନିକ୍ ବିଏସ୍ଏ ଗୋଲ୍ଡ ଷ୍ଟାର ୬୫୦ର ଶୁଭାରମ୍ଭ କରିବା ସହ ଓଡ଼ିଶାର ସର୍ବବୃହତ ସୋ'ରୁମକୁ ଉଦଘାଟନ କରିଛି। ପାର୍ବଣ ଋତୁ ପାଳନକୁ ଦୃଷ୍ଟିରେ ରଖି ଏହି ବ୍ରାଣ୍ଡ ଓଡ଼ିଶାରେ ଏହାର ସର୍ବବୃହତ୍ ସୋ'ରୁମକୁ ଉଦଘାଟନ କରିଛି। ଭୁବନେଶ୍ୱର ଖଣ୍ଡଗିରିରେ ଥିବା ଲକ୍ଷିତା ଅଟୋମୋବାଇଲସ୍ ନାମକ ଏହି ନୂଆ ସୋ'ରୁମରେ ଜାୱା, ୟେଜଦି ଓ ବିଏସଏ ମୋଟରସାଇକେଲର ସମ୍ପୂର୍ଣ୍ଣ ରେଞ୍ଜ ଉପଲବ୍ଧ ହେବ। ଏଥି ସହିତ ଅତ୍ୟାଧୁନିକ ଡିଲରସିପ୍‌ରେ ଉଚ୍ଚ ପ୍ରଶିକ୍ଷିତ ଟେକ୍ନିସିଆନଙ୍କ ଦ୍ୱାରା ପରିଚାଳିତ ସର୍ଭିସ୍ ସେଂଟର ରହିଛି ଯାହା ଉତ୍ତମ ଗ୍ରାହକ ସେବା ଏବଂ ବିକ୍ରୟ ପରବର୍ତୀ ସହାୟତା ସୁନିଶ୍ଚିତ କରିବ। ଏହାର ଦ୍ରୁତ ଆଂଚଳିକ ସମ୍ପ୍ରସାରଣ ଜାରି ରଖି ଜାୱା ୟେଜଦି ମୋଟରସାଇକେଲ୍ସ ଓଡ଼ିଶାରେ ଏହାର ଡିଲରସିପ୍ ନେଟୱାର୍କକୁ ୧୩ରୁ ୨୦ଟି ଆଉଟଲେଟ୍‌କୁ ବୃଦ୍ଧି କରିବ। ଏଥି ପାଇଁ ଖୁବ୍‌ଶୀଘ୍ର ଅତିରିକ୍ତ ୭ଟି ଟଚ୍ ପଏଂଟ୍ ଖୋଲିବାକୁ ଯାଉଛି। ଏହି ସମ୍ପ୍ରସାରଣ ସମଗ୍ର ରାଜ୍ୟରେ ଏହାର ବିକ୍ରି ଏବଂ ବିକ୍ରୟ ପରବର୍ତୀ ସେବା ପାଇଁ ଉପସ୍ଥିତି ବୃଦ୍ଧି କରିବା ବ୍ରାଣ୍ଡର ପ୍ରତିବଦ୍ଧତାକୁ ଦର୍ଶାଉଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ